R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୧୦
ତିଥି : ନବମୀ
୧୭ ଅଗଷ୍ଟ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ୍ ତରଙ୍ଗ ଟାବଲଏଡ୍ ସହ

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 310
17 Aug 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଆଲାସ୍କାରେ ଟ୍ରମ୍ପ-ପୁଟିନ୍ ଆଲୋଚନା

# ୟୁକ୍ରେନ୍ ଯୁଦ୍ଧର ନୂଆ ମୋଡ ଦେଲେ ଟ୍ରମ୍ପ




ନୂଆଦିଲ୍ଲୀ, ୧୬ ।୮ : ଆଲାସ୍କାରେ ଚାଲିଥିବା ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ ଓ ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ଆଲୋଚନାରେ କୌଣସି ସଠିକ୍ ନିଷ୍କର୍ସ ବାହାରିନଥିବା ସୂଚନା ମିଳିଛି । ଶନିବାର ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ଋଷ୍ ସହ ଯୁଦ୍ଧ ବନ୍ଦ କରିବାକୁ ୟୁକ୍ରେନ୍ ଏକ ଚୁକ୍ତି କରିବ । ଏହାର କାରଣ ହେଉଛି ଋଷ୍ ଏକ ବଡ କ୍ଷମତା କେନ୍ଦ୍ର, ସେମାନେ ନୁହଁନ୍ତି ।

ଟ୍ରମ୍ପ କହିଛନ୍ତି ଯେ ଆଲୋଚନା ସମୟରେ ସିଏ ଏବଂ ପୁଟିନ୍ ଆଗକୁ ଯାହା ଭଲ ହେବ ସେନେଇ ଆଲୋଚନା କରିଛନ୍ତି । ତେଣୁ ସିଧାସଳଖ ଶାନ୍ତି ଚୁକ୍ତି ହେବ ଯାହା ଯୁଦ୍ଧର ସମାପ୍ତି କରିବ । ହେଲେ କୌଣସି ଯୁଦ୍ଧ ବିରତି ଚୁକ୍ତି ହେବନାହିଁ । କିଛି ସମୟ ଲାଗି ଏହା ବନ୍ଦ ରହିବ । ଆଲାସ୍କାରେ ଏହି ଦୁଇ ନେତା ୩ ଘଣ୍ଟା ଧରି ରୁଦ୍ଧ ଦ୍ୱାର ବୈଠକ କରିଥିଲେ । ବୈଠକ ପରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍ସି କହିଛନ୍ତି ଯେ ସେ ଗଠନମୂଳକ ସହଯୋଗ ପାଇଁ ପ୍ରସ୍ତୁତ ଓ ତ୍ରିପାକ୍ଷିକ ବୈଠକକୁ ସମର୍ଥନ (୯ ପୃଷ୍ଠାରେ)

➢ ଅସ୍ତ୍ରବିରତି ନୁହେଁ, ହେବ ଶାନ୍ତି ଚୁକ୍ତି
➢ ଗ୍ୟାରେଣ୍ଟି ମାଗିଲେ ଜେଲେନ୍ସି

### ଆଲୋଚନାକୁ ଭାରତର ସ୍ୱାଗତ

ଭାରତ ଆଲାସ୍କାରେ ଟ୍ରମ୍ପ ଓ ପୁଟିନ୍ ଆଲୋଚନାକୁ ସ୍ୱାଗତ କରିଛି । କଥାବାର୍ତ୍ତା ଓ କୂଟନୀତି ମାଧ୍ୟମରେ ୟୁକ୍ରେନ୍ ଯୁଦ୍ଧର ଅବସାନ ଘଟାଇବା ହେଉଛି ଏକମାତ୍ର ରାସ୍ତା । ଏହି ନେତୃତ୍ୱମାନେ ଶାନ୍ତି ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

ଭାରତ ଆଶଙ୍କା କରୁଛି ଯେ ଏହି ଆଲୋଚନାରେ ଅନେକ ଅଗ୍ରଗତି ଘଟିଛି । ସେମାନେ ଆଗକୁ କଥାବର୍ତ୍ତା ଓ କୁଟନୈତିକ ମାଧ୍ୟମରେ ରାସ୍ତା ବାହାର କରନ୍ତୁ । ବିଶ୍ୱ ଏବେ ୟୁକ୍ରେନ୍ ଯୁଦ୍ଧର ସମାପ୍ତି ଦେଖିବାକୁ ଚାହୁଁଛି । ଡ୍ରୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଋଷ ଓ ଏହାର ବାଣିଜ୍ୟିକ (୯ ପୃଷ୍ଠାରେ)

## ପ୍ରକାଶ ପାଇଲା ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ

# ପାସ୍ ହାର ୫୬.୨୬%

କଟକ, ୧୬ ।୮ (ସବ୍ୟୁ) : ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ସପ୍ଲିମେଣ୍ଟାରୀ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଦ୍ୱିତୀୟ) ପରୀକ୍ଷା ଫଳ ଶନିବାରପ୍ରକାଶପାଇଛି । ଚଳିତଥର ସପ୍ଲିମେଣ୍ଟାରୀରେ ୧୯୪୪ କୃତକାର୍ଯ୍ୟ ହୋଇଥିବାବେଳେ ୫୬.୨୩ ପ୍ରତିଶତ ପାସ୍ ହାର ରହିଛି । ସେହିଭଳି ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୫୯୭୩ କୃତକାର୍ଯ୍ୟ ହୋଇଛନ୍ତି । ୫୫.୨୬ ପ୍ରତିଶତ ପାସ୍‌ହାର ହୋଇଛି । ଆସନ୍ତା ୧୮ ତାରିଖରୁ ଡିଜିଟାଲ ପ୍ରମାଣପତ୍ର ଅନଲାଇନ ଦ୍ୱାରା ମିଳିପାରିବ ଏବଂ ମୂଳ ପ୍ରମାଣପତ୍ର ଏକ ମାସ ପରେ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ପାଇପାରିବେ । ଅନ୍ୟପକ୍ଷରେ ଯୁକ୍ତ ଦୁଇ ନାମଲେଖା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । କାରଣ ଷ୍ଟୁଡେଣ୍ଟ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ (ସାମ୍‌ସ)ରେ ପରୀକ୍ଷା ଫଳ ଏବଂ ପ୍ରମାଣପତ୍ରର ତଥ୍ୟ ଅପଲୋଡ କରାଯାଇଥିବା ବକ୍ସିବଜାରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି ।

ରାଜ୍ୟରେ ଗତ ଜୁଲାଇ ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ଦଶମ ଶ୍ରେଣୀ ସପ୍ଲିମେଣ୍ଟାରୀ ଏବଂ ମୁକ୍ତ ବିଦ୍ୟାଳୟ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ୩୪୫୭ ପରୀକ୍ଷାର୍ଥୀ ଦଶମ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇଥିଲେ । ୪୭୪ଜଣ ଅନୁପସ୍ଥିତ ଥିବାବେଳେ ଏ-୨ ଗ୍ରେଡରେ ୩, ବି-୧ରେ ୧୪, ବି-୨ରେ ୩୯, ସି'ରେ ୧୧୩, ଡିରେ ୨୭୬ ଏବଂ ଇ ଗ୍ରେଡରେ ୫୨୩ କୃତକାର୍ଯ୍ୟ ହୋଇଛନ୍ତି । ୧୦୩୮ ଅକୃତକାର୍ଯ୍ୟ ହୋଇଛନ୍ତି । ସେହିଭଳି ମୁକ୍ତ ବିଦ୍ୟାଳୟରେ ୧୦୮୦୯ ପରୀକ୍ଷାର୍ଥୀ ପରୀକ୍ଷା (୯ ପୃଷ୍ଠାରେ)

## ଆସୁଛି ଆଉ ଏକ ଲଘୁଚାପ

# ୧୮ ରୁ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୬ ।୮ (ସବ୍ୟୁ) : ରାଜ୍ୟରେ ଗୋଟିଏ ଲଘୁଚାପ ନଯାଉଣୁ ପୁଣି ଆସୁଛି ଏକ ଲଘୁଚାପ । ୧୮ ତାରିଖ ବେଳକୁ ଉତ୍ତର-ପଶ୍ଚିମ ପାଶ୍ୱବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ୧୮ ଓ ୧୯ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଏନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ଆସନ୍ତାକାଲି (ରବିବାର) ଠାରୁ ୧୮ ପର୍ଯ୍ୟନ୍ତ କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଏବଂ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ବହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ସେଥିପାଇଁ ଏହି ଦୁଇ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ବାକି ଜିଲ୍ଲାଗୁଡ଼ିକରେ ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ ।

ତିନି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ
୧୮ ରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

୧୮ ତାରିଖରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଭାରୀ ବର୍ଷା ହୋଇପାରେ । ସେହିପରି ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ଗୋଟିଏ ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ବହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

୧୯ ତାରିଖରେ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର (୯ ପୃଷ୍ଠାରେ)

# ଟେକ୍-ହୋମ୍-ରାସନ୍‌ର ତଦାରଖ, ମୂଲ୍ୟାଙ୍କନ ବ୍ୟବସ୍ଥା ହେବ



ଭୁବନେଶ୍ୱର, ୧୬ ।୮ (ସବ୍ୟୁ) : ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ।

ବିଭାଗ ପକ୍ଷରୁ ଅପପୁଷ୍ଟି ରୋକିବା ପାଇଁ କାର୍ଯ୍ୟକାରୀ ହେଉଥିବା ଟେକ୍-ହୋମ୍-ରାସନ୍ ଯୋଜନାରେ ଦିଆଯାଉଥିବା ଖାଦ୍ୟ ବିଶେଷକରି ଛତୁଆ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ପାଇଁ ଉପଯୁକ୍ତ ତଦାରଖ ଓ ମୂଲ୍ୟାଙ୍କନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଥିଲେ ।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ବିଭିନ୍ନ ଯୋଜନାରେ ମୋଟ ୪୩,୯୨,୭୦୦ ହିତାଧିକାରୀଙ୍କୁ ବିଭିନ୍ନ ପୁଷ୍ଟି ଯୋଜନା ଅଧିନରେ ଟେକ୍-ହୋମ୍-ରେସନ୍ ରେ ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ଦିଆଯାଉଛି । ରାଜ୍ୟର ୫୪୬ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ । ତୁଆ ଉତ୍ପାଦନ କରାଯାଇ ସେଗୁଡିକର ବଣ୍ଟନ କରାଯାଉଛି । ଅପପୁଷ୍ଟି ରୋକିବା ପାଇଁ ପରିପୂରକ ପୁଷ୍ଟି ଯୋଜନା, କିଶୋରୀ ବାଳିକାଙ୍କ ପୁଷ୍ଟି ଯୋଜନା ଏବଂ ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

## ୧୨ ନୂଆ ଏନ୍‌ଏସି ଲାଗି ଚିଠା ନୋଟିସ୍

ଭୁବନେଶ୍ୱର, ୧୬ ।୮ (ସବ୍ୟୁ) : ରାଜ୍ୟ ସରକାର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ସଂଖ୍ୟା ବୃଦ୍ଧି କରିବେ । ୧୨ ନୂଆ ଏନ୍‌ଏସି ପାଇଁ ଚିଠା ନୋଟିସ୍ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି କରାଯାଇଛି । ନୋଟିସ୍‌ରେ ଅନୁଗୁଳ ଜିଲ୍ଲାର ପାଲଲହଡା, ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର, ବାଲେଶ୍ୱର ଜିଲ୍ଲାର ବସ୍ତା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷୀ, ଚିତ୍ରଳା, ରାୟଗଡା ଜିଲ୍ଲାର ବିଷମ କଟକ, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଓ ବାମରା, ଭଦ୍ରକ ଜିଲ୍ଲାର ତିରିଡି ଓ (୯ ପୃଷ୍ଠାରେ)

## ତୃତୀୟ ଲିଙ୍ଗୀଙ୍କ ପାଇଁ ଲାଗୁ ହେବ ସଂରକ୍ଷଣ

ଭୁବନେଶ୍ୱର, ୧୬ ।୮ (ସବ୍ୟୁ) : ତୃତୀୟ ଲିଙ୍ଗୀଙ୍କ ପାଇଁ ବଡ଼ ଘୋଷଣା । ନିଯୁକ୍ତି ବେଳେ ପରୀକ୍ଷା ନିୟମ ବଦଳିବ । ତୃତୀୟଲିଙ୍ଗୀଙ୍କ ପାଇଁ ରହିବ ସଂରକ୍ଷଣ ବ୍ୟବସ୍ଥା ।

କାର୍ଯ୍ୟକାରୀ ହେବ ସୁରକ୍ଷା ଆଇନ
ସବୁ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ତୃତୀୟଲିଙ୍ଗୀ ସୁରକ୍ଷା ଆଇନ କାର୍ଯ୍ୟକାରୀ କରାଯିବ । ଆବେଦନ ଫର୍ମରେ ତୃତୀୟଲିଙ୍ଗୀଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ରହିବ । ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ କମିଶନର ତଥା ସଚିବ ଆରଏସ ଗୋପାଳନ ଚିଠି ଲେଖିଛନ୍ତି ।

ଚିଠିରେ ଉଲ୍ଲେଖ କରାଯାଇଛି ଯେ, ତୃତୀୟଲିଙ୍ଗୀଙ୍କ ପାଇଁ ସ୍ୱତନ୍ତ୍ର କ୍ୟାଟେଗୋରୀ ରଖିବାକୁ କୁହାଯାଇଛି । ତୃତୀୟଲିଙ୍ଗୀ ସୁରକ୍ଷା ଆଇନ ୨୦୧୯ ଅନୁଯାୟୀ, ପୁରୁଷ ଓ ମହିଳାଙ୍କ ପରି ତୃତୀୟଲିଙ୍ଗୀଙ୍କ ପାଇଁ ଆବେଦନରେ ବ୍ୟବସ୍ଥା ପ୍ରସ୍ତାବ ରହିବ । ନିଯୁକ୍ତିଜନିତ ଆବେଦନ ଫର୍ମରେ ତୃତୀୟଲିଙ୍ଗୀଙ୍କ ପାଇଁ ବ୍ୟବସ୍ଥା ପାଇଁ ଚିଠି କରାଯାଇଛି । ଅଫଲାଇନ ହେଉ ବା ଅନଲାଇନ ପୁରୁଷ/ମହିଳା/ତୃତୀୟଲିଙ୍ଗୀଙ୍କ ପାଇଁ ସ୍ୱତନ୍ତ୍ର କଲମ ରଖିବାକୁ କୁହାଯାଇଛି । ଏ ସମ୍ପର୍କରେ ଭିନ୍ନକ୍ଷମ (୯ ପୃଷ୍ଠାରେ)

# ୨୮ ରେ ନୂଆଁଖାଇ ଲାଗି ଲଗ୍ନ ଧାର୍ଯ୍ୟ



ସମ୍ବଲପୁର, ୧୬ ।୮ (ସବ୍ୟୁ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଲାଗି ନନ୍ଦୋତ୍ସବ ତିଥିରେ ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ୨୮ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ପୂର୍ବାହ୍ନ ୧୦ଟା ୩୩ରୁ ୧୦ଟା ୫୫ ମିନିଟ୍ ମଧ୍ୟରେ ବିଶୁଦ୍ଧ ତୁଳା ଲଗ୍ନେ ମୀନ ନବାଂଶେ ମାଁ ସମଲେଇଙ୍କ ଠାରେ ନବାହ୍ନ ଲାଗି ହେବ। ତେଣୁ ସମ୍ବଲପୁର ସହର ଝାଡୁଆପଡ଼ା ବ୍ରହ୍ମପୁରା ମନ୍ଦିର ଠାରେ ଶ୍ରୀ ଶ୍ରୀ ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭା ବସି ଶନିବାର ଅପରାହ୍ନରେ ଏହି ଲଗ୍ନ ଧାର୍ଯ୍ୟ କରିଛନ୍ତି। ପ୍ରଥମେ ବିଷ୍ଣୁ ସହସ୍ର ନାମ ଜପ ପରେ ମାଁ ସମଲେଶ୍ୱରୀଙ୍କ ରାଶି ଅନୁଯାୟୀ ସମୟ ନିର୍ଘଣ୍ଟ ଧାର୍ଯ୍ୟ କରାଯାଇଛି। ମାଁ ସମଲେଶ୍ୱରୀଙ୍କ ୨୪/୧୧ ଶତଭିସା କୁମ୍ଭ ରାଶି ହୋଇଥିବା ବେଳେ ମନ୍ତ୍ର ଉଚ୍ଚାରଣ ପରେ ସମୟ ନିର୍ଘଣ୍ଟ ସ୍ଥିର କରାଯାଇଥିଲା। ଲଗ୍ନ ନିରୂପଣ ପରେ ମନ୍ଦିରରେ ଆଳତୀ କରାଯାଇଥିଲା । ପରମ୍ପରା ଅନୁସାରେ ବ୍ରହ୍ମପୁରା ମନ୍ଦିରର ପୂଜକ ଓ ଟ୍ରଷ୍ଟର ପ୍ରତିନିଧି ମାନେ ଲଗ୍ନପତ୍ରକୁ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ଉପସ୍ଥାପନା କରିଥିଲେ। ଧାର୍ଯ୍ୟ ସମୟରେ ପ୍ରଥମେ ମାଁଙ୍କ ଠାରେ ନବାହ୍ନ ଭୋଗ ଲାଗି ହେବା ପରେ ଅନ୍ୟ ଦେବା ଦେବୀଙ୍କ ଠାରେ ନୂଆଁଲାଗି ହେବ। ଏହାପରେ ପଶ୍ଚିମ ଓଡ଼ିଶାବାସୀ ନୂଆଁ ଖାଇବେ। ତେବେ ଲଗ୍ନ ଧାର୍ଯ୍ୟ ହେବା ପରେ ନୂଆଁଖାଇ ପାଇଁ ଯୋରସୋର ପ୍ରସ୍ତୁତି ଆରମ୍ଭ ହୋଇଛି। ଲଗ୍ନ ଧାର୍ଯ୍ୟରେ ପଣ୍ଡିତ ମହାସଭାର ମହେଶ୍ୱର ନାୟକ, ସୁଧାଂଶୁ ଶେଖର ପାଣିଗ୍ରାହୀ, ଅକ୍ଷୟ ପୁରୋହିତ, ବଂଶୀଧର ଶତପଥି, ଗିରିଜା ଶଙ୍କର ପଣ୍ଡା, ଝସକେତନ ହୋତା, ରବିନାରାୟଣ (୯ ପୃଷ୍ଠାରେ)

## ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ

ସୁନ୍ଦରଗଡ଼, ୧୬ ।୮ (ସବ୍ୟୁ) : ରାଉରକେଲା ଓଡିଶା ଝାଡ଼ଖଣ୍ଡ ସୀମାରେ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ । ସର୍ଚ୍ଚ ଅପରେସନ ବେଳେ ଜବତ ହେଲା ମାଓ ସାମଗ୍ରୀ ।

ସ୍ୱାଧୀନତା ଦିବସ ଅବସରରେ ଝାରଖଣ୍ଡର ଚାଇବାସାରେ ପୁଲିସ ଏବଂ ସୁରକ୍ଷାବାହିନୀକୁ ମାଓବାଦୀଙ୍କ ବିରୋଧରେ ବଡ଼ ସଫଳତା ମିଳିଛି । ଚାଇବାସା ଗୋଏଲକେରା ଥାନା ସରଣ୍ଡା ଜଙ୍ଗଲରୁ ସର୍ଚ୍ଚ ଅପରେସନ ବେଳେ ୪ଟି ଏସଏଲଆର ରାଇଫଲ, ୫୨୭ କାରତୁସ, ଡେଟୋନେଟର ସହ ଏସ୍ଏଲ୍ଆର ଏବଂ ଏଲ୍ଏମପିରେ ବ୍ୟବହାର ହେଉଥିବା ୧୦ ଟି ମାରାଜିନ ଏବଂ ମାଓବାଦୀଙ୍କ ଦୈନନ୍ଦିନ ବ୍ୟବହାରର ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି । ଜବତ ୪ଟି ଏସଏଲଆର ରାଇଫଲ ପୂର୍ବରୁ ପୋଲିସଠାରୁ ମାଓବାଦୀମାନେ ଲୁଟି ନେଇଥିଲେ । ତାହା ବର୍ତ୍ତମାନ ଜବତ କରିଛି ସୁରକ୍ଷା ବାହିନୀ । ଚାଇବାସା ପୋଲିସ ଏବଂ କୋବ୍ରା ବାଟାଲିୟନ ପକ୍ଷରୁ ଅପରେସନ ହୋଇଥିଲା । ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓମୁକ୍ତ ଭାରତ କରିବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଛି । ଏହି ଆଧାରରେ ମାଓ ଅପରେସନ୍ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଜୋରଦାର କରାଯାଉଛି ।

# ସମ୍ପତ୍ତି ଲୋଭରେ ପୁଅକୁ ପୋଡ଼ି ମାରିଦେଲେ






ବାପା, ସାବତ ମା', ଭାଇ ଗିରଫ

ଭୁବନେଶ୍ୱର/ବାଲିପାଟଣା, ୧୬।୮ (ସବ୍ୟୁ): ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ ସମ୍ପତ୍ତି ଲୋଭରେ ନିଆଁରେ ପୋଡି ପୁଅକୁ ହତ୍ୟା କରିବା ଘଟଣା ଭୁବନେଶ୍ୱରରେ ଚର୍ଚ୍ଚା ହେଉଛି। ପେଟ୍ରୋଲ ଢ଼ାଳି ବାପା- ସାବତ ମା- ସାବତ ଭାଇ ନିଆଁ ଲଗାଇ ଦେବା ପରେ ବଡ଼ ପୁଅ ଜ୍ୟୋତି ରଞ୍ଜନ ମଠିଆ (୪୨) ଗୁରୁତର ହୋଇ ନିକଟସ୍ଥ ଅଠାନ୍ତର ମେଡ଼ିକାଲକୁ ଚିକିତ୍ସା ପାଇଁ ଯାଇଥିଲେ। ଅବସ୍ଥା ଉଦ୍‌ବେଗ ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ମୃତ୍ୟୁ ହେବା ପରେ ପୋଲିସ୍ ଜ୍ୟୋତି ସ୍ତ୍ରୀଙ୍କ ଏତଲା ଆଧାରରେ ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରିଛି। ଗିରଫ ୩ ଜଣ ହେଲେ ବାପା ସୁରେନ୍ଦ୍ର ମଠିଆ (୭୪), ସାବତ ମା ପ୍ରଭାତୀ ମଠିଆ (୫୭) ଓ ସାବାତ ଭାଇ ପ୍ରଶାନ୍ତ କୁମାର ମଠିଆ (୩୪)। ୩ ଅଭିଯୁକ୍ତଙ୍କ ସମ୍ପର୍କରେ ଜୋନ-୪ ଏସିପି ଅଭିମନ୍ୟୁ ନାୟକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଛନ୍ତି। ଶନିବାର ସାଇଣ୍ଟିଫିକ୍ ଟିମ୍ ବାଲିପାଟଣା ଗାଁକୁ ଯାଇ ନମୂନା ସଂଗ୍ରହ କରି ତଦନ୍ତ ଆରମ୍ଭ କରିଛି।

ରାଜଧାନୀ ଉପକଣ୍ଠ ବାଲିପାଟଣା ଗ୍ରାମରେ ସୁରେନ୍ଦ୍ର ମଠିଆଙ୍କ ଘର। ସେ ପୋଲିସ୍ ବିଭାଗରେ ଚାକିରି କରିଥିଲେ। ବିବାହ ପରେ ପୁଅ ଜ୍ୟୋତିଙ୍କ ଜନ୍ମ ହୋଇଥିଲା। ପୁଅ ଜନ୍ମ ହେବାର ୫ରୁ ୩ ବର୍ଷ ପରେ ସୁରେନ୍ଦ୍ର ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ସୁରେନ୍ଦ୍ର ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତୀୟ ସ୍ତ୍ରୀ ପ୍ରଭାତୀଙ୍କର ପୁତ୍ର ସନ୍ତାନ ଜନ୍ମ ହେଲା । ଯାହାର ନାଁ ପ୍ରଶାନ୍ତ। ବଡ଼ ପୁଅ ଜ୍ୟୋତିର ବିବାହ ପରେ ତାର ମଧ୍ୟ ଛୋଟ ପୁଅ ଅଛନ୍ତି। ଦ୍ୱିତୀୟ ସ୍ତ୍ରୀର ପୁଅ ପ୍ରଶାନ୍ତ ମଧ୍ୟ ବିବାହ କରିଛି। ଦୁଇ ପୁଅ ବିବାହ ପରେ ସାବତ ସ୍ତ୍ରୀ ପ୍ରଭାତୀ କଳି ଝଗଡା କରି ନିଜ ପୁଅ ପ୍ରଶାନ୍ତ ନାଁରେ ସବୁ ସମ୍ପତ୍ତି କରାଇ ନେଇଥିଲା । ଜ୍ୟୋତି ଓ ତାର ପରିବାରକୁ ନିର୍ଯାତନା ଦେବା ସହ ଘରୁ ତଡି ଦେବାରୁ ସେ ବାହାରେ ଭଡ଼ାରେ ରହୁଥିଲା ।

ବଡ଼ ପୁଅ ଜ୍ୟୋତି ବାହାରେ ଭଡ଼ାକୁ ରହୁଥିଲେ ମଧ୍ୟ ବାଲିପାଟଣା ଥାନାରେ ଅଭିଯୋଗ କରିବାରୁ ପୋଲିସ ହସ୍ତକ୍ଷେପ କରି ତାଙ୍କୁ ଘରକୁ ଫେରାଇ ଆଣିଥିଲା। ଘରେ ସେମାନେ ଗୋଟିଏ ଆଜବେଷ୍ଟସ୍ ଘରରେ ଦୟନୀୟ ଅବସ୍ଥାରେ ରହୁଥିବା ବେଳେ ସୁରେନ୍ଦ୍ର ଦ୍ୱିତୀୟ ସ୍ତ୍ରୀ ପ୍ରଭାତୀ, ପୁଅ ପ୍ରଶାନ୍ତ ଓ ତାର ପିଲାମାନେ ଏକ (୯ ପୃଷ୍ଠାରେ)

## ମଙ୍ଗଳବାର ଏନ୍‌ଡିଏ ସଂସଦୀୟ ଦଳ ବୈଠକ

# ଘୋଷଣା ହୋଇପାରେ ଉପ-ରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ

ନୂଆଦିଲ୍ଲୀ, ୧୬ ।୮ : ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ସମସ୍ତ ସହଯୋଗୀ ଦଳର ସାଂସଦମାନଙ୍କର ବୈଠକ ମଙ୍ଗଳବାର ଅନୁଷ୍ଠିତ ହେବ। ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଏହି ବୈଠକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦର ଅଡିଟୋରିୟମ୍‌ରେ ଏନ୍‌ଡିଏର ସାଂସମାନଙ୍କୁ ସମ୍ବୋଧିତ କରିବେ। ତେବେ ଆଶା କରାଯାଉଛି ଯେ ମଙ୍ଗଳବାର ଏନ୍‌ଡିଏର ଉପ-ରାଷ୍ଟ୍ରପତି ପ୍ରାର୍ଥୀ କିଏ ହେବ ତାହା ଏହି ବୈଠକରେ ଘୋଷଣା ହୋଇପାରେ।

ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ଲାଗି ନିର୍ବାଚନ ହେବ। ଜଗଦୀପ ଧନଖଡ ଗତମାସରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଏହି ପଦବୀରୁ ଇସ୍ତଫା ଦେଇଥିଲେ । ଏନ୍‌ଡିଏ ସାଂସଦମାନଙ୍କ ମଧ୍ୟରେ ଏନେଇ ଏକ ବଡ ବାଧା ରହିଛି। ସେମାନେ ଏକାଠି ଅଛନ୍ତି ବୋଲି ଏହି ବୈଠକରେ ବାର୍ତ୍ତା ଦେବାକୁ ପ୍ରୟାସ କରାଯାଇଛି। ବୈଠକରେ ସବୁ କେନ୍ଦ୍ରମନ୍ତ୍ରୀ, ଏନ୍‌ଡିଏର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ରହିବେ। ନାମାଙ୍କନପତ୍ରର ବିଭିନ୍ନ ସେଟ୍‌କୁ ପ୍ରସ୍ତୁତ କରାଯାଇଛି। ବିଜେପି ଓ ଏହାର ସମର୍ଥକମାନେ ଏଥିରେ ପ୍ରସ୍ତାବକ ଓ ସମର୍ଥକ ପଡିବେ। ତେବେ ଏହା ପୂର୍ବରୁ ରବିବାର ସନ୍ଧ୍ୟାରେ ବିଜେପିର ସର୍ବୋଚ୍ଚ ନିଷ୍ପତ୍ତି ନେବା ସଂସ୍ଥା ସଂସଦୀୟ ବୋର୍ଡର ବୈଠକ ହେବ। ଏହି ବୈଠକରେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ମଧ୍ୟ ଏକ ନିଷ୍ପତ୍ତି ହୋଇପାରେ। ଏହି ବୈଠକକୁ ମଧ୍ୟ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତା କରିବେ ଓ ବରିଷ୍ଠ ବିଜେପି ନେତାମାନେ ଯୋଗଦେବେ । ଗୁରୁତ୍ୱପୂର୍ଣ୍ଣ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପରବର୍ତ୍ତୀ ଉପ-ରାଷ୍ଟ୍ରପତି କ୍ଷମତାସୀନ ଦଳରୁ ହେବେ । ଅର୍ଥାତ୍ ଯେଉଁମାନେ ବିଜେପି ଓ ଆର୍‌ଏସ୍‌ଏସ୍ ଆଦର୍ଶ ସହ ଯେଉଁମାନେ ଜଡିତ ଥିବେ ସେମାନଙ୍କୁ ଗ୍ରହଣ କରାଯିବ। ଧନଖଡଙ୍କ ଅଚାନକ ଇସ୍ତଫା ଭଳି ଆଉ ସ୍ଥିତି ନ ଉପୁଜୁ ସେଥିପାଇଁ ଏଭଳି ନିଷ୍ପତ୍ତି ନିଆଯାଉଛି। ଉପ-ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ସଂସଦଭବନରେ ମଧ୍ୟ ଏକ ତିନିଦିନିଆ କର୍ମଶାଳା ଆୟୋଜନ ହେବ। ଏଥିରେ ସାଂସଦମାନେ କିଭଳି ଭୋଟ୍ ଦେବେ ସେ ନେଇ ପ୍ରଶିକ୍ଷଣ ଦିଆଯିବ। କ୍ଷମତାସୀନ ଦଳ ପକ୍ଷରୁ ମଧ୍ୟ ବିରୋଧୀ ନେତାମାନଙ୍କ (୯ ପୃଷ୍ଠାରେ)



## ଡେ' କେୟାରରେ ସୁରକ୍ଷା

ଆଜିକାଲି ଉଭୟ ମାତାପିତା ଚାକିରି କରୁଥିବାରୁ ପିଲାଙ୍କ ପାଇଁ ସମୟ କାଢିବା କଷ୍ଟ ହୋଇ ପଡୁଛି । ତେଣୁ ସମସ୍ତେ ଏହାର ଏକ ବିକଳ୍ପ ଭାବେ ଡେକେୟାର ସେଣ୍ଟରକୁ ବାଛୁଛନ୍ତି । ଏଠାରେ ପିଲାକୁ ଛାଡି ସମସ୍ତେ ନିଜନିଜର କର୍ମ କ୍ଷେତ୍ରକୁ ଜାଉଛନ୍ତି ଏବଂ ଏଠାରୁ ଫେରିବାପରେ ପିଲାକୁ ଘରକୁ ଆଣୁଛନ୍ତି । ହେଲେ ଏହି ଡେ କେୟାର ସେଣ୍ଟର ପିଲାଙ୍କ ପାଇଁ କେତେ ସୁରକ୍ଷିତ ସେ ନେଇ ବାରମ୍ବାର ପ୍ରଶ୍ନ ଉଠିଥାଏ । ଏଭଳି ଅନେକ ଘଟଣା ସାମନାକୁ ଆସିଥାଏ ଯେଉଁଥିରେ ଦେଖିବାକୁ ମିଳିଥାଏ ସେମାନେ ପିଲାଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ଛୋଟଛୋଟ ପିଲାଙ୍କୁ ମାଡ ମାରିବା ସହିତ ସେମାନଙ୍କୁ ହଇରାଣ କରୁଥିବାର ସିସି ଟିଭି ଫୁଟେଜ ଭାଇରାଲ ହେଉଛି । ତେଣୁ ଗୋଟିଏ ଭଲ ଡ଼େ କେୟାର ସେଣ୍ଟର ଚୟନ କରିବା ବର୍ତ୍ତମାନ ଅନେକଙ୍କ ପାଇଁ ଏକ ଚାଲେଞ୍ଜ ପାଲଟିଛି । ତେବେ ଯଦି ଆପଣ ଏକ ଡେ କେୟାରରେ ପିଲାକୁ ଛାଡିବାକୁ ଚାହୁଁଛନ୍ତି ତେବେ ଏହା ପୂର୍ବରୁ କିଛି କଥା ପ୍ରତି ଧ୍ୟାନ ଦିଅନ୍ତୁ । ଏହି ପଏଣ୍ଟ ଗୁଡିକ ଆପଣଙ୍କୁ ଏକ ଭଲ ସୁରକ୍ଷିତ ଡେ କେୟାର ଚୟନ କରିବାରେ ସହାୟତା କରିପାରେ । ତେବେ ଏହି ସମସ୍ତ ପଏଣ୍ଟକୁ ଅନୁକରଣ କରିବା ସତ୍ତ୍ୱେ ଡେ କେୟାର ବାଛୁଥିଲେ ଅଧିକ ସତର୍କତାର ସହ ବାଛନ୍ତୁ । ପିଲାଙ୍କ ଉପରେ ପିଲାବେଳେ ହୋଇଥିବା ଅତ୍ୟାଚାରର ଖୁବ ଅଧିକ ନକାରାତ୍ମକ ପ୍ରଭାବ ରହିଥାଏ । ଯାହା ବଡହେଲେ ଅନେକ ସମସ୍ୟାର କାରଣ ସାଜିଥାଏ । ସେହିଭଳି ଆମ ଦେଶରେ ପିଲାଙ୍କ ପାଇଁ ଅନେକ ନିୟମର ବ୍ୟବସ୍ଥା ରହିଛି ତାହାକୁ ଆଗ ନିଜେ ଭଲକରି ବୁଝନ୍ତୁ । ତେବେ ଆସନ୍ତୁ ଜାଣିବା ଡେକେୟାରରେ ପିଲାକୁ ଛାଡିବା ଆଗରୁ କଣ ସବୁ ଦିଗ ପ୍ରତି ଧ୍ୟାନ ଦେବେ

- ପ୍ରଥମେ ଦେଖନ୍ତୁ ସେଠାରେ ପ୍ରତିଟି ସ୍ଥାନରେ ସିସି ଟିଭି ଅଛି କି ନାହିଁ । ସବୁଠାରେ କ୍ୟାମେରା ଲାଗିବା ସହିତ ଯେପରି ଏହା କାର୍ଯ୍ୟକ୍ଷମ ହୋଇଥିବ ଏବଂ ଏହାର ଫୁଟେଜ୍ ସୁରକ୍ଷିତ ରହୁଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ ।
- ମାତା ପିତାଙ୍କୁ ସିସି ଟିଭି ଫୁଟେଜ ଦେଖିବାର ଅନୁମତି ଅଛି କି ନାହିଁ ସେ ନେଇ ମଧ୍ୟ ବୁଝନ୍ତୁ । ଏପରି ନଥିଲେ ପ୍ରଶ୍ନ କରନ୍ତୁ । ଏହି ସୁବିଧା ପ୍ରଦାନ କରିବାକୁ ଦାବି କରନ୍ତୁ ନହେଲେ ସମ୍ପୃକ୍ତ ଡେ କେୟାରକୁ ଚୟନ କରିବାରୁ ନିବୃତ୍ତ ରୁହନ୍ତୁ ।
- ସମସ୍ତ କର୍ମଚାରୀଙ୍କ ପୋଲିସ ଭେରିଫିକେସନ ହୋଇଛି କି ନାହିଁ ଦେଖନ୍ତୁ ଯଦି ହୋଇ ନଥିବ ତେବେ କରାଇବାକୁ କୁହନ୍ତୁ । ଏହା ଆପଣଙ୍କ ପିଲାର ସୁରକ୍ଷା ପାଇଁ ଆବଶ୍ୟକ ।
- କର୍ମଚାରୀଙ୍କୁ ପିଲାଙ୍କୁ ବିଭିନ୍ନ ବିପଦ ସଙ୍କୁଳ ଅବସ୍ଥାରେ କିଭଳି ସୁରକ୍ଷା ଦେଇହେବ ସେ ନେଇ ଡେ କେୟାର ସେଣ୍ଟର ମାଲିକଙ୍କ ସହିତ କଥା ହୁଅନ୍ତୁ ।
- ସେଣ୍ଟରରେ ସମସ୍ତ ଚିକିତ୍ସା ସୁବିଧା ରହିଛି କି ନାହିଁ ଦେଖନ୍ତୁ । ଚିକିତ୍ସା ସୁବିଧା ଅର୍ଥାତ ପ୍ରାଥମିକ ଚିକିତ୍ସାର ସୁବିଧା ।
- ସେହିଭଳି ସୁରକ୍ଷା କିଭଳି ଅଛି ବୁଝନ୍ତୁ । ଯେପରି କେହି ବାହାର ଲୋକ ବିନା ଅନୁମତିରେ ଭିତରକୁ ଯାଇପାରିବେ ନାହିଁ ସେ ନେଇ ବୁଝନ୍ତୁ ।



## ସୋସିଆଲ କୋଟ୍ସ



"ସଲମାନ ମୋତେ ସବୁବେଳେ ଭଲ ପରାମର୍ଶ ଦିଅନ୍ତି । ସେ ସବୁବେଳେ ମୋତେ କୁହନ୍ତି ଏବେ ଯେତେ ପାରୁଛ କାମ କର ଏବଂ ଅର୍ଥ ରୋଜଗାର କର । ନଚେତ୍ ଭବିଷ୍ୟତରେ ଅସୁବିଧାରେ ପଡିବ ।

ରଣଦୀପ ହୁଡ୍ଡା, ଅଭିନେତା



"ଫିଲ୍ମ ବଡେ ମିୟାଁ ଛୋଟେ ମିୟାଁକୁ ନେଇ ଗୋବିନ୍ଦାଙ୍କ ପ୍ରତିକ୍ରିୟା ମୋ ପାଇଁ ଖୁବ ମହତ୍ତ୍ୱପୂର୍ଣ୍ଣ । ମୁଁ ତାଙ୍କ ଆଗରେ ହିଁ ଛୋଟରୁ ବଡ ହୋଇଛି । ତାଙ୍କ ପ୍ରତିକ୍ରିୟା ମୋତେ ଆତ୍ମବିଶ୍ୱାସ ଯୋଗାଇଥାଏ ।

ଜ୍ୟାକି ଭଗନାନୀ, ଫିଲ୍ମମେକର



"ବିଜୟ ଦେବରକୋଣ୍ଡା ହିନ୍ଦୀ ଜାଣି ନାହାନ୍ତି ହେଲେ ମଧ୍ୟ ତାଙ୍କ ସହିତ କାମ କରିବା ସହଜ ହୋଇଥାଏ । ତାଙ୍କ ପାଖରୁ ମୁଁ ଅନେକ କିଛି ଶିଖିଥାଏ । ସେ ଖୁବ ଭଲ ଅଭିନେତା ସହ ଭଲ ମଣିଷ ।

ମୃନାଲ ଠାକୁର, ଅଭିନେତ୍ରୀ

## ବିଶ୍ୱର ଦୀର୍ଘତମ ରେସ୍ଲିଂ ମ୍ୟାଚ

ନିକଟରେ ଏକ ରେସ୍ଲିଂ ମ୍ୟାଚ ବିଶ୍ୱର ସବୁଠାରୁ ଦୀର୍ଘତମ ମ୍ୟାଚ ବୋଲି ଦାବି କରାଯାଇଛି । ଏହି ମ୍ୟାଚ୍‌ଟି କାନାଡିଆନ୍ କ୍ୟାନ୍ସର ସୋସାଇଟି ପାଇଁ ଆୟୋଜନ କରାଯାଇଥିଲା ଯେଉଁଥିରେ ପାଖାପାଖି ୩୨ ଲକ୍ଷଟଙ୍କାର ଫଣ୍ଡ୍ ଏକାଠି କରାଯାଇଛି । ଏହି ମ୍ୟାଚ୍ ପାଖାପାଖି ୨୧ ଘଣ୍ଟା ୪୯ ମିନିଟ୍ ପର୍ଯ୍ୟନ୍ତ ଚାଲିଥିବା ସୂଚନା ରହିଛି । ଏହା ପୂର୍ବରୁ ରେକର୍ଡ ଥିବା ମ୍ୟାଚ୍ ନାଁରେ ୨୧ ଘଣ୍ଟା ୪୪ ମିନିଟ୍‌ର ରେକର୍ଡ ରହିଥିଲା । ଯାହାକୁ ଏହି ମ୍ୟାଚ୍‌ଟି ଭାଙ୍ଗିଥିବାନେଇ ଦାବି ହୋଇଛି । ତେବେ ଏହାର ନାଁ ଗିନିଜ୍ ରେକର୍ଡ ପକ୍ଷରୁ ଘୋଷଣା ହୋଇ ନାହିଁ, ତେଣୁ ଔପଚାରିକ ଭାବେ ଏହାକୁ ରେକର୍ଡ ମିଳିନାହିଁ କିମ୍ବା ଏନେଇ କୌଣସି ସୂଚନା ମଧ୍ୟ ନାହିଁ । ସୋସିଆଲ ମିଡିଆରେ ଘଟଣା ସମ୍ପର୍କରେ ପୋଷ୍ଟ ହେବା ପରେ ଏହା ଖୁବ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି ।




୧୮୮୫ – ହାୱାଇ ଦୀପରେ ପ୍ରଥମ ବ୍ୟାଙ୍କ ଖୋଲିଲା ।
୧୯୪୯ – ସ୍ୱାଧୀନତା ସେନାନୀ ତଥା କ୍ରାନ୍ତିକାରୀ ପୁଲିନ୍ ବିହାରୀ ଦାସଙ୍କର ପରଲୋକ ।
୧୯୦୯ – ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମ ଅପ୍ରତିମ କ୍ରାନ୍ତିକାରୀ ମଦନଲାଲ୍ ଢିଙ୍ଗରାଙ୍କୁ ହତ୍ୟା ଅଭିଯୋଗରେ ଫାଶୀ ।
୧୯୧୭ – ତୁର୍କୀ ବିରୋଧରେ ଇଟାଲୀର ଯୁଦ୍ଧ ଘୋଷଣା ।
୧୯୪୧ – ଭାରତୀୟ ଅର୍ଥଶାସ୍ତ୍ରୀ ଡ. ବିମଲ ଜାଲାନଙ୍କ ଜନ୍ମ ।
୧୯୪୭ – ସ୍ୱାଧୀନତା ପରେ ଭାରତ ଛାଡିଲେ ପ୍ରଥମ ବ୍ରିଟିଶ୍ ସୈନ୍ୟଦଳ ।
୧୯୬୭ – ଭାରତୀୟ ଅଭିନେତ୍ରୀ ସୁପ୍ରିୟା ପିଲଗାଓଁକରଙ୍କ ଜନ୍ମ ।
୧୯୭୮ – ହଟ୍ ଏୟାର ବେଲୁନ୍ ସାହାଯ୍ୟରେ ଆଟ୍‌ଲାଣ୍ଟିକ୍ ମହାସାଗର ପାର କରିଥିଲେ ୩ ଆମେରିକୀୟ ।
୧୯୮୨ – ଜର୍ମାନୀ ଲୋକଙ୍କ ପାଇଁ ଉପଲବ୍ଧ ହେଲା ପ୍ରଥମ ସିଡି (କମ୍ପାକ୍ଟ ଡିସ୍କ) ।
୧୯୮୮ – ପାକିସ୍ତାନର ରାଷ୍ଟ୍ରପତି ଜିୟା – ଉଲ୍ – ହକ୍ ଓ ଆମେରିକା ରାଷ୍ଟ୍ରଦୂତ ଆର୍ନଲ୍ଡ ରାପେଲ୍‌ଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ।



## ଧନିଆ ମଟନ କଷା

**ସାମଗ୍ରୀ–** ୫୦୦ ଗ୍ରାମ ମାଂସ,୪ଟି ପିଆଜ ବଟା, ୨୦୦ ଗ୍ରାମ ଧନିଆ ପତ୍ର, ନଡିଆ କୋରା, ହଳଦୀ, ଲୁଣ, ଗୋଟା ଗରମ ମସଲା, ଗରମ ମସଲା, ଅଦା ରସୁଣ ପେଷ୍ଟ, ଭୃସଙ୍ଗ ପତ୍ର, ଲେମ୍ବୁ ରସ, ସୋରିଷ ।

**ପ୍ରଣାଳୀ–** ପ୍ରଥମେ ସମସ୍ତ ଗୋଟା ଗରମ ମସଲାକୁ ଗୁଣ୍ଡ କରି ନିଅନ୍ତୁ । ଏହାପରେ ଏହି ଗୁଣ୍ଡ ମସଲା, ଲୁଣ, ଲେମ୍ବୁ ରସ ଦେଇ ମାଂସକୁ ଦୁଇଘଣ୍ଟା ପାଇଁ ମାରିନେଟ୍ କରି ରଖନ୍ତୁ । ଏହାପରେ ପ୍ରେସର କୁକରରେ ତେଲ ଗରମ କରନ୍ତୁ ଏଥିରେ ଏହି ମାରିନେଟ ହୋଇଥିବା ମଟନକୁ ଭାଜନ୍ତୁ । ଅଳ୍ପ ସମୟ ଭାଜିହେବା ପରେ ଏଥିରେ ଅଳ୍ପ ପାଣି ଦେଇ ରାନ୍ଧନ୍ତୁ । ଅନ୍ୟପଟେ ଧନିଆ ପତ୍ର, କଞ୍ଚା ଲଙ୍କା ଓ ନଡିଆ କୋରାକୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ମାଂସରେ ମିଶାଇ କଷନ୍ତୁ । ମାଂସ ଭଲକରି କଷି ହୋଇ ସିଝିଯିବା ପରେ ଏଥିରେ ଶେଷରେ ଏକ ଛୁଙ୍କ ଦିଅନ୍ତୁ । ଏହି ଛୁଙ୍କକୁ ସୋରିଷ ଓ ଭୃସଙ୍ଗ ପତ୍ରରେ ପ୍ରସ୍ତୁତ କରନ୍ତୁ । ଏହି ଛୁଙ୍କ ଦେବା ପରେ ଗ୍ୟାସ ବନ୍ଦ କରି ନିଅନ୍ତୁ ପ୍ରସ୍ତୁତ ହୋଇଯିବ ଧନିଆ ମଟନ ଫ୍ରାଏ ବା କଷା ।



## ଭିଟାମିନ୍ ଏ'

ଆମ ଶରୀର ପାଇଁ ଭିଟାମିନ୍ ଏ ଖୁବ ଗୁରୁତ୍ୱପୂର୍ଣ୍ଣ । ଏହି ପ୍ରୋଟିନ୍ ସମସ୍ତ ଖାଦ୍ୟ ଯଥା ଉଭୟ ସାଦା ଓ ଆମିଷରେ ରହିଥାଏ । ସେହିଭଳି ଏହା ଆମର ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ସମାଧାନ କରିବାରେ ମଧ୍ୟ ସହାୟତା କରିଥାଏ । ଆମର ଚର୍ମକୁ ଉଜ୍ୱଳ ରଖିବାରେ ମଧ୍ୟ ଏହା ସହାୟକ ହୋଇଥାଏ । ବିଶେଷ ଭାବେ ଏହା ଆମର ଆଖିକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଡବ୍ଲ୍ୟୁଏଚ୍‌ଓର ତଥ୍ୟ ଅନୁସାରେ ଆମ ଖାଦ୍ୟରେ ଭିଟାମିନ୍ ଏର ଅଭାବ ବିଶେଷ ଭାବେ ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଇଥାଏ । ଏହାଦ୍ୱାରା କେତେକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅନ୍ଧ ହେବାର ଭୟ ମଧ୍ୟ ରହିଥାଏ । ତେଣୁ ଆଖିକୁ ସୁସ୍ଥ ରଖିବାକୁ ହେଲେ ଖାଦ୍ୟରେ ଅଧିକ ପରିମାଣରେ ଭିଟାମିନ୍ ଏକୁ ସାମିଲ କରନ୍ତୁ । ଖାଦ୍ୟରେ ଗାଜର, ପାଳଙ୍ଗ, କନ୍ଦମୂଳ, ଆମ୍ବ, ତରଭୁଜ, ଚାଉଳିଆ, ଟମାଟୋ, ଅଣ୍ଡା ଆଦି ସାମିଲ କରନ୍ତୁ । ଯେତେ ପାରୁଛନ୍ତି ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଆନ୍ତୁ । ପ୍ରତିଦିନ ଖାଦ୍ୟରେ ଖୀର ଓ ଫଳ ସାମିଲ କରନ୍ତୁ । ଭିଟାମିନ୍ ଏ ଅଭାବରେ କେବଳ ଆଖି ନୁହେଁ ଅନ୍ୟ କେତେକ ରୋଗ ଯେପରି ଶୁଷ୍କ ତ୍ୱଚା, ପିଲାଙ୍କ ବୃଦ୍ଧିରେ ଅବନତି, କ୍ଷତ ନଶୁଖିବା, ମୁହଁରେ କଳାଦାଗ, ବ୍ରଣ ଆଦି ଦେଖିବାକୁ ମିଳିଥାଏ ।

## ୨୦ ଲକ୍ଷ ବର୍ଷର ବରଫ

ଆଣ୍ଟାର୍କଟିକାରେ ବୈଜ୍ଞାନିକଙ୍କୁ ମିଳିଛି ପାଖାପାଖି ୨୦ ଲକ୍ଷ ବର୍ଷ ପୁରୁଣା ବରଫ । ଏହି ବରଫ ଖଣ୍ଡ ଏଠିକାର ପାଣିପାଗ ୨୦ ଲକ୍ଷ ବର୍ଷ ତଳେ କିଭଳି ଥିଲା ସେ ନେଇ ସୂଚନା ଦେବ ବୋଲି ବୈଜ୍ଞାନିକ ଆଶା ରଖିଛନ୍ତି । ଏଠାରେ ଖୁବ ଅଧିକ ଥଣ୍ଡା ହେଉଥିବାରୁ ଏଠିକାର ବରଫ ଖୁବ କମ ତରଳିଥାଏ । ପ୍ରତିବର୍ଷ ଏଠିକାର ବରଫ ସ୍ତର ପରେ ସ୍ତର ଯମା ହୋଇ ଚାଲିଥାଏ । ଏହି ବରଫ ଲେୟାରର ଏକ ଭିଡିଓ ସୋସିଆଲ ମିଡିଆରେ ସେୟାର କରାଯାଇଛି, ଯାହା ଦେଖିବାକୁ ଖୁବ ଇଣ୍ଟ୍ରେଷ୍ଟିଂ ହୋଇଛି । ସେହିଭଳି ଅନେକ ବର୍ଷ ପୂର୍ବେ ବରଫର ରଙ୍ଗ ଓ ଟେକ୍ସଚର କିଭଳି ଥିଲା ସେ ସମ୍ପର୍କରେ ମଧ୍ୟ ଏଥିରୁ ଜଣା ପଡିବ । ଏହି ବରଫ ସହାୟତାରେ ଆଣ୍ଟାର୍କଟିକା ସମ୍ବନ୍ଧରେ ଅନେକ ତଥ୍ୟ ମିଳି ପାରିବ ।



## ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚିତ

ବଲିଉଡରେ ଖୁବ ଚର୍ଚ୍ଚିତ ଚେହେରା ହେଲେ ମନୀଷା କୋଇରାଲା । ଯିଏ ନିଜର ଅଭିନୟ ପାଇଁ ସବୁବେଳେ ଖୁବ ପ୍ରଶଂସା ସାଉଁଟିଥାଆନ୍ତି । ସୁବାସ ଘାଇଙ୍କ ଫିଲ୍ମ ସୌଦାଗର ଜରିଆରେ ବଲିଉଡରେ ଡେବ୍ୟୁ କରିଥିବା ମନୀଷା ନିଜର ରିଅଲ ଲାଇଫକୁ ନେଇ ମଧ୍ୟ ଅନେକ ସମୟରେ ଚର୍ଚ୍ଚାରେ ରହିଥାଆନ୍ତି । ବିଶେଷଭାବେ ନିଜର ଲଭ୍ ଆଫାୟରକୁ ନେଇ ସେ ଖୁବ ଚର୍ଚ୍ଚାରେ ରହିଥିଲେ । ଯେତେବେଳେ ମନୀଷା ନିଜ କ୍ୟାରିୟରରେ ପିକ୍ ପଏଣ୍ଟରେ ରହିଥିଲେ ସେତେବେଳେ ତାଙ୍କ ନାଁକୁ ୧୨ ଜଣଙ୍କ ସହିତ ଯୋଡା ହୋଇଥିଲା । ବିଜ୍‌ନେସମ୍ୟାନ ସମ୍ରାଟ ଦହଲଙ୍କ ସହିତ ବିବାହ ପୂର୍ବରୁ ତାଙ୍କ ନାଁକୁ ବିବେକ ମୁଶରାନ, ନାନା ପାଟେକର, ଡିଜେ ହୁସେନ୍‌ଙ୍କ ଭଳି ଅନେକ କଳାକାରଙ୍କ ସହିତ ଯୋଡା ଯାଇଥିଲା । ଏଥିରୁ ସବୁଠାରୁ ଅଧିକ ଚର୍ଚ୍ଚା ନାନା ପାଟେକରଙ୍କ ସହିତ ହୋଇଥିଲା । ତେବେ ୨୦୧୦ରେ ମନୀଷା ସମ୍ରାଟଙ୍କୁ ବିବାହ କରିଥିଲେ । ହେଲେ ଏହି ବିବାହ ଅଧିକ ଦିନ ପର୍ଯ୍ୟନ୍ତ ଚାଲି ନଥିଲା ସେମାନେ ୨୦୧୨ରେ ହିଁ ଅଲଗା ହୋଇ ଯାଇଥିଲେ ଏବଂ ସେବେଠାରୁ ମନୀଷା ସିଙ୍ଗଲ ଲାଇଫ୍ ବିତାଉଛନ୍ତି । ନିଜର କ୍ୟାରିୟର ପିକ୍ ଟାଇମ୍‌ରେ ଅନେକ ଖରାପ ସଙ୍ଗତ ସହିତ ଯୋଡି ହୋଇଥିଲେ ମନୀଷା । ଏହି ସମୟରେ ତାଙ୍କର ମାଦକଦ୍ରବ୍ୟ ସେବନର ନିଶା ମଧ୍ୟ ଆରମ୍ଭ ହୋଇଥିବାନେଇ ସୂଚନା ରହିଛି । ଯେଉଁ କାରଣରୁ ଏହାର ପ୍ରଭାବ ତାଙ୍କର କ୍ୟାରିୟର ଉପରେ ମଧ୍ୟ ପଡିଥିଲା ।



## ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

# ଅଭିବାଦନ ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଭୁବନେଶ୍ୱର, (ସବ୍ୟୁ): ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ରାଜଧାନୀ ଭୁବନେଶ୍ୱରର ଗାନ୍ଧୀମାର୍ଗରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟତମ ଅତିଥି ରୂପେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ପୁଲିସ ଡିଜି ୱାଇ ବି ଖୁରାନିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ଅନ୍ୟ ବିଭାଗର ପ୍ରମୁଖ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଓ ବହୁ ସଂଖ୍ୟାରେ ଜନତା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଦେଶର ସ୍ୱାଧୀନତା ନିମନ୍ତେ ପ୍ରାଣବଳୀ ଦେଇଥିବା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଆଜିର ଦିନ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ କେବଳ ଏକ ପ୍ରତୀକାତ୍ମକ ଉତ୍ସବ ନୁହେଁ ଆଜିର ଦିନ ଆମକୁ କଷ୍ଟଲବ୍ଧ ସ୍ୱାଧୀନତା ବିଷୟରେ ସଚେତନ କରିବା ସହିତ ଦେଶର ଏକତା ଓ ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବଜାୟ ରଖିବା ପାଇଁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରାଇ ଥାଏ। ଆତଙ୍କବାଦ ବିରୁଦ୍ଧରେ ଦେଶର ନୀତି ଆହୁରି ଦୃଢ଼ ଓ କଠୋର ହୋଇଛି।

ଗତ ଏପ୍ରିଲ ୨୨ ତାରିଖର ପହଲଗାମଠାରେ ଯେପରି ଭାବେ ନିରୀହ ଲୋକଙ୍କୁ ଧର୍ମ ପଚାରି ବର୍ବୋରୋଚିତ ଭାବେ ହତ୍ୟା କରାଗଲା, ତାହା କେବଳ ଏକ ସାଧାରଣ ଆତଙ୍କୀ ଆକ୍ରମଣ ନ ଥିଲା, ଏହା ଭାରତର ଜାତୀୟତା, ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ଉପରେ ଆକ୍ରମଣ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଭାରତୀୟ ସେନା "ଅପରେସନ ସିନ୍ଦୁର' ଜରିଆରେ ତା'ର ଉପଯୁକ୍ତ ଜବାବ୍ ଦେଇଥିଲା। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱକୁ ସମ୍ମାନ ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ଭାରତୀୟ ସେନା ବାହିନୀର ବୀରତ୍ୱକୁ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଗତ ଚଉଦ ମାସ ହେବ ଓଡିଶା ବିକାଶର ଏକ ନୂଆ ଯାତ୍ରାରେ ସାମିଲ ହୋଇଛି। ମହିଳା, ଅନ୍ନଦାତା, ଗରିବ ଏବଂ ଯୁବବର୍ଗଙ୍କ ସହଯୋଗରେ ଏହାର ସଫଳ ରୂପାୟନ ପାଇଁ ସରକାର ଜୀବନଜୀବିକା, ଭିତ୍ତିଭୂମି, ସାମାଜିକ ବିକାଶ ଓ ସଶକ୍ତି କରଣ ଏବଂ ଓଡିଆ ଅସ୍ମିତା ଉପରେ ପ୍ରାଧାନ୍ୟ ଦେଉଛନ୍ତି। କୃଷି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଏକ କୋଟି ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆ ଯାଉଛି । ଜୀବନଜୀବିକାର ଆଉ ଏକ ଦିଗ ହେଉଛି ଶିଳ୍ପାୟନ। ଆମ ସରକାର ଆସିବା ପରେ ଶିଳ୍ପନୀତିରେ ଆମୂଳଚୁଳ ପରିବର୍ତ୍ତନ କରାଯାଇ ପୁଞ୍ଜିବିନିଯୋଗ କ୍ଷେତ୍ରରେ ଏକ ନୂଆ ଇତିହାସ ସୃଷ୍ଟି କରିଛି । ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ଏବଂ ୧୩ ଲକ୍ଷ ନିଯୁକ୍ତି ସହିତ ଏହି କାର୍ଯ୍ୟକ୍ରମ ପୂର୍ବର ସବୁ ରେକର୍ଡକୁ ଭାଙ୍ଗି ଦେଇଛି। ପ୍ରମାଣ ସ୍ୱରୂପ ଗତ ଛଅ-ସାତ ମାସ ମଧ୍ୟରେ ଓଡ଼ିଶାରେ ୬୦ରୁ ଅଧିକ ଶିଳ୍ପ ସ୍ଥାପନ କରାଯାଇ ଏକ ଲକ୍ଷ ୮୦ ହଜାର କୋଟିରୁ ଅଧିକ ଟଙ୍କାର ପୁଞ୍ଜିବିନିଯୋଗ କରାଯାଇ ଏକ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରାଯାଇଛି। ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନାର ଲାଭ ଉଠାଇ ଆତ୍ମନିର୍ଭରଶୀଳ ହେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଥିଲେ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ, ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ସଫଳ ହୋଇଛି। ସଂଗଠିତ ଅପରାଧ ଉପରେ ସ୍ୱତନ୍ତ୍ର ଆଇନ ଅଣାଯିବା ସହ ଦୁର୍ନୀତି ଉପରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ। ଓଡ଼ିଶାରେ ଆଗାମୀ ଦଶନ୍ଧି ପାଇଁ ସେ ସରକାରଙ୍କ ଦୃଷ୍ଟିକୋଣର ରୂପରେଖ ଦେଇ କହିଲେ ଯେ ରାଜ୍ୟ ୨୦୩୬ ସୁଦ୍ଧା ଭାରତର ଶ୍ରେଷ୍ଠ ପାଞ୍ଚଟି ଅର୍ଥନୀତିରେ ପ୍ରବେଶ କରିବାକୁ ଯାଉଛି। ଓଡ଼ିଶାକୁ ଏକ ଔଷଧ କେନ୍ଦ୍ର ଏବଂ ସେମିକଣ୍ଡକଟର ଉତ୍ପାଦନର ଏକ ପ୍ରମୁଖ କେନ୍ଦ୍ର ରୂପେ ପରିଗଣିତ କରାଯିବା ସହ ୩.୫ ଲକ୍ଷରୁ ଅଧିକ ନିଯୁକ୍ତିସୁଯୋଗ ସୃଷ୍ଟି କରାଯିବ। ମହିଳା ବିରୋଧୀ ଅପରାଧ ପାଇଁ ଶୂନ୍ୟ ସହନଶୀଳତା ଗ୍ରହଣ କରାଯାଇ ସମସ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଦ୍ରୁତ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି। ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ବାତାବରଣ ପ୍ରଦାନ କରିବା ପାଇଁ "ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଲାଗୁ କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଯୁକ୍ତି କ୍ଷେତ୍ରରେ ପ୍ରାରମ୍ଭିକ ୬୫,୦୦୦ ଲକ୍ଷ୍ୟକୁ ଅତିକ୍ରମ କରି ଏବେ ଦୁଇ ବର୍ଷ ମଧ୍ୟରେ ୮୫,୦୦୦ ସରକାରୀ ପଦବୀ ପୂରଣ ହେବାକୁ ଯାଉଛି। ଭୋକାଲ୍ ଫର୍ ଲୋକାଲ୍‌କୁ ସମର୍ଥନ କରି ସପ୍ତାହରେ ଅତି କମରେ ଥରେ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ସେ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇଥିଲେ। ଜଗନ୍ନାଥ ଧାମକୁ ଏକ ବିଶ୍ୱସ୍ତରୀୟ ଧାର୍ମିକ ଏବଂ ସାଂସ୍କୃତିକ ଗନ୍ତବ୍ୟସ୍ଥଳରେ ପରିଣତ କରିବା ସହ ପୁରୀକୁ ଏକ ମହାନଗର ନିଗମ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ ଉଲ୍ଲେଖ କରିଥିଲେ। କର୍ତ୍ତବ୍ୟ ପାଳନ ସମୟରେ ପ୍ରାଣବଳୀ ଦେଇଥିବା ସୁରକ୍ଷା କର୍ମଚାରୀମାନଙ୍କୁ ସମ୍ମାନ ଜଣାଇବା ପାଇଁ ଏକ ପୋଲିସ ସ୍ମାରକୀ ଘୋଷଣା କରାଯାଇଛି, ଯାହା ସେମାନଙ୍କର ତ୍ୟାଗ ଓ ବଳିଦାନ ପାଇଁ ହେବ ଶ୍ରେଷ୍ଠ ନିଦର୍ଶନ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଭିତ୍ତିଭୂମି, ପରିବେଶ, ଐତିହ୍ୟ, ସଂସ୍କୃତି, ଏହି ସମସ୍ତ କ୍ଷେତ୍ରରେ ସରକାର ଧ୍ୟାନଦେବା ପୂର୍ବକ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ୨୦୩୬କୁ ଦୃଷ୍ଟିରେ ରଖି ବିଭିନ୍ନ କ୍ଷେତ୍ରରେ ବିକାଶ ପାଇଁ ସରକାର ୩୬ଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ଏହି ଅବସରରେ ଗାନ୍ଧୀମାର୍ଗଠାରେ ଅନୁଷ୍ଠିତ ପ୍ୟାରେଡ୍ ୫୦ ଟି ପ୍ଲାଟୁନ ଅଂଶଗ୍ରହଣ କରିଥିଲେ।

ଏହି ପ୍ଲାଟୁନଗୁଡିକ ମଧ୍ୟରେ ୧୨୦ ବାଟାଲିୟନ, ସୀମା ସୁରକ୍ଷା ବଳ, ସିଆରପିଏଫ, ଆଇଟିବିପି, ଏସଓଜି ଚନ୍ଦକା, ଆନ୍ଧ୍ରପ୍ରଦେଶ ସଶସ୍ତ୍ର ପୁଲିସ ବାହିନୀ, ଭୁବ ନେଶ୍ୱର ସ୍ଥିତ ବିଭିନ୍ନ ସ୍କୁ ଲ ର ଏନ ସିସି, ସ୍କାଉଟ ଓ ଗାଇଡ, ରେଡ୍‌କ୍ରସ ପ୍ରଭୃତି ଯୋଗଦେ ଇଥିଲେ। ଭାରତୀୟ ପୋଲିସ ସେବା ଅଧିକାରୀ ଅନନ୍ୟା ଅବସ୍ଥି ପ୍ୟାରେଡ୍ ପରିଚାଳନା କରିଥିଲେ। ୨୦୨୫ ଜାନୁଆରୀ ୨୬ରେ ଅନୁଷ୍ଠିତ ପରେଡ୍‌ରେ ଭାଗ ନେଇଥିବା ପ୍ଲାଟୁନମାନଙ୍କୁ ମଧ୍ୟରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ଲାଟୁନମାନଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କାର ପ୍ରଦାନ କରିଥିଲେ। ସର୍ବୋତ୍ତମ ୟୁନିଫର୍ମ ସଶସ୍ତ୍ର ବାହିନୀ ପାଇଁ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ, ଶ୍ରେଷ୍ଠ ରାଜ୍ୟ ସଶସ୍ତ୍ର ପ୍ଲାଟୁନ୍ ଭାବେ ଭୁବନେଶ୍ୱର ଚନ୍ଦକାର ଏସ୍‌ଓଜି, ଏନସିସିରେ ଶ୍ରେଷ୍ଠ ସିନିୟର ବିଭାଗରେ ଏନସିସି ବାଳକ ଓ ବାଳିକା ପ୍ଲାଟୁନ, ଶ୍ରେଷ୍ଠ କନିଷ୍ଠ ଏନ୍‌ସିସି ବିଭାଗରେ ସୈନିକ ସ୍କୁଲ ଭୁବନେଶ୍ୱର ଓ ଶ୍ରେଷ୍ଠ ଅଣ-ଏନ୍‌ସିସି ସ୍କୁଲରେ ବାଳକ ବିଭାଗରେ ବିଜେଇଏମ୍ ସ୍କୁଲ, କଳ୍ପନା ଛକ ଓ ବାଳିକା ବିଭାଗରେ ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର, ଶ୍ରେଷ୍ଠ ସ୍କୁଲ ବ୍ୟାଣ୍ଡରେ କ୍ୟାପିଟାଲ୍ ଗାର୍ଲସ୍ ହାଇସ୍କୁଲ,ୟୁନିଟ୍-୨ ପୁରସ୍କୃତ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ ସମାପ୍ତ ହେବା ପରେ ପ୍ୟାରେଡ୍ କମାଣ୍ଡର କ୍ୱାମୀନାରା ଓ ଜୟହିନ୍ଦ୍‌ର ଧ୍ୱନୀ ଦେଇଥିଲେ।

ଉତ୍ସବସ୍ଥଳରୁ ସମସ୍ତ ପ୍ୟାରେଡ୍ ଦଳ ପ୍ରସ୍ଥାନ କରିଥିଲେ ଓ ମୁଖ୍ୟମନ୍ତ୍ରୀ ମଞ୍ଚରୁ ପ୍ରସ୍ଥାନ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ବୈଷୟିକ) ଗୁରୁବୀର ସିଂହ ତଥା ବିଭାଗର ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଅସ୍ମିତାର ନିଦର୍ଶନ ରୂପେ ଉତ୍ସବସ୍ଥଳକୁ ବରପୁତ୍ରମାନଙ୍କର ଫଟୋଚିତ୍ରରେ ସୁସଜ୍ଜିତ କରାଯାଇଥିଲା। ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଲୋକସଂପର୍କ ଅଧିକାରୀ ରୋଜାଲିନ୍ ସାହୁ ଓ ବିନାୟକ ମିଶ୍ର କାର୍ଯ୍ୟକ୍ରମ ସଂଚାଳନା କରିଥିଲେ।

## ଭୁବନେଶ୍ୱର-ଝାରସୁଗୁଡ଼ା ବିମାନ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ବିମାନ ବନ୍ଦର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରୁ ଝାରସୁଗୁଡା ପର୍ଯ୍ୟନ୍ତ ବିମାନସେବାର ଶୁଭାରମ୍ଭ କରିଛନ୍ତି। ୭୬ ସିଟ୍ ବିଶିଷ୍ଟ ଷ୍ଟାର ଏୟାର ଏହି ବିମାନଟି ଓଡ଼ିଶା ନିୟୁ ଡେଷ୍ଟିନେସନ ପଲିସ୍ ଅଧିନରେ ବିମାନ ଯୋଜନାରେ ଭାୟାବିଲିଟି ଗ୍ୟାପ୍ ଫଣ୍ଡି ସହଯୋଗରେ ଚଳାଚଳ ଆରମ୍ଭ କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିମାନ ବନ୍ଦର ଠାରେ ପ୍ରଥମ ଯାତ୍ରୀଙ୍କୁ ବୋର୍ଡିଂ ପାସ୍ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ ବର୍ତ୍ତମାନ ବିମାନଟି ସପ୍ତାହରେ ୫ ଦିନ – ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର ଓ ଶନିବାର ଚଳାଚଳ କରିବ। ମାତ୍ର ୪୫ ମିନିଟ ମଧ୍ୟରେ ଏହି ବିମାନଟି ଭୁବନେଶ୍ୱରରୁ ଝାରସୁଗୁଡା ପହଞ୍ଚିବ। ଖୁବଶୀଘ୍ର ଏହାକୁ ଦୈନିକ ବିମାନ ସେବାରେ ମଧ୍ୟ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଐତିହାସିକ ପଦକ୍ଷେପ କେବଳ ପଶ୍ଚିମ ଓଡିଶାକୁ ରାଜ୍ୟର ରାଜଧାନୀ ସହିତ ନିକଟତର କରିବନି, ବରଂ ଶିଳ୍ପୋନ୍ନତି, ପର୍ଯ୍ୟଟନ ଓ ସାଂସ୍କୃତିକ ଆଦାନ-ପ୍ରଦାନକୁ ମଧ୍ୟ ଦ୍ରୁତ ଗତି ଦେବ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭୁବନେଶ୍ୱରରୁ ଏବେ ୪ଟି ଇଣ୍ଟରନେସ୍‌ନାଲ ଫ୍ଲାଇଟ୍ – ସିଙ୍ଗାପୁର, ବ୍ୟାଙ୍କକ, ଦୁବାଇ ଓ ଆବୁଧାବୀକୁ ଚଳାଚଳ କରୁଛି ଏବଂ ଭୁବନେଶ୍ୱର ଓ ଝାରସୁଗୁଡାରୁ ଉଭୟ ନ୍ୟାସନାଲ ଓ ଇଣ୍ଟରନ୍ୟାସନାଲକୁ ମିଶାଇ ୩୯ଟି ରୁଟ୍‌ରେ ବିମାନ ଚଳାଚଳ କରୁଛି । ଓଡିଶା ଭିତରେ ଭୁବନେଶ୍ୱରରୁ ଜୟପୁର, ରାଉରକେଲା ଓ ଉତ୍କେଳାକୁ ବିମାନ ଚଳାଚଳ କରୁଥିଲା । ଆଜି ଝାରସୁଗୁଡା ସହିତ ଭୁବନେଶ୍ୱର ଆକାଶପଥରେ ଯୋଡି ହେଲା । ଆଗାମୀ ଦିନରେ ଆହୁରି ଅଧିକ ଡୋମେଷ୍ଟିକ୍ ଓ ଇଣ୍ଟରନେସ୍‌ନାଲ ଫ୍ଲାଇଟ ଚଳାଚଳ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ଭୁବନେଶ୍ୱର ବିମାନ ବନ୍ଦରରେ ମେଣ୍ଟେନାନ୍ସ ରିପ୍ୟାରିଂ ଆଣ୍ଡ ଅପରେସନ୍ ବ୍ୟବସ୍ଥା ବିକଶିତ କରାଯିବା ପାଇଁ ଯୋଜନା ରହିଛି । ରାଜ୍ୟରେ ବିଶ୍ୱସ୍ତରୀୟ ବିମାନ ଚଳାଚଳ ବ୍ୟବସ୍ଥା ପାଇଁ ଆମର ସମସ୍ତ ପଦକ୍ଷେପ ଜାରି ରହିଛି। ଆଗାମୀ କିଛି ବର୍ଷ ମଧ୍ୟରେ ଓଡିଶା ଏ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହେବ ।

ଏହି ବିମାନ ଶୁଭାରମ୍ଭ ଅବସରରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ମତ୍ସ୍ୟ ଓ ପଶୁସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କଟକ ସଦର ବିଧାୟକ ଶ୍ରୀ ପ୍ରକାଶ ସେଠୀ, ବଡଚଣା ବିଧାୟକ ଅମର ନାୟକ, ନିଆଳୀ ବିଧାୟକ ଛବି ମଲ୍ଲିକ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ଏବଂ ଭୁବନେଶ୍ୱର ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜ୍ୟ ସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ

## ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରଜ୍ଞାପନ ମେଢ଼କୁ ୨ୟ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ସହରାଞ୍ଚଳ ଗମନାଗମନ ଏବଂ ଶେଷ ମାଇଲ ସଂଯୋଗ ଉପରେ ଅଭିନବ ପ୍ରଜ୍ଞାପନ ମେଢ ପାଇଁ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଦ୍ୱିତୀୟ ପୁରସ୍କାର ପାଇଛି। ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏବଂ ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନର ପରିଚାଳନା ନିର୍ଦ୍ଦେଶକ ଡ. ଏନ. ତିରୁମାଲା ନାୟକ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପ୍ରଜ୍ଞାପନ ମେଢ଼ ସ୍ଥାୟୀ, ସମାବେଶୀ ଏବଂ ଦକ୍ଷ ସହରାଞ୍ଚଳ ପରିବହନ ପାଇଁ ବିଭାଗର ଦୃଷ୍ଟିକୋଣକୁ ଚିତ୍ରିତ କରିଛି ଓ ଆଧୁନିକ ସାର୍ବଜନୀନ ପରିବହନକୁ ସବୁଜ ଗତିଶୀଳତା ସହିତ ସମନ୍ୱିତ କରିବା ଏବଂ ନାଗରିକମାନଙ୍କ ପାଇଁ ଉନ୍ନତ ଶେଷ ମାଇଲ ସଂଯୋଗ।



## ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ସୋର, (ସବ୍ୟୁ): ଔପଦା ବ୍ଲକ ତରଡୁଆ ଗ୍ରାମର ଜଣେ ବୃଦ୍ଧ ପୋଖରୀରେ ବୁଡି ଯାଇଥିବା ବେଳେ ସୋର ମେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏହି ଗ୍ରାମର ଶ୍ୟାମସୁନ୍ଦର ମହାନ୍ତି ଶୁକ୍ରବାର ମଧ୍ୟାହ୍ନରେ ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ । ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପୋଖରୀ ହୁଡାରେ ତାଙ୍କ ଗାମୁଛା ଥିବା ଦେଖି ପୋଖରୀରେ ଖୋଜାଖୋଜି କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ସୋରରୁ ଏକ ଦମକଳ ସେଠାରେ ପହଞ୍ଚି ପୋଖରୀରୁ ତାଙ୍କୁ ଉଦ୍ଧାର କରି ସନ୍ଧ୍ୟାରେ ସୋର ମେଡିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ସ୍ୱାଧୀନତା ଦିବସ ଅବସରରେ ରାଜ ଭବନରେ ଆଟ୍-ହୋମ୍ ଅନୁଷ୍ଠିତ

ଭୁବନେଶ୍ୱର, (ସବ୍ୟୁ): ୭୯ତମ ସ୍ୱାଧୀନତା ଦିବସ ଅବସରରେ ତା ୧୫.୦୮.୨୦୨୫ ରିଖ ଅପରାହ୍ନରେ ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟିଙ୍କ ସୌଜନ୍ୟରେ ରାଜଭବନର ନ୍ୟୁ ଅଭିଷେକ ହଲ୍ ଠାରେ ଆଟ୍-ହୋମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳଙ୍କ ଆମନ୍ତ୍ରଣ କ୍ରମେ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିବିଶେଷ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ମାନ୍ୟବର ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମ୍‌ପାଟି, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସହଧର୍ମିଣୀ ଡ. ପ୍ରିୟଙ୍କା ମାର୍ଣ୍ଡି, ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏତଦ୍‌ବ୍ୟତୀତ ଓଡ଼ିଶାର ମାନ୍ୟବର ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ପଦ୍ମ ପୁରସ୍କାର ବିଜେତା, ରାଜନୈତିକ ଦଳର କର୍ମକର୍ତ୍ତା / ବ୍ୟକ୍ତି ବିଶେଷ, ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀ, ବିଭିନ୍ନ ବୈଧାନିକ ସଂସ୍ଥାର ମୁଖ୍ୟ ଏବଂ କର୍ମକର୍ତ୍ତା, ଅବସର ପ୍ରାପ୍ତ ବରିଷ୍ଠ ଅଧିକାରୀ, ପ୍ରତିରକ୍ଷା ବିଭାଗର ପଦାଧିକାରୀ ଏବଂ ଅବସର ପ୍ରାପ୍ତ ବରିଷ୍ଠ ପଦାଧିକାରୀ, ଶିକ୍ଷାବିତ, ବୁଦ୍ଧିଜୀବୀ, ସମାଜସେବୀ, ଗଣମାଧ୍ୟମର ପ୍ରତିନିଧି, କ୍ରୀଡ଼ାବିତ୍, ସାରସ୍ୱତ ସ୍ରଷ୍ଟା, କଳାକାର ଓ ଶିଳ୍ପୀ, କର୍କଟ ରୋଗରୁ ମୁକ୍ତ ବ୍ୟକ୍ତି, ପିଭିଟିଜି ବର୍ଗର ବ୍ୟକ୍ତି ବିଶେଷ, ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀ ପ୍ରମୁଖ ଆଟ୍-ହୋମ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ଡ. କମ୍ଭମ୍‌ପାଟି ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟପାଳ ବିଭିନ୍ନ ବର୍ଗର ଅତିଥିମାନଙ୍କ ସହ ମିଶିବା ସହିତ ଭାବବିନିମୟ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଏକ ବାର୍ତ୍ତାରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟକରିବାକୁ ଆହ୍ୱାନ ଜଣାଇଛନ୍ତି।



### ପୁଣ୍ୟତିଥିରେ ରାଜ୍ୟ ବିଜେପିର ଶ୍ରଦ୍ଧାଞ୍ଜଳି

## ଅଟଳଜୀ ଚିର ନମସ୍ୟ ଓ ଆମ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ମହାନ୍ ରାଷ୍ଟ୍ରପୁରୁଷ, ଦୂରଦ୍ରଷ୍ଟା, ଭାରତରତ୍ନ ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶନିବାର ୭ମ ତମ ବାର୍ଷିକ ପୂଣ୍ୟତିଥିରେ ରାଜ୍ୟ ବିଜେପି ନେତୃବୃନ୍ଦ ଓ କାର୍ଯ୍ୟକର୍ତାଙ୍କ ସମେତ ସାରା ଓଡିଶାବାସୀ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ ଭୁବନେଶ୍ୱରରେ ଏମ୍ସ ହସ୍ପିଟାଲ ପରିସରସ୍ଥିତ ବାଜପେୟୀଜିଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି। ରାଜନୀତିର ରଣବୀର, ଶବ୍ଦର ଶିଳ୍ପୀ ଭାରତରତ୍ନ ଅଟଳଜୀ "ସଡକ କ୍ରାନ୍ତିର ଜନକ" ଭାବେ ପରିଚିତ। ଭାରତର ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଜୀ କେବଳ ଜଣେ ରାଜନୀତିଜ୍ଞ ନଥିଲେ ସେ ଜଣେ ଯୁଗଜନ୍ମା ଓ ରାଷ୍ଟ୍ରନୀତିଜ୍ଞ ଥିଲେ ବୋଲି ସେ କହିଥିଲେ । ଏହି ଅବସରରେ ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି, ବିଧାୟକ ପ୍ରଶାନ୍ତ ଜଗଦେବରାୟ, ବିଧାୟକ ବାବୁ ସିଂ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଂପାଦକ ସରୋଜ କର, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ବରିଷ୍ଠ ନେତା ମହେଶ ମହାନ୍ତି, ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡଜେନା ଏବଂ ପାର୍ଟିର ଅନେକ କାର୍ଯ୍ୟକର୍ତା ଉପସ୍ଥିତ ରହି ସ୍ୱର୍ଗତଃ ଅଟଳଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।



## ମାରୁତି କୁଞ୍ଜ ଠାରେ ଶ୍ରୀ ଜଗନ୍ନାଥଙ୍କ ନୂତନ ମନ୍ଦିର ପ୍ରାଣ ପ୍ରତିଷ୍ଠା ମହୋତ୍ସବ

ଭୁବନେଶ୍ୱର (ସବ୍ୟୁ): ହରିୟାଣା ଗୁରୁଗ୍ରାମ ମାରୁତି କୁଞ୍ଜ ଠାରେ ନବ ନିର୍ମିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ପାଳିଲେ ପ୍ରବାସୀ ଓଡ଼ିଆ । ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ଅନୁସାରେ ମହାପ୍ରଭୁଙ୍କ କୃପାରୁ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସଦସ୍ୟ ଓ ଭକ୍ତ ମାନଙ୍କ ଆପ୍ରାଣ ଉଦ୍ୟମରେ ଏକ ଭବ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମାଣ ସହ ପ୍ରତିଷ୍ଠା ଦିବସ ଶ୍ରଦ୍ଧା ଭକ୍ତି ଓ ଆନନ୍ଦ ଉଲ୍ଲାସରେ ପାଳିତ ହୋଇ ଯାଇଛି । ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ ଶୁକ୍ରବାର ଠାରୁ ସୋମବାର ପର୍ଯ୍ୟନ୍ତ ଚାରିଦିନ ଧରି ଅନୁଷ୍ଠିତ ହେଇ ଥିଲା । ଶନିବାର ସକାଳୁ ୧୦୮ ମହିଳା ଶ୍ରଦ୍ଧାଳୁ ନୂଆ ବସ୍ତ୍ର ପିନ୍ଧି ନିକଟସ୍ଥ ଜଳାଶୟରୁ କଳସରେ ଜଳ ଆଣି ନାମ ସଂକୀର୍ତ୍ତନ ସହିତ ଶୋଭାଯାତ୍ରାରେ ଆସି ମନ୍ଦିର ନିକଟ ଯଜ୍ଞମଣ୍ଡପରେ ଘଟ ସ୍ଥାପନା କରି ଥିଲେ । ଓଡିଶାରୁ ଆସିଥିବା ପଣ୍ଡିତ ମାନସ ଷଡ଼ଙ୍ଗୀ ଓ ପୂଜକ ଟିମ ଯଜ୍ଞ ମଣ୍ଡପ ଶୁଦ୍ଧ, ଗୋ ପୂଜା, ସୂର୍ଯ୍ୟ ପୂଜା , ଦ୍ୱାରପାଳ ପୂଜା ସହ ଅନ୍ୟ ଦେବା ଦେବୀଙ୍କୁ ବୈଦିକ ରୀତିନୀତି ମନ୍ତ୍ର ଉଚ୍ଚାରଣ ସହ ଯଜ୍ଞ ଆରମ୍ଭ କରାଯାଇଥିଲା । ଗୁରୁଗ୍ରାମ ମାରୁତି କୁଞ୍ଜ ଅଞ୍ଚଳର ପ୍ରାୟ ଚାରିଶହ ପ୍ରବାସୀ ଓଡ଼ିଆ ପରିବାର ଏହି ଉତ୍ସବରେ ସାମିଲ ହେଇଛନ୍ତି ମାର୍ଶାଘାଇ ବାସିନ୍ଦା ତଥା ଗୁରୁଗ୍ରାମ ମାରୁତିକୁଞ୍ଜ ନିବାସୀ ତଥା ମନ୍ଦିର ସଭାପତି ଯୁବ ଇଂ ସୌମ୍ୟ ରଞ୍ଜନ ରଥ ଏବଂ ଧର୍ମପତ୍ନୀ ମମତା ରଥ କର୍ତା ଦମ୍ପତି ଭାବରେ ଯଜ୍ଞ ପୂଜା ବିଧିରେ ଦାୟିତ୍ୱ ନିର୍ବାହ କରିବା ସହ ଅନ୍ତିମ ଦିନରେ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ । ଚାରିଦିନ ଉତ୍ସବରେ ସମସ୍ତ ଭକ୍ତ ମାନଙ୍କ ପାଇଁ ଦୁଇ ବେଳା ଅନ୍ନ ପ୍ରସାଦର ବ୍ୟବସ୍ଥା ମନ୍ଦିର ତରଫରୁ କରାଯାଇଥିଲା । ଏହି ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ ଧ୍ୱନି, ହରିବୋଲ, ହୁଳହୁଳିରେ ସମଗ୍ର ମନ୍ଦିର ପରିବେଶ ଭାବ ଭକ୍ତିରେ ଉଛୁଳି ପଡିଥିଲା । ଏହି ଚାରିଦିନିଆ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, କୀର୍ତ୍ତନ, ଓଡିଶୀ ନୃତ୍ୟ ଆଦି ପରିବେଷଣ ସହ ଶନିବାର ସନ୍ଧ୍ୟାରେ ଦିଲ୍ଲୀର ଆଗଧାଡ଼ିର କଣ୍ଠଶିଳ୍ପୀ ଶ୍ରୀମନ୍ତ ବିଶ୍ୱାଳ ଓ ତାଙ୍କର ସଙ୍ଗୀତ ଅନୁଷ୍ଠାନ ଗୀତ ସଙ୍ଗୀତ ଦିଲ୍ଲୀ ଏନସିଆର ଟିମ୍ ଦ୍ୱାରା ଆୟୋଜିତ ଭବ୍ୟ ଭଜନ ସନ୍ଧ୍ୟାରେ ପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ଭାବ ଭରା ଭଜନ ପରିବେଷଣ ଉପସ୍ଥିତ ଭକ୍ତ ଓ ସମସ୍ତ ଶ୍ରଦ୍ଧାଳୁଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା ।

## ଓଏମ୍‌ସି ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଖଣି ନିଗମ (ଓଏମସି) ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳନ ହୋଇଯାଇଅଛି। ଏହି ଉତ୍ସବରେ ଓଏମସି ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ, ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ଅପରେସନ) ସବ୍ୟସାଚୀ ମହାନ୍ତି; ନିର୍ଦ୍ଦେଶକ (ମାନବ ସମ୍ବଳ) ଆଲୋକ କୁମାର ପାଳ; ନିର୍ଦ୍ଦେଶକ (ବିତ୍ତ) ବନ ବିହାରୀ ପାଣିଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିସହ ଓଏମସି ର ସମସ୍ତ ଆଞ୍ଚଳିକ ଖଣି କାର୍ଯ୍ୟାଳୟ ଯଥା ଦୈତାରି, ବଡବିଲ, ଗନ୍ଧମାର୍ଦ୍ଦନ, ରାୟଗଡ଼ା, କୋଇଡା, ଯାଜପୁର ରୋଡ ତଥା ନିଗମର ସମସ୍ତ ଖଣି ଅଞ୍ଚଳ ପରିସରରେ ମଧ୍ୟ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏଥିସହ ଓଏମସି ଦ୍ୱାରା ପରିଚାଳିତ ଓଡ଼ିଶା ମାଇନିଙ୍ଗ ଆଦର୍ଶ ବିଦ୍ୟାଳୟ, ଡି.ଏ.ଭି ପବ୍ଲିକ ସ୍କୁଲ ଠାରେ ମଧ୍ୟ ଜାତୀୟ ପତାକା ଉତ୍ତୋଳନ ହୋଇଯାଇଅଛି। ଏହି ଅବସରରେ ନିଗମର କର୍ମଚାରୀ ମାନେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ଉତ୍ସାହ ଓ ଆନନ୍ଦର ସହିତ ୭୯ତମ ସ୍ୱାଧୀନତା ଦିବସ ପାଳନ କରିଥିଲେ।

### 'ଭାରତରତ୍ନ' ଅଟଳବିହାରୀ ବାଜପେୟୀଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି

## ଦେଶ ସ୍ୱାର୍ଥରେ ଅଟଳଜୀଙ୍କ ନୀତି ଆଦର୍ଶ ପ୍ରେରଣା ହୋଇରହିବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ରାଷ୍ଟ୍ରବାଦୀ, ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ



ଅଟଳବିହାରୀ ବାଜପେୟୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ନୂଆଦିଲ୍ଲୀରେ 'ସଦୈବ ଅଟଳ' ସ୍ମୃତିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ଦେଶ ସ୍ୱାର୍ଥରେ ଅଟଳଜୀଙ୍କ ନୀତି ଆଦର୍ଶ ସବୁବେଳେ ପ୍ରେରଣା ହୋଇରହିବ । ବିଜେପିର ପ୍ରତିଷ୍ଠାତା ସଦସ୍ୟ ଅଟଳଜୀ ଥିଲେ କୋଟି କୋଟି କାର୍ଯ୍ୟକର୍ତ୍ତାଙ୍କ ପ୍ରେରଣାର ସ୍ରୋତ । ଯେତେବେଳେ ଦେଶର ରାଜନୈତିକ ନୈତିକତା, ରାଷ୍ଟ୍ର କଲ୍ୟାଣ ପ୍ରତି ସଠିକ୍ ନିଷ୍ଠା ଏବଂ ସିଦ୍ଧାନ୍ତ ଉପରେ ଚର୍ଚ୍ଚା ଆଲୋଚନା ହେବ, ସେତେବେଳେ ଶ୍ରଦ୍ଧେୟ ଅଟଳଜୀଙ୍କୁ ସ୍ମରଣ କରାଯିବ । ତାଙ୍କର ବିଚାରରେ, ରାଷ୍ଟ୍ରର ପ୍ରଗତି ଏବଂ ସମୃଦ୍ଧି ସେବେ ସମ୍ଭବ ହେବ, ଯେତେବେଳେ ଆମେ ଆମର ଆଦର୍ଶ ସହ କେବେ ହେଲେ ସାଲିସ୍ କରିବା ନାହିଁ । ପୋଖରାନ ପରମାଣୁ ପରୀକ୍ଷା ଏବଂ ସୁଦୃଢ଼ ଆର୍ଥିକ ନୀତି ତାଙ୍କର ଦୂରଦର୍ଶିତା ଏବଂ ସାହସର ପ୍ରତୀକ । ବିଜେପିର ପ୍ରତିଷ୍ଠା ଠାରୁ ପ୍ରଧାନମନ୍ତ୍ରୀ ହେବା ପର୍ଯ୍ୟନ୍ତ ସେ ସବୁବେଳେ ଜାତୀୟ ସ୍ୱାର୍ଥକୁ ସର୍ବୋପରି ରଖୁଥିଲେ । ଆଜି ତାଙ୍କର ପୁଣ୍ୟତିଥିରେ ପୂଜ୍ୟ ଅଟଳଜୀଙ୍କ ସ୍ମୃତିମାନ ଆମ ସମସ୍ତଙ୍କ ମନରେ ଅମର ହୋଇ ରହିବ ବୋଲି ସେ କହିଛନ୍ତି ।

## ଇନୋଭା ସହ ୨୨ କେଜି ଗଞ୍ଜେଇ ଜବତ: ୬ ଗିରଫ

ଭୁବନେଶ୍ୱର, (ସବ୍ୟୁ): ଇନୋଭା ଗାଡିରେ ଗଞ୍ଜେଇ ଚାଲାଣ ହୋଇଥିବା ଖବର ପାଇ ନୂଆପଲ୍ଲୀ ଥାନା ପୋଲିସ୍ ଚଢ଼ାଉ କରିଥିଲା। ଚାଲାଣରେ ସମ୍ପୃକ୍ତ ଥିବା ୬ ଜଣଙ୍କୁ ପୋଲିସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରୁଇନ୍ ଦିଘାଲ (୨୦), କିରଣ ଦିଘାଲ (୨୦), ଅଙ୍କିତ ସାହୁ (୧୯), ଅଜୟ ଦିଘାଲ (୨୩), ବିଜୟ ଦିଘାଲ (୨୦) ଓ ଖୋର୍ଦ୍ଧାର ବେଦାଶିଷ ବେହେରା (୨୫), ଦେବାଶିଷଙ୍କୁ ଛାଡି ଅନ୍ୟ ୫ ଜଣଙ୍କ ଘର କନ୍ଧମାଳ ଜିଲ୍ଲାରେ ବୋଲି ପୋଲିସ୍ କହିଛି। ଏମାନଙ୍କ ନିକଟରୁ ୨୨ କେଜି ଗଞ୍ଜେଇ, ଚାଲାଣରେ ବ୍ୟବହୃତ ଇନୋଭା ଓ ୬୦୦ ଟଙ୍କା ଜବତ ହୋଇଛି। ଶନିବାର ଦିନ ସକାଳେ ଏକାମ୍ର ପାର୍କ ଫାଟକ ପାଖରେ ଚଢ଼ାଉ କରି ପୋଲିସ୍ ଇନୋଭା ଗାଡ଼ିକୁ ଯାଞ୍ଚ କରିବା ବେଳେ ଡିକିରୁ ବିଭିନ୍ନ ରଙ୍ଗର ପ୍ଲାଷ୍ଟିକ୍ ବ୍ୟାଗ ଜବତ ହୋଇଥିଲା। ବ୍ୟାଗ ଖୋଲି ଦେଖିବା ବେଳକୁ ସବୁ ବ୍ୟାଗରେ ଗଞ୍ଜେଇ ଥିଲା। ଯାହାର ଓଜନ ୨୨ କେଜି ୧୦୦ ଗ୍ରାମ ବୋଲି ପୋଲିସ୍ କହିଛି। ତମାଣ୍ଡ ଅଞ୍ଚଳର ସାଲିଆସାହିକୁ ଗଞ୍ଜେଇ ଆସୁଥିବା ଖବର ପାଇ ପୋଲିସ୍ ଚଢ଼ାଉ କରିଥିଲା। ଗିରଫ ୬ ଜଣଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରର ବିଭିନ୍ନ ଖୁଚୁରା ବ୍ୟବସାୟୀଙ୍କୁ ଅଭିଯୁକ୍ତମାନେ ବିକ୍ରି କରିଥାନ୍ତି ବୋଲି ପୋଲିସ୍ କହିଛି।

## ଡକ୍ଟର ଚିତ୍ତରଞ୍ଜନଙ୍କ ନୃତ୍ୟରେ ବିମୁଗ୍ଧ ସାଧୁସନ୍ଥ, ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): "ମୁ ବିକି ଦେଇଛି ମୋ ପ୍ରାଣ ଘନଶ୍ୟାମଙ୍କୁ, ଆସିଲେ ନ ଆସୁ ପଛେ କାହା ମନକୁ " ସଙ୍ଗୀତର ଭାବମୟ ଓଡିଶୀ ନୃତ୍ୟରେ ସାରା ଭାରତବର୍ଷର ସହସ୍ରାଧିକ ସାଧୁସନ୍ଥ ମନ୍ତ୍ରମୁଗ୍ଧ କରତାଳିସହ ଛିଡ଼ାହୋଇ ଆଶୀର୍ବାଦ ଢାଳିଦେଉଥାନ୍ତି ବିଶିଷ୍ଟ ଅନ୍ତଃରାଷ୍ଟ୍ରୀୟ ଓଡିଶୀ ନୃତ୍ୟଶିଳ୍ପୀ ତଥା ଓଡିଆ ଭାଷା ସାହିତ୍ୟର ବରିଷ୍ଠ ଅଧ୍ୟାପକ ଡକ୍ଟର ଚିତ୍ତରଞ୍ଜନ ସାହାଣୀଙ୍କ ଭାବମୟ ଓଡିଶୀ ନୃତ୍ୟ ପ୍ରଦର୍ଶନରେ. ଗୌଡ଼ୀୟ ମିସନର ପ୍ରତିଷ୍ଠାତା ଶ୍ରୀଲ ସ୍ୱାମୀ ପ୍ରଭୁପାଦଙ୍କ ଏକସହ ଏକାବନତମ ସ୍ୱନକ୍ଷତ୍ର ଦିବସରେ କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ ଠାରେ ସହସ୍ରାଧିକ ଭକ୍ତ ସାଧୁସନ୍ଥ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ, ଗୌଡ଼ୀୟ ମିଶନର ଆଚାର୍ଯ୍ୟ ମୁଖ୍ୟ ସ୍ୱାମୀ ଭକ୍ତି ସୁନ୍ଦର ସନ୍ୟାସୀ , ବରିଷ୍ଠ ସଂଯୋଜକ ଭାରତୀ ମହାରାଜ ଡକ୍ଟର ଚିତ୍ତରଞ୍ଜନଙ୍କ ନୃତ୍ୟର ଭୂୟସୀ ପ୍ରଶଂସା କରିଥିବା ବେଳେ ମୁଖ୍ୟମନ୍ତ୍ରୀ ନୃତ୍ୟ ଶିଳ୍ପୀଙ୍କୁ



ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ସମ୍ମିଳନୀ ସ୍ମାରକୀ ପ୍ରଦାନ କରି ସମ୍ମାନିତ କରିଥିଲେ. ଡକ୍ଟର ଚିତ୍ତରଞ୍ଜନ ଜାତୀୟ ଆନ୍ତର୍ଜାତୀୟ ମଞ୍ଚ ଓ ପାକିସ୍ତାନରେ ବହୁବାର ନୃତ୍ୟ ପରିବେଷଣ ସହ କୈଶୋର ବୟସରୁ ଶ୍ରୀ ଜଗନ୍ନାଥ ମନ୍ଦିର ପୁରୀ ଠାରେ ମହାପ୍ରଭୁଙ୍କ ଗୁଣ୍ଡିଚା, ବାହୁଡା, ,ଚନ୍ଦନ, ସ୍ନାନ, ଦୋଳ ଓ ଝୁଲଣ ଯାତ୍ରାରେ ଦୀର୍ଘ ବର୍ଷ ହେବ ନୃତ୍ୟସେବା କରି ଆସୁଥିବା ବେଳେ ମହାପ୍ରଭୁଙ୍କ ପବିତ୍ର ଶେଷ ଦୁଇ ଥର ନବକଳେବରରେ ଚତୁର୍ଦ୍ଧା ବିଗ୍ରହଙ୍କ ଦାରୁ ଯାତ୍ରା ରେ ନିରନ୍ତର ନୃତ୍ୟସେବା କରିବାସହ କଟକସ୍ଥିତ ନୃତ୍ୟାନୁଷ୍ଠାନ "ନୃତ୍ୟଶାଳା ସଂସ୍କୃତି କେନ୍ଦ୍ର"ର ପ୍ରତିଷ୍ଠାତା ସମ୍ପାଦକ ଭାବେ ଓଡିଶୀନୃତ୍ୟର ପ୍ରଚାର ପ୍ରସାର କରି ଆସିବା ସହ ହାଇଟେକ ବିଜ୍ଞାନ ମହାବିଦ୍ୟାଳୟ, ଭୁବନେଶ୍ୱରର ଓଡିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଭାବେ ସହସ୍ରାଧିକ ବିଦ୍ୟାର୍ଥୀ ସୃଷ୍ଟି କରୁଛନ୍ତି ।

## ଇନ୍‌ଷ୍ଟାଗ୍ରାମ୍‌ରୁ ତ୍ରିକୋଣୀୟ ପ୍ରେମରେ ଯୁବକଙ୍କୁ ହତ୍ୟା

ଜଟଣୀ (ସବ୍ୟୁ): ମୃତ ଯୁବକଙ୍କ ବଡ଼ଭାଇଙ୍କ ଅଭିଯୋଗକୁ ଆଧାର କରି ଶୁଭରଞ୍ଜନ ବାରିକ ଓରଫ ପେଣ୍ଟୁ(୧୯) ଓ ଧରାପଡ଼ିଥିବା ଅନ୍ୟ ୨ ଜଣ ନାବାଳକଙ୍କୁ ପୁଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ମୃତ ସ୍ମୃତିରଞ୍ଜନଙ୍କୁ ଘରୁ ଡାକି ନେଇ ଘର ଠାରୁ ମାତ୍ର ୨ଶହ ମିଟର ଦୂର ଜଟଣୀ ନିୟନ୍ତ୍ରିତ ବଜାର କମିଟି ପରିସର ନିଛାଟିଆ ସ୍ଥାନରେ ଖଣ୍ଡାରେ ହାଣି ବିଭତ୍ସ ହତ୍ୟା କରାଯିବା ଘଟଣା ଜଟଣୀରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ଯୁବକଙ୍କ ନାଁ ସ୍ମୃତିରଞ୍ଜନ ନାୟକ(୧୯)। ସ୍ଥାନୀୟ ଗୋଡ଼ା ଧର୍ମସାଗର ଅଂଚଳରେ ତାଙ୍କର ଘର। ଜଟଣୀ ମ୍ୟୁନିସିପାଲିଟିରେ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ସନାତନ ନାୟକଙ୍କ ସ୍ମୃତିରଞ୍ଜନ ହେଉଛନ୍ତି ସାନପୁଅ। ଇଷ୍ଟାଗ୍ରାମରେ ତ୍ରିକୋଣୀୟ ପ୍ରେମ ସଂପର୍କରୁ ବିବାଦ ଉପୁଜି ଏହି ହତ୍ୟାକାଣ୍ଡ ହୋଇଥିବା ପୁଲିସ କହିଛି। ହତ୍ୟାକାଣ୍ଡରେ ଜଡିତ ୩ ଜଣଙ୍କୁ ପୁଲିସ ଧରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ନାବାଳକ ଅଛନ୍ତି। ଅଭିଯୁକ୍ତ ଶୁଭରଞ୍ଜନ ବାରିକ ଓରଫ ପେଣ୍ଟୁ(୧୯) ଘର ବାଛରା ତଳସାହିରେ। ହତ୍ୟାକାଣ୍ଡରେ ଜଡ଼ିତ ଅନ୍ୟ ଦୁଇଜଣ ନାବାଳକ ହୋଇଥିବାରୁ ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣକର ୧୭ ଓ ଅନ୍ୟ ଜଣକର ୧୬ ବର୍ଷ ବୟସ। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ସାଢ଼େ ଗୋଟାଏ ବେଳେ ସ୍ମୃତିରଞ୍ଜନଙ୍କୁ ଅଭିଯୁକ୍ତ ଶୁଭରଞ୍ଜନ ଘରୁ ଡାକିକି ନେଇଥିଲା। ନେବା ପରେ ନିୟନ୍ତ୍ରିତ ବଜାର କମିଟି ପରିସର ହନୁମାନ ମନ୍ଦିର ନିକଟ ନିଛାଟିଆ ସ୍ଥାନରେ ଅନ୍ୟ ଦୁଇଜଣ ନାବାଳକ ରହିଥିଲେ। ସେଠାରେ ସ୍ମୃତିରଞ୍ଜନ ପହଞ୍ଚିବା ପରେ ଖଣ୍ଡାରେ ଲଗାତର ଆକ୍ରମଣ କରିବାରୁ ସେ ଗୁରୁତର ହୋଇଯାଇଥିଲା। ଏଥିରେ ସ୍ମୃତିରଞ୍ଜନଙ୍କ ବେକ, ଗଳା ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ପରେ ଆକ୍ରମଣକାରୀ ଦୁଇନାବାଳକ ଓ ଶୁଭରଞ୍ଜନ ଏକ ସ୍କୁଟିରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଂଚି ଗୁରୁତର ଅବସ୍ଥାରେ ସ୍ମୃତିରଞ୍ଜନଙ୍କୁ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ଲୋକେ ଅପରାହ୍ନ ୩ଟାରେ ଖବର ପାଇ ଘଟଣାସ୍ଥଳ ଓ ମେଡିକାଲରେ ପହଞ୍ଚିଥିଲେ। ପୁଲିସ ସୂଚନା ଅନୁଯାୟୀ ଇଷ୍ଟାଗ୍ରାମ ମାଧ୍ୟମରେ ଜଣେ ଝିଅ ସହିତ ପ୍ରଥମେ ସ୍ମୃତିରଞ୍ଜନର ପ୍ରେମ ସଂପର୍କ ଗଢ଼ିଉଠିଥିଲା। ତେବେ ପରେ ହତ୍ୟାକାଣ୍ଡରେ ଜଡ଼ିତ ଦୁଇ ନାବାଳକଙ୍କ ମଧ୍ୟରୁ ଜଣକର ସେହି ଝିଅ ସହିତ ପ୍ରେମ ସଂପର୍କ ସୃଷ୍ଟି ହୋଇଥିଲା। ଏଇଥିରୁ ବିବାଦ ଆରମ୍ଭ ହୋଇଥିଲା। ପୂର୍ବରୁ ଅନେକ ଥର ସ୍ମୃତିରଞ୍ଜନଙ୍କୁ ଧମକ ଦିଆଯାଇଥିଲା। ପୂର୍ବ ଯୋଜନା ଅନୁଯାୟୀ ଏନେଇ ଆଲୋଚନା କରିବା ବାହାନାରେ ନିୟନ୍ତ୍ରିତ ବଜାର କମିଟି ପରିସରକୁ ଶୁକ୍ରବାର ଡକାଇ ଖଣ୍ଡାରେ ସ୍ମୃତିରଞ୍ଜନଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡସ୍ଥଳକୁ ଆଜି ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଂଚ ତଦନ୍ତ କରିଥିଲେ।

## ପାତ୍ରପଡ଼ା ଦୁର୍ଘଟଣାରେ ମା, ଝିଅଙ୍କ ମୃତ୍ୟୁ ମାମଲା, ୨ ଗିରଫ

ଭୁବନେଶ୍ୱର,(ସବ୍ୟୁ): ପାତ୍ରପଡାରେ ଥର ଗାଡି ଦୁର୍ଘଟଣାରେ ମା- ଝିଅଙ୍କ ମୃତ୍ୟୁ ହୋଇଥିବା ବେଳେ ପୋଲିସ୍ ଥର ଗାଡି ସହ ରେସିଂ କରୁଥିବା ସ୍କ୍ରପିଓ ଡ୍ରାଇଭର ଅଙ୍କିତ ଶ (୨୨) ଓ ଅପରାଧୀଙ୍କୁ ଫେରାର କରାଇବା ସହ କୃଷ୍ଣ ଚନ୍ଦ୍ର ପ୍ରଧାନ (୪୨)ଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଥରଗାଡି ଡ୍ରାଇଭର ସୋମନାଥ ବେହେରା ଓ ତା ବାପା ହାଡିବନ୍ଧୁ ବେହେରା ଫେରାର ଥିବାରୁ ସେମାନଙ୍କୁ ପୋଲିସ୍ ଗିରଫ କରିବାରୁ ବିଫଳ ହୋଇଛି। ରାକ୍ଷୀ ପୂର୍ଣ୍ଣିମା ଦିନ ହୋମଗାର୍ଡ ମାନସ ରାଉଳଙ୍କ ପନ୍ନୀ ରେବତୀ ରାଉଳ, ଝିଅ ରେସ୍ମା ଓ ଦୁଇ ବର୍ଷ ପୁଅଙ୍କୁ ସାଙ୍ଗରେ ନେଇ ଭାଇ ଘର ପଡ଼ିଆକୁ ରାକ୍ଷୀ ବାନ୍ଧିବାକୁ ଯାଇଥିଲେ। ରାକ୍ଷୀ ବାନ୍ଧୀ ଫେରୁଥିବା ବେଳେ ପାତ୍ରପଡ଼ା ଛକରେ ସ୍କ୍ରପିଓ ଓ ଥର ଗାଡି ରେସିଂରେ ଆସୁଥିଲେ। ଥର ଗାଡି ରେବତୀ ଓ ତାଙ୍କ ପିଲାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ରେସ୍ମାଙ୍କ ମୃତ୍ୟୁ ହୋଇଥିବା ବେଳେ ମା ରେବତୀଙ୍କର ହସ୍ପିଟାଲରେ ମୃତ୍ୟୁ ହେଲା। ସେହି ଘଟଣାରେ ଥର ଗାଡି ଡ୍ରାଇଭରକୁ ଗିରଫ ଦାବି କରି ସ୍ଥାନୀୟ ଲୋକମାନେ ରାସ୍ତା ରୋକ କରିଥିଲେ। ଥର ଗାଡି ଡ୍ରାଇଭର ଗିରଫ ହୋଇନଥିବା ବେଳେ ପୋଲିସ୍ ସ୍କ୍ରପିଓ ଡ୍ରାଇଭର ଓ ସେମାନଙ୍କୁ ସହଯୋଗ କରିଥିବା କୃଷ୍ଣ ଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ସେମାନେ ଜେଲରେ ଅଛନ୍ତି। ଥର ଗାଡି ଡ୍ରାଇଭର ଗିରଫଦାରୀକୁ ଅପେକ୍ଷା କରିଛନ୍ତି ସ୍ଥାନୀୟ ଲୋକେ।

### ରାସ୍ତା ଦୁର୍ଘଟଣା ରୋକିବା ଉପରେ ଡିଜିପିଙ୍କ ଗୁରୁତ୍ୱାରୋପ

## ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀଙ୍କ ଉପରେ ରଖ ନଜର

କଟକ, (ସବ୍ୟୁ):ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷାକୁ ଅଧିକ ସୁଦୃଢ କରିବାପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପରିବହନ ପ୍ରାଧିକରଣ ଆନୁକୁଲ୍ୟରେ ଆୟୋଜିତ ଏହି ବୈଠକରେ ସଡକ ଦୁର୍ଘଟଣା କମାଇବା, ଟ୍ରାଫିକ୍ ନିୟମର କାର୍ଯ୍ୟକାରିତା , ଜାତୀୟ ରାଜପଥ ପାଟ୍ରୋଲିଂ, ସିସିଟିଭି ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଏବଂ ସ୍କୁଲ-କଲେଜ ସ୍ତରରେ ସଡ଼କ ସୁରକ୍ଷା ଶିକ୍ଷା ଆଦି ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ଗଞ୍ଜାମ ଏବଂ ଖୋର୍ଦ୍ଧା ଆଦି ଜିଲ୍ଲାରେ ଦୁର୍ଘଟଣାର ହାର ବୃଦ୍ଧି ପାଉଛି। ବିଶେଷକରି ଦୁଇ ଚକିଆ ଯାନ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ୫ଟି ଜିଲ୍ଲାରେ ଖୁବଶୀଘ୍ର ୫୦୦ ଟ୍ରାଫିକ ୱାର୍ଡେନ ମୁତୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ଏସପି




ମାନେ ଏହି ୱାର୍ଡେନ ମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ ଏବଂ ସେମାନଙ୍କୁ ଟ୍ରାଫିକ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦିଆଯିବ ବୋଲି ଡିଜିପି ସୂଚନା ଦେଇଥିଲେ। ଏହାସହ ସମସ୍ତ ଜିଲ୍ଲାର ସ୍କୁଲ, କଲେଜ ଏବଂ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଏହାସହ ଟ୍ରାଫିକ ନିୟମ ଉଲଂଘନକାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ମଧ୍ୟ ସେ ଜିଲ୍ଲାର ଏସପି ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବେପରୁଆ ଗାଡିଚାଳନା ଦ୍ୱାରା ସାଧାରଣ ଲୋକଟିଏ ଯେପରି ଦୁର୍ଘଟଣାର ଶିକାର ନହେବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ଆରଟିଓ, ପୋଲିସ ଏବଂ ଅନ୍ୟ ବିଭାଗର କର୍ମଚାରୀମାନେ ଦୁର୍ଘଟଣାରେ ସାଧାରଣ ଲୋକଙ୍କ ଜୀବନହାନୀ ରୋକିବାକୁ ସମ୍ମିଳିତ ଉଦ୍ୟମ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ।

ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ, ଜାତୀୟ ରାଜପଥରେ ପାଟ୍ରୋଲିଂ, ଫୁଟ ଓଭରବ୍ରିଜ ଏବଂ ଅଣ୍ଡର ପାସରେ ଲୋକଙ୍କ ଯାତାୟତକୁ ସୁନିଶ୍ଚିତ, ନିଶାସକ୍ତ ଗାଡିଚାଳକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ଗାଡି ଚଳାଇବା ସମୟରେ ସିଟବେଲ୍ଟ ଏବଂ ହେଲମେଟ ପିନ୍ଧିବାକୁ ସୁନିଶ୍ଚିତ, ଜାତୀୟ ରାଜପଥ ପାର୍ଶ୍ୱରେ ଛିଡାହୋଇ ରହିଥିବା ଭାରୀଯାନ ଉପରେ କଡା କାର୍ଯ୍ୟାନୁଷ୍ଠାନ, ଜାତୀୟ ରାଜପଥ ଉପରେ ଦୁର୍ଘଟଣା ମୃତ୍ୟୁହାର କମାଇବା ପାଇଁ ଆମ୍ବୁଲାନ୍ସ ମୁତୟନ ଆଦି ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଆଜିର ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଉପକୂଳ ଏବଂ ରେଳବାଇ ସୁରକ୍ଷା) ଅରୁଣ ବୋଥ୍ରା, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ସମେତ ରାଜ୍ୟ ପରିବହନ ପ୍ରାଧିକରଣର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସରକାରୀ ଅଭ୍ୟାସ ବାଳିକା ହାଇସ୍କୁଲ ରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କଟକ, (ସବ୍ୟୁ):ସମାଜସେବୀ ତଥା ବାଲୁ ବଜାର ପୂଜା କମିଟି ସଭାପତି ପୃଥ୍ୱୀରାଜ ସାହୁଙ୍କ ଦ୍ୱାରା ସରକାରୀ ଅଭ୍ୟାସ ବାଳିକା ହାଇସ୍କୁଲରେ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ରଥ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ପୁରୀଘାଟ ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱରଂଜନ ନାୟକ, ସମ୍ମାନୀୟ ଅତିଥି ବରିଷ୍ଠ ଫଟୋ ସାମ୍ବାଦିକ ସରୋଜ କୁମାର ମଲ୍ଲିକ ଯୋଗ ଦେଇଥିଲେ । ଉକ୍ତ ସଭାରେ ସମାଜସେବୀ ତଥା ଉପର ତେଲେଙ୍ଗା ବଜାର ପୂଜା କମିଟି ସହ ସମ୍ପାଦକ ସମ୍ପଦ କୁମାର ମଲ୍ଲିକ, ସୟଦ କାଶୀଫୁଲ ଇସଲାମ ( ସି.ଆର.ସି.ସି ), ଶିକ୍ଷୟିତ୍ରୀ ରଶ୍ମିତା ବେହେରା, ସୁନିତା ନାୟକ, ପ୍ରୀତି ଦାସ, ମଧୁସ୍ମିତା ମଲ୍ଲିକ, ଅନ୍ନପୂର୍ଣ୍ଣା ମହାରଣା, ମିନତୀ ସାହୁ ଓ ନିହାରିକା ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅତିଥି ମାନେ ସ୍କୁଲରେ ସର୍ବୋଚ୍ଚ ନଂ ରଖିଥିବା କୃତୀ ଛାତ୍ରୀ ଶିବାନୀ ବାରିକ, ପ୍ରିୟଙ୍କା ସେଠି, ପୂର୍ଣ୍ଣମାସୀ ବେହେରା, ଆୟେଶା ମହାରଣା ଓ ଅଙ୍କିତା ଜେନାଙ୍କୁ ପୁଷ୍ପଗୁଚ୍ଛ,ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ଗୌରାଙ୍ଗ ସେବା ଫାଉଣ୍ଡେସନ୍ ଦ୍ୱାରା ଜନ୍ମାଷ୍ଟମୀ

ଭୁବନେଶ୍ୱର (ସବ୍ୟୁ): ଗୌରାଙ୍ଗ ସେବା ଫାଉଣ୍ଡେସନର ହରେ କୃଷ୍ଣ ଭକ୍ତମାନେ ୧୬ ଅଗଷ୍ଟ ୨୦୨୫ରେ ଭୁବନେଶ୍ୱରସ୍ଥିତ କ୍ରିଷ୍ଟାଲ୍ କ୍ରାଉନ୍, ପଟିଆରେ ଏକ ମହାନ କୃଷ୍ଣ ଜନ୍ମାଷ୍ଟମୀ ଉତ୍ସବର ଆୟୋଜନ କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମକୁ ପାଳନ କରାଯାଉଥିବା ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତଙ୍କ ସମାବେଶ ହୋଇଥିଲା ଯେଉଁମାନେ ଅତ୍ୟନ୍ତ ଉତ୍ସାହ ଏବଂ ଭକ୍ତିର ସହିତ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ସଂଧ୍ୟାରେ ଏହି ଉତ୍ସବ ଆଧ୍ୟାତ୍ମିକ କୀର୍ତ୍ତନ ଏବଂ ଭଜନ ସହିତ ଆରମ୍ଭ ହୋଇଥିଲା ଯାହା ପରିବେଶକୁ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ କରିଥିଲା। ସାରା ସହରରୁ ଭକ୍ତମାନେ ଭଗବାନ ଶ୍ରୀକୃଷ୍ଣଙ୍କ ସ୍ତୁତି ଗାନ କରିବାକୁ ଏକତ୍ରିତ ହୋଇଥିଲେ, ତାଙ୍କ ଦିବ୍ୟ ଲୀଳା ଏବଂ ଶିକ୍ଷାକୁ ମନେ ପକାଇଥିଲେ। ଧର୍ମ ପୁନରୁଦ୍ଧାର ଏବଂ ମାନବଜାତିକୁ ମାର୍ଗଦର୍ଶନ କରିବାରେ ଭଗବାନ ଶ୍ରୀକୃଷ୍ଣଙ୍କ ଭୂମିକା ଉପରେ ଆଲୋକପାତ କରି କୃଷ୍ଣ ଜନ୍ମାଷ୍ଟମୀର ମହତ୍ତ୍ୱ ଉପରେ ଜ୍ଞାନପୂର୍ଣ୍ଣ ପ୍ରବଚନ ଦିଆଯାଇଥିଲା। ହୋଇଥିଲା ଏବଂ ତା'ପରେ ଷୋଡଶ ଉପଚାର କରାଯାଇଥିଲା।



ଏହି ଉତ୍ସବ ଅବସରରେ, ଭଗବାନ ଗୋପାଳ (ଭଗବାନ କୃଷ୍ଣ) ଙ୍କୁ ଏକ ପଲ୍ଲକୀ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା ଯେଉଁଥିରେ ଭକ୍ତମାନେ ପଥ ପାର୍ଶ୍ୱରେ ନୃତ୍ୟ କରୁଥିଲେ ଏବଂ ଉଲ୍ଲାସପୂର୍ଣ୍ଣ ଭଜନ ଏବଂ କୀର୍ତ୍ତନ କରୁଥିଲେ। ପାରମ୍ପରିକ ବୈଦିକ ସ୍ତୁତି ଗାନ ସହିତ ଏକ ମହାନ ଅଭିଷେକମ ଉତ୍ସବ ଅନୁଷ୍ଠିତ ଭଗବାନ ଗୋପାଳଙ୍କୁ ସୁଗନ୍ଧିତ ତେଲରେ ଲେପ ଦିଆଯାଇଥିଲା ଏବଂ ପଞ୍ଚାମୃତ ସ୍ନାନ (ଦୁଗ୍ଧ, ଦହି, ଘିଅ, ମହୁ, ମଧୁର ଜଳ) ତପ୍ରରେ ଫାଲୋଦକ ସ୍ନାନ (ଫଳର ତାଜା ରସ) ଏବଂ ସମସ୍ତ ପବିତ୍ର ନଦୀର ଜଳ ସହିତ ସ୍ନାନ କରାଯାଇଥିଲା। ତା'ପରେ ଭଗବାନଙ୍କୁ ଚନ୍ଦନ ଲେପ ଦିଆଯାଇ ଗଙ୍ଗା ଜଳରେ ସ୍ନାନ କରାଯାଇଥିଲା। ଫୁଲର ଏକ କୋମଳ ଶଯ୍ୟାରେ ଆଚ୍ଛାଦିତ ହେବା ପର୍ଯ୍ୟନ୍ତ, ଭଗବାନଙ୍କ ଉପରେ ବିଭିନ୍ନ ପ୍ରକାରର ପୁଷ୍ପ ବୃଷ୍ଟି କରାଯାଇଥିଲା। ଭଗବାନଙ୍କ ନିକଟରେ ମହାମଙ୍ଗଳ ଆରତୀ ଏବଂ ଛପନ ଭୋଗ (୫୬ଟି ବିଶେଷ ଭୋଗ) ଅର୍ପଣ କରାଯାଇଥିଲା ଯାହାକି ପରିଶେଷରେ ଭକ୍ତମାନଙ୍କୁ ବଣ୍ଟନ ହୋଇଥିଲା ।

ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମର ଶୁଭ ସମୟ ମଧ୍ୟରାତ୍ରି ପର୍ଯ୍ୟନ୍ତ ଉତ୍ସାହୀ ଭକ୍ତମାନେ ଦିନସାରା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଗୌରାଙ୍ଗ ସେବା ଫାଉଣ୍ଡେସନର ସ୍ୱେଚ୍ଛାସେବୀ ଶାଖା ଏ.ଏଚ.ଲ ଫୋରମ୍ ଏବଂ ଗୀତା ଅଧ୍ୟୟନ ସର୍କଲର ଆୟୋଜନରେ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ ମାନେ ନୃତ୍ୟ, ସଂଗୀତ, ରଙ୍ଗୋଲି, ଗୀତା ଗାନ ଇତ୍ୟାଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛୋଟ ପିଲା ମାନେ ନିଜକୁ ରାଧା ଏବଂ କୃଷ୍ଣ ଭାବରେ ସଜାଇଥିଲେ।

### ଅଟଳବିହାରୀ ବାଜପେୟୀଙ୍କ ପୁଣ୍ୟତିଥି

କଟକ, (ସବ୍ୟୁ):ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଶ୍ରୀ ଅଟଳବିହାରୀ ବାଜପେୟୀ ଙ୍କ ପୁଣ୍ୟତିଥି ଅବସରରେ ଜୁଡ଼ିସାଆଲ ଗୋଲେଇ ଛକ ରେ ଥିବା ତାଙ୍କ ପୂର୍ଣ୍ଣାବୟବ ମୂର୍ତ୍ତିରେ କଟକ ନଗର ଭାଜପା କାର୍ଯ୍ୟକର୍ତ୍ତା ମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଭାଜପା ନେତା ଲଲାଟେନ୍ଦୁ ବଡ୍ଡୁ, ରଶ୍ମିରେଖା ଦାସ, ଇନ୍ଦ୍ରମଣି ମଲ୍ଲିକ,ମନୋଜ ପତି,ମହମ୍ମଦ ସବୀର, ସୁବାଷ ମହାନ୍ତି, ବିଶିଷ୍ଟ ମୂର୍ତ୍ତି ଶିଳ୍ପୀ ପ୍ରଫେସର ରବି ରଥ, ଇଂ ହରିଚନ୍ଦନ ନାୟକ, ସନ୍ଦୀପ ବିଶ୍ୱାଳ,ଦିଲ୍ଲୀପ କୁମାର ସାହୁ,ଗୋପୀନାଥ ଚୌଧୁରୀ,ସଂଜୀବ ରଣା, ସୌମେନ୍ଦ୍ର ନାୟକ,ଶଶିକାନ୍ତ ପରିଡା, ବିଶ୍ୱଜିତ ପ୍ରଧାନ, ଦୀପ୍ତି ପଣ୍ଡା,ରାଜେଶ ସିଂ, ଦିଲ୍ଲୀପ ରାୟ, କୁମାର ରାଜମନ୍ୟୁ,ସଂଯୋଜ ସାମନ୍ତରାୟ, ବାପୁଜୀ ବେହେରା, ଜୟକୃଷ୍ଣ ସ୍ୱାଇଁ, କାମାକ୍ଷା ମିଶ୍ର,ନିର୍ମଳା ଆଚାର୍ଯ୍ୟ, ସୁନୀଲ ସାମଲ ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ଚାଲିଗଲେ ପ୍ରସିଦ୍ଧ ଦହିବରା ଆଳୁଦମ ବ୍ୟବସାୟୀ ରଘୁ ସାସମଲ

କଟକ,(ସବ୍ୟୁ): କଟକ ଦହିବରାକୁ ଦେଶ ବିଦେଶରେ ପରିଚିତ ଓ ପ୍ରସିଦ୍ଧ କରାଇଥିବା ପ୍ରସିଦ୍ଧ ଦହିବରା ଆଳୁଦମ ବ୍ୟବସାୟୀ ରଘୁନାଥ ସାସମଲ ଆଉ ନାହାନ୍ତି । ତାଙ୍କର ବିଡାନାସୀ ଗୋପାଳସାହିସ୍ଥିତ ବାସଭବନରେ ୯୧ବର୍ଷ ବୟସରେ ଶନିବାର ପରଲୋକ ଘଟିଛି । ରଘୁଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କର ବାସଭାବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ତାଙ୍କର ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ ନିଶାମଣି , ପୁତ୍ର ଲିଙ୍ଗରାଜ ,ବନମାଳୀ ଓ ପୁତୁରା କେଦାରନାଥଙ୍କ ସମେତ ୫ଝିଅ ଜ୍ୱାଇଁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ଏପରିକି ସାମାଜିକ ଗଣମାଧ୍ୟମରେ ରଘୁଙ୍କ ପରଲୋକ ଜନିତ ଖବର ଓ ଶୋକ ବାର୍ତ୍ତା ସମ୍ପୂର୍ଣ୍ଣ ଛାଇ ହୋଇଯାଇଥିଲା । ରଘୁ କେତେ ଯେ ଲୋକପ୍ରିୟ ଥିଲେ ଓ ତାଙ୍କର ନାମରେ ମିଳୁଥିବା ଦହିବରା ବି କେତେ ପ୍ରସିଦ୍ଧ ଥିଲା ତାହା ଏଥିରୁ ଜଣାପଡିଛି । ଗୋପାଳ ପରିବାରରେ ପିତା ବିନୋଦ ସାସମଲ ଓ ମାତା ଚମ୍ପାଙ୍କ ପୁତ୍ର ରଘୁ ବାଲ୍ୟ କାଳରେ ଆର୍ଥିକ ଅନାଟନ ମଧ୍ୟରେ ଗତି କରିଥିଲେ । ପିତା ଜଙ୍ଗଲକୁ ଗାଈ ଚରାଇବାକୁ ଯାଉଥିଲେ । ଅର୍ଥାଭାବରୁ ରଘୁଙ୍କ ପାଠ ପଢାରେ ଦ୍ୱିତୀୟ ଶ୍ରେଣୀରୁ ଡୋରି ବନ୍ଧା ହୋଇଥିଲା । ପଚାଶ ଦଶକରେ ମାତ୍ର



୧୫ବର୍ଷ ବୟସରେ ପ୍ରଥମେ କାନ୍ଧରେ ଦହିବରା ଆଳୁଦମର ଭାର ନେଇ ସେ ବୁଲି ବୁଲି ବିକ୍ରି କରୁଥିଲେ । ବାରବାଟୀ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସମୟରେ ରଘୁ ସେଠାରେ ବସି ତାଙ୍କର ପସରା ମେଲାଇଥିଲେ । ଧିରେ ଧିରେ ଭିଡ ବଢିବାକୁ ଲାଗିଲା । ସେ ସମୟରେ ମଧ ମିଞ୍ଜି ମିଞ୍ଜି ହୋଇ ଜଳୁଥିବା ଲଣ୍ଠନ ଆଲୁଅରେ ସେ ମାତ୍ର ଘଣ୍ଟାଏ ମଧ୍ୟରେ ବେପାର ସାରି ଘରକୁ ଫେରୁଥିଲେ । ୧୯୯୯ ମସିହା ପର୍ଯ୍ୟନ୍ତ ସେଠାରେ ତାଙ୍କର ବ୍ୟବସାୟ ବେଶ ଜମିସାରିଥିଲା । ସେତେବେଳକୁ ସେ ସବୁଆଡେ ପରିଚିତ ହୋଇସାରିଥିଲେ ରଘୁ ଦହିବରା ଓ ଆଳୁଦମ ନାମରେ । ଏହା ପର ଠାରୁ ସେ ତାଙ୍କର ଘର ନିକଟବର୍ତ୍ତି ବିଡାନାସୀ ବନ୍ଧ ଛକରେ ବେପାର କରିଥିଲେ । ସ୍ଥାନ ପରିବର୍ତ୍ତନ ହେବା ସତ୍ତ୍ୱେ ଦହିବରା ଆଳୁଦମର ଗୁଣାତ୍ମକ ମାନ ବଜାୟ ରଖିଥିବା ରଘୁଙ୍କ ପାଖକୁ ଗ୍ରାହକଙ୍କ ସୁଅ ଛୁଟୁଥିଲା । ପୁଅ ପୁତୁରାଙ୍କ ସହ ଟ୍ରଲିରେ ବସି ଦହିବରା ଆଳୁଦମ ଆଣୁଥିଲେ ରଘୁ । ବିକ୍ରୟସ୍ଥାନରେ ପହଞ୍ଚିବା ପୂର୍ବରୁ ଦହିବରା ଆଳୁଦମ ଖାଇବା ପାଇଁ ବହୁ କାର ଓ ମୋଟରସାଇକଲରେ ଆସିଥିବା ଗ୍ରାହକ ମାନେ ଅପେକ୍ଷା କରି ରହୁଥିଲେ । ଠିକ ଅପରାହ୍ନ ସାଢେ୪ଟା ସମୟରେ ଆସୁଥିବା ରଘୁଙ୍କ ଦହିବରା ଆଳୁଦମ ସାଢେ୫ଟା ବେଳକୁ ସରିଯାଉଥିଲା । ପ୍ରତିଦିନ ନିର୍ଦ୍ଧାରିତ ସମୟ ମଧ୍ୟରେ ଯେଉଁ ଗ୍ରାହକ ଆସିନପାରି ବିଳମ୍ବରେ ପହଞ୍ଚୁଥିଲା ସେଠାରୁ ସେ ନିରାଶ ହୋଇ ଫେରୁଥିଲା ।

## ରାସନକାର୍ଡ ବାଣ୍ଟିଲେ ଯୋଗାଣ ମନ୍ତ୍ରୀ




ଭଞ୍ଜନଗର,(ସବ୍ୟୁ): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦୁଇ ଦିନିଆ ଭଞ୍ଜନଗର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଶୁକ୍ରବାର ମନ୍ତ୍ରୀ ଭଞ୍ଜନଗରରେ ପହଞ୍ଚି ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ବୁଲିବା ସହ ବେଲେଶ୍ୱର ମନ୍ଦିର ବୁଲି ଦେଖିଥିଲେ। ପରେ ଶନିବାର ଘୁମୁସର ଉତ୍ତର ବନଖଣ୍ଡ,ଅଟଳ ଯୁବ ବାହିନୀ, ଜାତୀୟ ସେବା ଯୋଜନା ପୁରୁଷ ଶାଖା (୧), ମହିଳା ଶାଖା (୨), ଯୁବ ରେଡକ୍ରସ, ଏନସିସି ଆର୍ମି ୱିଂଙ୍ଗ, ଏନସିସି ନାଭାଲ ୱିଂଙ୍ଗ ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଅନୁଷ୍ଠିତ ଗୋଟିଏ ଗଛ ମା'ଙ୍କ ନାମରେ ବୃହତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଯୋଗଦେଇ ଚାରା ରୋପଣ କରିଥିଲେ। ପରେ ପରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପହଞ୍ଚି ଉପଖଣ୍ଡର ୨୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ରାସନ କାର୍ଡ ବଣ୍ଟନ କରିଥିଲେ। ପରେ ମନ୍ତ୍ରୀ ଚକରା ଘାଟି ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତ ରାୟ,ଭଞ୍ଜନଗର ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ଭଞ୍ଜନଗର ବିଡିଓ ଭାରତୀ ଦେବୀ,ଡେପୁଟି କଲେକ୍ଟର ସୁମନ ଘୋଷ,ଭଞ୍ଜନଗର ବ୍ଲକ ଯୋଗାଣ ଅଧିକାରୀ ଶୁଭଶ୍ରୀ ବନଜାଜେନା,ବେଲଗୁଣ୍ଠା ବ୍ଲକ ଯୋଗାଣ ଅଧିକାରୀ ସମ୍ବିତ ପ୍ରତାପ ଦାସ,ଜଗନ୍ନାଥପ୍ରସାଦ ବ୍ଲକ ଯୋଗାଣ ଅଧିକାରୀ ନିଖିଲ କୁମାର ପ୍ରଧାନ,ସୋରଡ଼ା ବ୍ଲକ ଯୋଗାଣ ଅଧିକାରୀ ସୁମନ୍ତ ମଲ୍ଲିକ ଉପସ୍ଥିତ ଥିଲେ।

## ଭୋଟ୍ ଚୋରୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତୁ ଦେଶରେ ଗଣତନ୍ତ୍ରଙ୍କୁ ବଞ୍ଚାନ୍ତୁ : ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଣଜିତ ପାତ୍ର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦେଶରେ ଓ ଓଡ଼ିଶାରେ ଭୋଟ୍ ଚୋରୀ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ କରିବା ସହ ଏ ସଂକ୍ରାନ୍ତରେ ଏକ ପୋଷ୍ଟର ଜାରି କରିଥିଲେ। କଂଗ୍ରେସ ଭବନ ସମ୍ମୁଖ ରାସ୍ତାରେ ଲୋକମାନଙ୍କୁ ବୁଝାଯାଇ ସେମାନଙ୍କ ଗାଡିରେ ଭୋଟ୍ ଚୋରି ବନ୍ଦ କର ନାମକ ପୋଷ୍ଟର ମରାଯାଇଥିଲା । ଭୋଟ ଚୋରୀ ସମ୍ପର୍କରେ ରାହୁଲ ଗାନ୍ଧୀଙ୍କର ଖୁଲାସାକୁ ସହରରୁ ପୁରପଲ୍ଲୀ ପର୍ଯ୍ୟନ୍ତ ନେବା ପାଇଁ ଯୁବ କଂଗ୍ରେସ ପଥପ୍ରାନ୍ତ ସଭା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି। ଏଥିସହ ଭୋଟ ଚୋରିକୁ ନେଇ ଲିଫଲେଟ ମଧ୍ୟ ବଣ୍ଟନ କରାଯିବ।




ଏହି ଅବସରରେ ଶ୍ରୀ ପାତ୍ର କହିଥିଲେ ଯେ ନିର୍ବାଚନ କମିଶନକୁ ଭୋଟ ଚୋରି ଭାବରେ ଯଦି ପ୍ରଶ୍ନ ପଚରା ଯାଉଛି ତେବେ ବିଜେପି ଛାତିରେ କ'ଣ ପାଇଁ ଯନ୍ତ୍ରଣା ହେଉଛି । ଏଥିରୁ ସ୍ପଷ୍ଟ ହୋଇପଡୁଛି ଯେ ୨୦୨୪ ନିର୍ବାଚନ ପୂର୍ବରୁ ବିଜେପି-ନିର୍ବାଚନ କମିଶନ ମଧ୍ୟରେ ଏକ ବଡ଼ ଧରଣର ଡିଲ ହୋଇଯାଇଛି। ଫଳରେ ଆଶ୍ଚର୍ଯ୍ୟଜନକ ଭାବେ ବ୍ୟାପକ ଭୋଟ ଚୋରି ହୋଇଛି। ଆଜିର କେନ୍ଦ୍ର ସରକାର ଓ ଓଡିଶା ସରକାର ଯାହା ବିଜେପି ନେତୃତ୍ୱରେ ଗଢ଼ା ହୋଇଛି ତାହା ଏକ ନିର୍ବାଚିତ ସରକାର ନୁହେଁ, ବରଂ ଭୋଟ୍ ଚୋରୀରୁ ଗଠନ ହୋଇଥିବା ସରକାର ।

କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭାର କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଥିଲେ ଯେ, ନିର୍ବାଚନ କମିଶନ ଲୋକସଭାର ବିରୋଧ ଦଳର ନେତା ରାହୁଲ ଗାନ୍ଧୀଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଅକ୍ଷମ । ରାହୁଲ ଗାନ୍ଧୀଙ୍କ କୋର୍ଟ କୋଚିରୀକୁ ଭିଡ଼ିବା ପାଇଁ ଧମକ ଦିଆଯାଉଛି । ବିଜେପି ଦଳର ନେତାମାନେ ଏହି ପ୍ରସଙ୍ଗକୁ ବିଭ୍ରାନ୍ତ କରିବା ପାଇଁ ଅବାନ୍ତର ପ୍ରଶ୍ନ କରୁଛନ୍ତି। ବିଜେପି ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଏ ଦେଶର ଯୁବକ ମାନଙ୍କର ଭୋଟକୁ ଅପହରଣ କରିନେଉଛନ୍ତି । ଭୋଟ ଚୋରି ମାଧ୍ୟମରେ ନିର୍ବାଚନ କମିଶନ ଆମର ସମ୍ମାନ, ସ୍ୱାଭିମାନ ଏବଂ ଅଧିକାରକୁ ଛଡେଇ ନେଇଛନ୍ତି । ଭୋଟ ଚୋରି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ କଂଗ୍ରେସ ନିବେଦନ କରିଛି । ରାହୁଲ ଗାନ୍ଧୀ ନିର୍ବାଚନ କମିଶିନଙ୍କୁ ଯେଉଁ ତଥ୍ୟ ମାଗଛନ୍ତି ତାହା ତୁରନ୍ତ ଦିଆଯାଉ ।ତଥ୍ୟ ନଷ୍ଟ କରିବା ପାଇଁ ଷଡଯନ୍ତ୍ର କରାଯାଉଛି । ଯୁବ କଂଗ୍ରେସ ନିର୍ବାଚନ କମିଶନ ଓ ବିଜେପିର ସାଙ୍ଘାତିକ ଅପରାଧ ବିରୁଦ୍ଧରେ ନିରନ୍ତର ଆନ୍ଦୋଳନ କରିବ ବାଲି ଚେତାବନୀ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ନିହାର ବେହେରା, ଅଭିଜିତ ଜେନା, ଜାଭେଦ୍ ଅକ୍ତାର, ମହମ୍ମଦ ଗୁଲଫାମ୍ ପ୍ରମୁଖ ବହୁ ଯୁବ କଂଗ୍ରେସ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ।

## ଶିକ୍ଷକଙ୍କୁ ମୋହନ ସରକାରଙ୍କ ପ୍ରତାରଣା କରନ୍ତୁ ନାହିଁ: ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ବିଜେପି ସରକାର ଗଠନ କରିବା ୧୪ ମାସ ମଧ୍ୟରେ ନାରୀ ନିର୍ଯାତନା, ଅପରାଧ, ଲୋକଙ୍କ ଦୁର୍ଦ୍ଦଶା, ମିଥ୍ୟା ପ୍ରତିଶ୍ରୁତି ଆଦି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି । ବର୍ତ୍ତମାନ ମୋହନ ସରକାରଙ୍କ ଦ୍ୱାରା ପ୍ରତାରିତ ଶିକ୍ଷକ ରାଜରାସ୍ତାରେ । ଆଜି ଦୁଇଗୋଟି ଭିନ୍ନ ଅନୁଷ୍ଠାନ ତାଙ୍କ ଦାବି ନେଇ ସଚିବାଳୟ ସମ୍ମୁଖ ମହାତ୍ମା ଗାନ୍ଧୀ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରତାରିତ ଶିକ୍ଷକ ଓ ଅଧ୍ୟାପକଙ୍କ ଦାବିମାନ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ସରକାର କର୍ପୋରେଟ ହାଉସ ଦ୍ୱାରା ପରିଚାଳିତ ସ୍କୁଲ ଓ ଶିକ୍ଷାନୁଷ୍ଠାନ ମାନଙ୍କୁ ଅଗ୍ରାଧିକାର ଦେଉଥିବା ବେଳେ ନିଜ ଶିକ୍ଷାନୁଷ୍ଠାନ ମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି। ଶିକ୍ଷକଙ୍କୁ ପେନସନ, ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡିକର ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି କରିବା ସହ ୨୦୪ ରୁ ୨୦୨୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କୁ ଛଅ ଗୋଟି ନେସନାଲ ଇନକ୍ରିମେଣ୍ଟ, ବରିଷ୍ଠତା ପ୍ରଦାନ, ନୂତନ ପେନସନ ବଦଳରେ ପୁରାତନ ପେନସନ ସ୍କିମର ପ୍ରଚଳନ, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି ଓ ଗ୍ରେଡ୍ ପେରେ ଥିବା ଅସଙ୍ଗତିକୁ ଦୂରୀକରଣ ଆଦି ଦାବି ନେଇ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘ, ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୧ ଜୁନ ୨୦୦୮ ରୁ ୧ ଜୁନ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାର ଅନୁଦାନ ପରିସରଭୁକ୍ତ କରନ୍ତୁ ବୋଲି ଏକମାତ୍ର ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ମୋହନ ସରକାର ଆସିବା ଦିନଠୁ ୧୨ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ସାକ୍ଷାତକରି ଦାବି ଜଣେଇଥିଲେ ସୁଦ୍ଧା ସରକାର କିଛି ପଦକ୍ଷେପ ନେଇ ନାହାନ୍ତି ।

## ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧଦିବସ

ବ୍ରହ୍ମପୁର, ,(ସବ୍ୟୁ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତର ମହାନ ଦ୍ରଷ୍ଟା, ଅଗଣିତ ଭାରତୀୟଙ୍କୁ ନିଜର ମନ୍ତ୍ର ମୁଗ୍ଧ ବାଣୀ ରେ ଦେଶ ପ୍ରେମ ଓ ତ୍ୟାଗ ଶିଖାଇ ଥିବା ଜଣେ ଆଦର୍ଶ ରାଜନୀତିଜ୍ଞ,ଜାତୀୟତାବାଦୀ ନେତା ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟ ତିଥି ପାଳନ ହୋଇଯାଇଛି। ଏହି ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ନେତୃତ୍ୱରେ ଓ ଜିଲ୍ଲା ସଭାପତି ସରୋଜ ସାବତଙ୍କ ସଭାପତିତ୍ୱରେ ସ୍ଥାନୀୟ ରାମଲିଙ୍ଗେଶ୍ୱର ପାର୍କ ସ୍ଥିତ ବାଜପେୟୀଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବାଜପେୟୀଙ୍କ ଭଳି ବ୍ୟକ୍ତିତ୍ୱ କେବଳ ଜଣେ ରାଜନୀତିଜ୍ଞ ନୁହଁନ୍ତି ଏକାଧାରରେ ଜଣେ ଆଦର୍ଶବାଦୀ ନେତା, କବି ତଥା ଦେଶ ପ୍ରେମୀ ଭାବରେ ଚିର ସ୍ମରଣୀୟ ହୋଇ ରହିବେ। ଏହି ଶ୍ରଦ୍ଧାଞ୍ଜଳି ସଭା ରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ବିଶିଷ୍ଟ ରାଜନେତା ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଓ ବିଜେପି ରାଷ୍ଟ୍ର କାର୍ଯ୍ୟ କାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଯୋଗ ଦେଇ ବାଜପେୟୀଙ୍କ ଗୁଗାନ କରିଥିଲେ। । ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ପ୍ରବକ୍ତା ଟି ଗୋପି, ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳ, ପ୍ରଦୀପ ନାୟକ, ପୂର୍ବତନ ବି ଡି ଏ ଅଧକ୍ଷ ସରତ ପଟ୍ଟନାୟକ,ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ,



ମେୟର ପ୍ରାର୍ଥୀନୀ ସବିତା ସୁଆର, ବରିଷ୍ଠ ନେତା ରବିନ୍ଦ୍ର ସାହୁ, ବିଜୟ ନନ୍ଦ, ପ୍ରେମଶିଳା ନନ୍ଦ, ମଣ୍ଡଳ ସଭାନେତ୍ରୀ ବର୍ଷା ବିଦୁସ୍ମିତା,ରୀତା ସେଠୀ, ମଣ୍ଡଳ ସଭାପତି ଜଗନ୍ନାଥ ଜେନା, ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ ପ୍ରଭାତ କିରଣ ଷଡଙ୍ଗୀ,ମଣ୍ଡଳ ପ୍ରତିନିଧି ମନିତା ଦାସ, ଆଇନଜୀବୀ ମଦନ ପାତ୍ର, କୁଞ୍ଜ ପଣ୍ଡା, ବିନୋଦ ସିଂ, ଉଷା ମହାପାତ୍ର, ଅନୁପ ପଣ୍ଡା, ଟୁଙ୍ଗୁରୁ ପାତ୍ର, ବଦ୍ରିନାରାୟଣ ନାୟକ,ସୁମନ୍ତ ଦଳେଇ, ଅନିଲ ତ୍ରିପାଠୀ ପ୍ରମୁଖ ଓ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ବାଜପେୟୀଙ୍କ ଦୂରଦର୍ଶିତା,ସରଳତା ଓ ଜନସେବା ଆଦର୍ଶ ଆଜି ଆମକୁ ବହୁ ପ୍ରେରଣା ପ୍ରଦାନ କରୁଛି। ଏହି ମହାନ ଆତ୍ମାଙ୍କ ସଦଗତି କାମନା କରିଥିଲେ , ଅଟଳଜୀଙ୍କ ଅବଦାନ ଭାରତରେ ସଦା ସ୍ମରଣୀୟ ରହିବ ବୋଲି ବକ୍ତାମାନେ କହିଥିଲେ ।

## ଆସ ସ୍କୁଲ ଯିବା ଅଭିଯାନ ପଦଯାତ୍ରା କାର୍ଯ୍ୟକ୍ରମ

ବୁଗୁଡ଼ା,(ସବ୍ୟୁ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଅଧାରୁ ପାଠ ଛାଡିଥିବା , ଆଦୌ ନାମ ଲେଖାଇନଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟବ୍ୟାପୀ ଅଭିଯାନ ପ୍ରରିପ୍ରେକ୍ଷୀରେ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ପକ୍ଷରୁ ଆସ ସ୍କୁଲ ଯିବା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଶିକ୍ଷକ ବିଶ୍ୱେଶ୍ୱର ଗିରିଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅବସରରେ ସ୍କୁଲ ଛାତ୍ରମାନେ ପଦଯାତ୍ରାରେ ବାହାରି ସହର ପରିକ୍ରମା କାଳରେ ହାତରେ ପ୍ଲାକାର୍ଡ଼ ଧରି ସ୍ଲୋଗାନ ଦେଇ ଜନସଚେତନା ସୃଷ୍ଟି କରିଥିଲେ। ଏଥି ସହ ସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରାଙ୍କ ଅଧକ୍ଷତାରେ ସତନ୍ତ୍ର ଅଭିଭାବକ-ଶିକ୍ଷକ/ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା /ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇ ଆସ ସ୍କୁଲ ଯିବା ଅଭିଯାନ ସମ୍ପର୍କେ ଆଲୋଚନା କରାଯାଇଥିଲା।

## ରକ୍ତଦାନ ଶିବିର ଆୟୋଜିତ

ଆସିକା ,(ସବ୍ୟୁ) :ସ୍ୱାଧୀନତା ଦିବସ ଅବସରରେ ବିଭିନ୍ନ ସ୍ଥାନରେ ବହୁ ସେବା ,ସାମାଜିକ ଓ ସଚେତନତା କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲାଲା ଶାସନ ଗ୍ରାମ୍ୟ କମିଟି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗ୍ରାମର ମା ବିମଳା ଉତ୍ସବ ସମାରୋହ ଭବନରେ ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରସନ୍ନ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିପିନା ଦାସ, ଶିକ୍ଷା ନିବେଶ ରାଜ୍ୟ ପ୍ରଶାସନିକ ଅଧିକାରୀ ରଚିତା ମହାପାତ୍ର, ଥାନା ଅଧିକାରୀ କୁଳମଣି ସେଠୀ, ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର , ୱାର୍ଡ କାଉନସିଲର ସଂଯୁକ୍ତା ଶତପଥି,ଅତିରିକ୍ତ ରକ୍ତ ଦାନ ଶିବିର ଆୟୋଜନରେ ତାଲୁକ ଛକ ଓ ଗ୍ରାମ ବାସିନ୍ଦା ଓ ଯୁବକ ମାନେ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ: ୨୦୨୫

ବାରିପଦା,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ-୨୦୨୫ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ, ଜିଲ୍ଲାପ୍ରଶାସନ ତରଫରୁ ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଉକ୍ତ ଜିଲ୍ଲା ସ୍ତରୀୟ ପ୍ୟାରେଡରେ ପୋଲିସ ବ୍ୟାଣ୍ଡକୁ ମିଶାଇ ୪୫ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ମୟୂରଭଞ୍ଜ ଲ୍ଲାର ବିପ୍ଳବୀ-ବୀର ସ୍ୱାଧୀନତା ସଂଗ୍ରାମୀ ଓ ରଷ୍ଟ୍ରନୀତିଜ୍ଞମାନଙ୍କ ସ୍ତୁତିଚାରଣ କରି ସେମାନଙ୍କର ନିସ୍ୱାର୍ଥପର ଦେଶ ପ୍ରେମ ଓ ଅତୁଳନୀୟ ବଳିଦାନ ବିଷୟରେ ଆଲୋକପାତ କରିବା ସହ ସ୍ୱାଧୀନତା ସଂଗ୍ରାମରେ ମୟୂରଭଞ୍ଜର ବିପ୍ଳବୀ ସଂଗ୍ରାମୀମାନଙ୍କ ଅବଦାନ ବିଷୟରେ ଉଲ୍ଲେଖ କରିଥିଲେ। । ଏହାପରେ ମୁଖ୍ୟଅତିଥି, ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ



ଚକ୍ରଧର ପ୍ରଧାନଙ୍କୁ ଉତ୍ତରୀୟ ପରିଧାନ ପୂର୍ବକ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ଏବଂ ପ୍ୟାରେଡ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥବା ଏନସିସିରେ ଏମକେସି ହାଇସ୍କୁଲ (ବାଳିକା), ସ୍କାଉଟ- ଗାଇଡ଼ରେ ଏମପିକେ ଗାର୍ଲସ ହାଇସ୍କୁଲ(ଗାଇଡ଼), ଜୁନିଅର ରେଡ଼କ୍ରସରେ ବଳାଙ୍ଗୀ ଗାର୍ଲସ ହାଇସ୍କୁଲ ଏବଂ ସିଭିଲିଆନରେ ସେଣ୍ଟ ମେରୀ କନଭେଣ୍ଟ ସ୍କୁଲ (ବାଳକ) ଦଳଙ୍କୁ ସିଲଡ଼ ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଉତ୍ସବର ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀୟ ମହାରାଜା ପ୍ରବୀଣଚନ୍ଦ୍ର ଭଞ୍ଜଦେଓ, ସମ୍ମାନୀୟା ମହାରାଣୀ ରଶ୍ମି-ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ରାଜକୁମାରୀ ମୃଣାଳିକା ମଞ୍ଜରୀ ଭଞ୍ଜଦେଓ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର କାଶୀଷ ବକ୍ସି, ଆଇଏଏସ (ପ୍ରବେସନର) ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଧର୍ମାନନ୍ଦ ବେହେରା ପ୍ରମୁଖଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ପୁରସ୍କାର ଗୁଡିକ ମଧ୍ୟରେ ମଧ୍ୟରେ ଚଳିତ ବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ଛତ୍ରଛାତ୍ରୀ ଓ ଜାତୀୟ ଖେଳ ମହୋତ୍ସବର ରଗବୀ ଚମ୍ପିୟାନ ଲୀଲମୁନି ହାଁସଦାଃ, ଫୁଟବଲ ସାହାଣୀ କପରେ ରନର୍ସ ଅପ ନୀଲେଶ ତିଗା, ସନ୍ତରଣରେ ରଞ୍ଜନ ହାଁସଦାଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଅନୁ ରଞ୍ଜନ ସ୍ୱାଇଁ, ଦୀପ୍ତାଂଶୁ ବେହେରା ଓ ଦେବର୍ଷି ବେହେରାଙ୍କୁ ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ସାହାଯଯ କରି ସଠିକ ସମୟରେ ଡାକ୍ତରଖାନାରେ ପହଞ୍ଚାଇ ଜୀବନ ବଞ୍ଚାଇ ଥିବାରୁ ଏହି ମହତ ସେବା ପାଇଁ ସେମାନଙ୍କୁ ପ୍ରଶାସନ ତରଫରୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ପୋଲିସ ପଡିଆ ଠାରେ ପୋଲିସ ପ୍ରଶାସନ ଓ ମା କିଚକେଶ୍ୱରୀ ଭଲିବଲ ଏକାଡେମୀ ତରଫରୁ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଏବଂ କ୍ରୀଡା ଅଧିକାରୀଙ୍କ ତତ୍ତ୍ୱାବଧାନରେ ବାରିପଦା ଷ୍ଟାଡିଅମ ପଡ଼ିଆଠାରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ତରଫରୁ ଜିଲ୍ଲାପାଳ ଏକାଦଶ ଏବଂ ମୟୂରଭଞ୍ଜ ଏଥେଲେଟିକ ଏସୋସିଏସନ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ଓଡିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଏବଂ ସଂସ୍କୃତି ବିଭାଗ ତରଫରୁ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଭାଶିଷ ନାୟକ ଏହାକୁ ପରିଚାଳନା କରିଥିଲେ।

## ଉପଖଣ୍ଡ ସ୍ଥରୀୟ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହ

ବ୍ରହ୍ମପୁର ,(ସବ୍ୟୁ): ୭୯ତମ ସ୍ୱାଧୀନତା ଦିବସ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିସରର ଷ୍ଟାଡିୟମ ଠାରେ ଦକ୍ଷିଣାଞ୍ଚଳ ରାଜସ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପ୍ୟାରେଡ ଅଭିବାଦନ ଗ୍ରହଣ କରି ସମବେତ ଜନତାଙ୍କୁ ଉଦବୋଧନ ପ୍ରଦାନ କରିଥିଲେ । ଜାତୀୟ ସଂଗ୍ରାମରେ ସାମିଲ ହୋଇ ନିଜ ଜୀବନକୁ ତିଳ ତିଳ କରି ଦେଶ ଓ ଜାତି ଉଦ୍ଦେଶ୍ୟ ରେ ଉତ୍ସର୍ଗ କରିଯାଇଥିବା ସେହି ମହାମନିଷୀ ମାନଙ୍କୁ ସ୍ମରଣ କରିବା ସହ ତାଙ୍କ ନିଃସାର୍ଥପର ଦେଶ ସେବା ପ୍ରତି ପ୍ରଣାମ ଜଣାଇଥିଲେ । ଗଞ୍ଜାମ ଜିଲ୍ଲାର ଘୁମୁସର ବିଦ୍ରୋହ,ବେଲଗୁଣ୍ଠା ସ୍ୱାଧୀନତା ସଂଗ୍ରାମ ପଦଧନି ଏବେ ମଧ ଇତିହାସରେ ରଚିତ । ଗଞ୍ଜାମ ଜିଲ୍ଲାର କଳା ସାହିତ୍ୟ, ନୃତ୍ୟ, ଲୋକକଳା, ଲୋକବାଦ୍ୟ, ସଙ୍ଗୀତ,ସଂସ୍କୃତି କୁ ପରିପୃଷ୍ଟ କରିବା ସହ ଆମ ରାଜ୍ୟର ଜନଜୀବନକୁ ପ୍ରଭାବିତ କରିଛି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ,କବିସୂର୍ଯ୍ୟ ବଳଦେବ ରଥ ଓ କବି ଗୋପାଳ କୃଷ୍ଣ , ପୂର୍ବତନ ରାଷ୍ଟ୍ରପତି ଭି ଭି ଗିରି ,ବିନାୟକ ଆଚାର୍ଯ୍ୟଙ୍କ ପରି କୃତି ସନ୍ତାନ ଏହି ମାଟିର ଗୌରବ ବୃଦ୍ଧି କରିଛନ୍ତି ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଗଞ୍ଜାମର ପାଟଶାଢ଼ୀ ଓଡ଼ିଶାର ହସ୍ତତନ୍ତ ଉତ୍କୃଷକୁ ପ୍ରମାଣିତ କରିଛି ।



ତାରାତାରିଣୀ ଯାତ୍ରା,ଠାକୁରାଣୀ ଯାତ୍ରା,ଦଣ୍ଡ ଯାତ୍ରା ସମସ୍ତଙ୍କୁ ଆକୃଷ୍ଟ କରିଆସିଛି । ଏପରି ପ୍ରଭାବଶାଳୀ ତଥା ଗୌରବ ମଣ୍ଡିତ ଗଞ୍ଜାମ ଜିଲ୍ଲା ମାଟିକୁ ପ୍ରଣାମ ଜଣାଇ ଏହାର ସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ନିଜକୁ ଧନ୍ୟ ମନେକରିଥିଲେ । ଏହି ସମାରୋହରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ ଶ୍ରବଣ ବିବେକ ଏମ , ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ , ପ୍ରମୁଖ ଉପସ୍ଥିତ ରହିଥିଲେ । ଉପଖଣ୍ଡ ସ୍ତରୀୟ ପ୍ୟାରେଡ ରେ ସମୁଦାୟ ୪୨ଟି ପ୍ଲାଟୁନ ଓ ୮ଟି ଦଳ ଶାରୀରିକ କ୍ରୀଡା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ ।ପ୍ୟାରେଡ କମାଣ୍ଡର ଆର.ଆଇ.ଅଫ ପୋଲିସ ଏମ ଲକ୍ଷ୍ମୀ ରଞ୍ଜନ ପ୍ୟାରେଡ ପରିଚାଳନା କରିଥିଲେ । ପ୍ୟାରେଡ ପ୍ରତିଯୋଗିତାରେ ସିନିୟର୍ ଡିଭିଜନ ଏନ ସି ସି ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଖଲ୍ଲିକୋଟ ବିଶବିଦ୍ୟାଳୟ ଆର୍ମି ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଶଶି ଭୂଷଣ ରଥ ସଂୟଶାସିତ ମହିଳା ମହବିଦ୍ୟାଳୟ ଆର୍ମି , ଜୁନିୟର ଡିଭିଜନ ଏନ ସି ସି ବାଳିକା ରେ ପ୍ରଥମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଦ୍ୱିତୀୟ ନିୟୁ ଡି ପଲ ସ୍କୁଲ, ଜୁନିୟର ଡିଭିଜନ ବାଳକରେ ପ୍ରଥମ ଗୁରୁକୁଳ ଇଣ୍ଟର ନ୍ୟାସନାଲ ପବ୍ଲିକ ସ୍କୁଲ ଓ ଦ୍ୱିତୀୟ ସିଟି ହାଇ ସ୍କୁଲ ଏୟାର ୱିଙ୍ଗ , ସ୍କାଉଟ ଓ ଗାଇଡ ରେ ପ୍ରଥମ ଭି ଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ଓ ଦ୍ୱିତୀୟ କଳିଙ୍ଗ ବିଦ୍ୟା ମନ୍ଦିର,ସବ ଜୁନିୟର ଡିଭିଜନ ସିଭିଲିୟାନ ରେ ପ୍ରଥମ କେ ସି ହାଇସ୍କୁଲ, ଇଂରାଜୀ ମିଡିୟମ ଓ ଦ୍ୱିତୀୟ ଗୁରୁନାନକ ପବ୍ଲିକ ସ୍କୁଲ,ଜୁନିୟର ଡିଭିଜନ ସିଭିଲିୟନରେ ପ୍ରଥମ ଅମରେଶ୍ୱର ପୋଲିସ ହାଇସ୍କୁଲ ଓ ଦ୍ୱିତୀୟ ସ୍ଥାନରେ ତକ୍ଷଶିଳା ରେସିଡେନସିଆଲ ସ୍କୁଲ,ସିନିୟର୍ ଡିଭିଜନ ସିଭିଲିୟନ ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଓଡ଼ିଶା ଆଦର୍ଶ ବିଦ୍ୟାଳୟ କରାପଲ୍ଲି ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଜ୍ଞାନ ବିକାଶ କଲେଜ । ପରିଶେଷରେ ମୁଖ୍ୟ ଅତିଥି ଓ ବ୍ରହ୍ମପୁର ଉପଜିଲ୍ଲାପାଳ ଆମ୍ବପୁଆ ସ୍ଥିତ ବଧିର ବିଦ୍ୟାଳୟ ଓ ଦୃଷ୍ଟିହୀନ ବିଦ୍ୟାଳୟକୁ ଗ୍ରସ୍ତ କରି ସେହି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବିସ୍କୁଟ, କେକ ଓ ଯୁସ ପ୍ରଦାନ କରିଥିଲେ ଓଁଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୁବ୍ରତ ରାମ ବିରାମ ଶତପଥୀ , ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ । ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲୋକନାଥ ଶତପଥି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଘାଇରେ ବୁଡି ଯୁବକଙ୍କ ମୃତ୍ୟୁ

ବୁଗୁଡା ,(ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ଡାକରାବାଡିର ଜଣେ ଯୁବକ ଘାଇରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ମୃତକ ଜଣକ ହେଲେ ଶଙ୍କର ପ୍ରଧାନ (୩୮)। ଏ ନେଇ ବୁଗୁଡା ଥାନାରେ କେସ ନଂ ୧୩/ ୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶ ଯେ, ଶନିବାର ଅପରାହ୍ନରେ ଶଙ୍କର ଡାକରାବାଡି ଗ୍ରାମ ନିକଟସ୍ଥ ପୁରୁଣାଡିହ ଘାଇକୁ ଶୌଚ ପାଇଁ ଯାଇଥିଲେ। ଅସାବଧାନତା ବଶତଃ ସେ ପାଣିରେ ବୁଡି ଯାଇଥିଲେ। ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ସେଠାରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିଥିବା ଜଣାଯାଇଛି।

## ପେଟ୍ରୋଲ ବ୍ୟାରେଲ ଫାଟି ଅଗ୍ନିକାଣ୍ଡ

ଛତ୍ରପୁର, (ସବ୍ୟୁ) : ଘରେ ଥିବା ପେଟ୍ରୋଲ ବ୍ୟାରେଲ ଫାଟି ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅଧୀନ ସୁନ୍ଦରପୁର ଗ୍ରାମ ବାଲିସାହିରେ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗିବା ଯୋଗୁଁ ଘରଟି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି । ଘରର ଆସବାବପତ୍ର ମଧ ପୋଡି ନଷ୍ଟ ହୋଇଛି । ସୁନ୍ଦରପୁର ଗାଁର କୃଷ୍ଣ ଚନ୍ଦ୍ର ସାହୁ ନିଜ ଘରେ ପେଟ୍ରୋଲ ବ୍ୟାରେଲରେ ରଖି ବିକ୍ରି କରୁଥିଲେ । ଶୁକ୍ରବାର ସକାଳୁ କୌଣସି କାରଣ ବଶତଃ ସେହି ପେଟ୍ରୋଲ ବ୍ୟାରେଲରେ ନିଆଁ ଲାଗି ଫାଟି ଯାଇଥିଲା । ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ । ଏସମ୍ପର୍କରେ ଖବର ପାଇ ଛତ୍ରପୁର, ପୁରୁଷୋତ୍ତମପୁର ଓ ରମ୍ଭା ରୁ ଅଗ୍ନିଶମ ବାହିନୀର ଟିମଆସି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଅନ୍ୟପଟେ ଘରର ବହୁ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି । ଏପରିକି ଦୁଇଟି ଗାଡି ପୋଡି ନଷ୍ଟ ହୋଇଛି । ଏ ଘଟଣା ତଦନ୍ତ ଜାରି ରଖିଛି ପୋଲିସ ।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

# ସ୍ୱାଧୀନତାର ପ୍ରକୃତ ମୂଲ୍ୟ ବୁଝି ଏହାର ସୁରକ୍ଷା ଦିଗରେ ବ୍ରତୀ ହେବାପାଇଁ ପରାମର୍ଶ

ଜଗତସିଂହପୁର (ସବ୍ୟୁ) :ଜଗତସିଂହପୁର ଜିଲ୍ଲା ସଦର ମହକୁମା ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ୭୯ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଜେ. ସୋନାଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରି ମୁଖ୍ୟ ଅତିଥି ଦେଶର ସ୍ୱାଧୀନତା ପାଇଁ ନିଜର ନିଃସ୍ୱାର୍ଥପର ତ୍ୟାଗ, ବଳିଦାନ ଓ ଆଦର୍ଶରେ ଅମର ହୋଇଥିବା ମହାନ୍ ଦେଶଭକ୍ତ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଉଦ୍ଦେଶ୍ୟରେ ନିଜର ପ୍ରଣାମ ଜଣାଇଥିଲେ । ବାଣୀକ୍ଷେତ୍ର ଜଗତସିଂହପୁରର ସୁଯୋଗ୍ୟ ସନ୍ତାନ ଭାଗିରଥି ମହାପାତ୍ର, ଗୋପବନ୍ଧୁ ଚୌଧୁରୀ, ପ୍ରାଣକୃଷ୍ଣ ପଢ଼ିଆରୀ,ମା ରମାଦେବୀ ,ସରଳା ଦେବୀ, ନବକୃଷ୍ଣ ଚୌଧୁରୀ ଓ ଅନ୍ନପୂର୍ଣ୍ଣା ମହାରଣାଙ୍କ ପରି ଚିର ନମସ୍ୟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ନିଜର ଶ୍ରଦ୍ଧାଅର୍ଘ୍ୟ ଅର୍ପଣ କରିଥିଲେ । ଉପସ୍ଥିତ ଯୁବ ତଥା ଛାତ୍ର ସମାଜକୁ ସ୍ୱାଧୀନତାର ପ୍ରକୃତ ମୂଲ୍ୟ ବୁଝି ଏହାର ସୁରକ୍ଷା ଦିଗରେ ବ୍ରତୀ ହେବାପାଇଁ ଉପଦେଶ ଦେଇଥିଲେ । ଅନୁସନ୍ଧିତ୍ସୁ ହୋଇ ତଥ୍ୟ କୁ ବିଶ୍ଳେଷଣ କରିବା ସହ ପରଂପରାଗତ ରୁଢ଼ୀବାଦୀ ଚିନ୍ତାଧାରା କୁ ନିଜର ଉନ୍ନତ, ସୃଜନଶୀଳ ପ୍ରଶ୍ନବାଚୀ ଦ୍ୱାରା ଏକ ପରିବର୍ତ୍ତନର ସ୍ୱର ଆଣିବାପାଇଁ ସେ ଯୁବଶକ୍ତିକୁ ଉତ୍ସାହିତ କରିଥିଲେ । ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା ମୁଖ୍ୟ ଅତିଥିଙ୍କୁ ପତାକା ସ୍ତମ୍ଭ ନିକଟକୁ ପାଛୋଟି ଆଣିଥିଲେ । ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲ୍ଲାସ୍ତରୀୟ ବକ୍ତୃତା , ଦେଶାତ୍ମବୋଧକ ସଙ୍ଗୀତ, ଜଣା ଅଜଣା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ପ୍ୟାରେଡରେ ମୋଟ ୨୩ଟି ଦଳ ଭାଗ ନେଇଥିଲେ ।

ଉତ୍ସବରେ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ଜ୍ୟୋତି ଶଙ୍କର ରାୟ,ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା,ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ,ଜିଲ୍ଲା ପରିଷଦ, ର ବିନାରାୟଣ ଜେଠୀ,ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ , ଏସ ଡି ପି ଓ ଆଜିଙ୍କ୍ୟ ମାଣେ,ପୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂ,ଉପାଧକ୍ଷ ରାଜେନ୍ଦ୍ର ବିଶୋଇ,ଜିଲ୍ଲା ସ୍ତରୀୟ ଅଧିକାରୀ , ସହରର ବୁଦ୍ଧିଜୀବୀ, ଆଇନଜିବୀ,ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ , ଶିକ୍ଷକ ଶିକ୍ଷୟିତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଶ୍ରୀ ଉମାକାନ୍ତ ବେହେରା ପ୍ୟାରେଡ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପରିଚାଳନା କରିଥିବା ବେଳେ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ତ୍ରିରଙ୍ଗା କନ୍ସର୍ଟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ପୋଖରୀରେ ବୁଡି ଅଭୟଙ୍କ ମୃତ୍ୟୁ

ମହାକାଳପଡା,(ସବ୍ୟୁ ):ମହାକାଳପଡ଼ା ଥାନା ଅଧୀନ ସାହାଜପୁର ଗାଁ ର ଅଭୟ ସେଠୀ ବୟସ (୫୯) ଗତକାଲି ରାତ୍ରିରେ ପତ୍ନୀ କାଞ୍ଚନ ଶୋଇଥିବା ବେଳେ ଘର ପାଖ ପୋଖରୀକୁ ଖସି ପଡ଼ିଥିଲେ । ରାତ୍ରି ପାହିଲା ବେଳକୁ ସ୍ୱାମୀ କୁ ପାଖରେ ନ ପାଇ ପଡୋଶୀଙ୍କୁ ଘଟଣା ବିଷୟରେ ଜଣାଇଥିଲେ । ସଭିଏଁ ଖୋଜା ଖୋଜି କରିବାରେ ପୋଖରୀ ଭିତରେ ଭାସୁଥିବାର ଦେଖିବାକୁ ମିଳିଥିଲା । ଏନେଇ ପତ୍ନୀ କାଞ୍ଚନ ସେଠୀ ମହାକାଳପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୨/ ୨୫ମୂଳେ ଅପମୃତ୍ୟୁ ମାମଲା ରୁଜୁ କରିଛି । ପୋଲିସ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଛେଦ ପାଇଁ ପଠାଇବା ସହିତ ଅଧିକ ଅନୁସନ୍ଧାନ ଜାରି ରଖିଥିବାର ଜଣାପଡିଛି

## ସ୍ୱାଧୀନତା ଦିବସରେ ପାକିସ୍ତାନ ଜିନ୍ଦାବାଦ ଭିଡିଓ ଭାଇରାଲ : ଯୁବକଙ୍କ ନାମରେ ଏତଲା

ଚଣ୍ଡିଖୋଲ,(ସବ୍ୟୁ) :ଅଗଷ୍ଟ୧୫ ତାରିଖରେ ସାରା ଦେଶରେ ୭୯ ତମ ସ୍ୱାଧୀନତା ଦିବସ ପାଳନ ହେଉଥିବା ବେଳେ ଯାଜପୁର ଜିଲ୍ଲା ବଡ଼ଚଣା ଥାନା ସୁଙ୍ଗୁଡା ଗ୍ରାମର ସବିର ଖାଁଙ୍କ ପୁଅ ସୋହେଲା ଖାଁ ଭାରତକୁ ଗାଳି ଦେବା ସହ ପାକିସ୍ତାନର ଜିନ୍ଦାବାଦ କରି ଏକ ଭିଡ଼ିଓ ନିଜ ଫେସବୁକରେ ପୋଷ୍ଟ କରି ପାକିସ୍ତାନ ପ୍ରେମୀର ପରିଚୟ ଦେଇଛି । ଯାହାକୁ ନେଇ ସମଗ୍ର ଅଞ୍ଚଳରେ ହଇଚଇ ସୃଷ୍ଟି ହେବା ସହ ସଂପୃକ୍ତ ଯୁବକ ନାମରେ ଦେଶଦ୍ରୋହ ମାମଲା ରୁଜୁ କରାଯିବାକୁ ପୋଲିସ ନିକଟରେ ଦାବି ହୋଇଛି । ବଡଚଣା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସଂପୃକ୍ତ ଯୁବକ ନାମରେ ବଡଚଣା ଥାନାରେ ଏତଲା ଦାୟର କରାଯାଇଛି । ଏପରି ଘଟଣା ଦେଶର ଅଖଣ୍ଡତା ପ୍ରତି ବିପଦ ଓ ସାମାଜିକ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ଦିଷ୍ଟ ବୋଲି ଏତଲାରେ ଉଲେଖ କରାଯାଇଛ । ଦେଶକୁ ନିନ୍ଦା କରିବା ପରି ପ୍ରସ୍ତୁତ ଏହି ଭିଡିଓ ଗତକାଲି ଠାରୁ ଭାଇରାଲ ହେବାପରେ ବିଭିନ୍ନ ମହଲରେ ଆଲୋଚନାର ବିଷୟ ହୋଇଛି । ଏହି ଭିଡିଓରେ ଦେଶ ଭିତରେ ଦଙ୍ଗା ସୃଷ୍ଟିକାରୀ ମନ୍ତବ୍ୟ ରହିବା ସାଙ୍ଗକୁ ସଂପୃକ୍ତ ଯୁବକ ନିଜକୁ ପାକିସ୍ତାନ ହିରୋ ବୋଲି ଭିଡିଓରେ ଅଭିହିତ କରିଛନ୍ତି । ଏହି ଭିଡିଓ ଫେସବୁକରେ ଘୁରି ବୁଲିଲା ପରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଥାନାରେ ଏତଲା ଦିଆଯିବା ସହ ବଡଚଣା ଥାନା ଅଧିକାରିଣୀଙ୍କୁ ଏ ବିଷୟ ଅବଗତ କରାଯାଇଥିଲା । ବଡ଼ଚଣା ପୋଲିସ ସଂପୃକ୍ତ ଯୁବକ ସୋହେଲକୁ ପଚରା ଉଚରା କରିବା ପାଇଁ ଥାନାକୁ ଡାକିଥିବା ଜଣାପଡିଛି । ଏ ସମ୍ପର୍କରେ ଥାନା ଅଧିକାରିଣୀଙ୍କୁ ପଚାରିବାରୁ ସେ ଏଥିନେଇ ତଦନ୍ତ ଆରମ୍ଭ ହୋଇଛି । ଉପଯୁକ୍ତ ପ୍ରମାଣ ମିଳିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ । ସମଗ୍ର ଘଟଣାକୁ ନେଇ ସାଧାରଣରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ବେଳେ ପୋଲିସ ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ସମସ୍ତେ ଅପେକ୍ଷା କରିଛନ୍ତ ।

## ଅଙ୍ଗଦାନ କରିଥିବା ପରିବାରକୁ ୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ

କେନ୍ଦ୍ରାପଡା,(ସବ୍ୟୁ) :ଅଙ୍ଗଦାନ କରି ଅନ୍ୟର ଜୀବନ ବଂଚାଇବା ଭଳି ଏକ ମହତ କାର୍ଯ୍ୟରେ ସହାୟତା କରିଥିବା କେନ୍ଦ୍ରାପଡା ଜିଲ୍ଲାର ୩ ଜଣ ବ୍ୟକ୍ତିଙ୍କ ପରିବାର କୁ ୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲା ଆରିପଦା ଗ୍ରାମର ମନୋଜ କୁମାର ସାହୁ(୨୩), ପଟ୍ଟାମୁଣ୍ଡାଇ ର ଚନ୍ଦନନଗର ଗ୍ରାମର ଅଜୟ କୁମାର ଗିରି(୪୯), ଏହିଭଳି ରାଜକନିକାର ପତରପୁରପାଟଣା ର ଶରତ ଚନ୍ଦ୍ର ବିଶ୍ୱାଳ (୫୪) ପ୍ରମୁଖ ୩ଜଣ ବ୍ୟକ୍ତି ସେମାନଙ୍କ ଲିଭର ଓ କିଡନୀ ଦାନ କରିଛନ୍ତି । ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂପୃକ୍ତ ୩ଟି ପରିବାରକୁ କନ୍ଦ୍ରୋପଡା ଜିଲ୍ଲପାଳ ରଘୁରାମ ଆର ଆୟାର ୫ଲକ୍ଷ ଟଙ୍କା ଲେଖାଏଁ ପ୍ରତ୍ୟେକ ପରିବାରକୁ ସହାୟତା ରାଶି ଏବଂ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । ଏହି ସହାୟତା ସମୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ଡେରାବିଶ ତହସିଲଦାର ଓ ପଟ୍ଟାମୁଣ୍ଡଇ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ ।

## ଦାନଗଦୀ ସାମ୍ବାଦିକ ପକ୍ଷରୁ ସ୍ୱାଧୀନତାଦିବସ ପାଳିତ

ଦାନଗଦି (ସବ୍ୟୁ): ୭୯ ତମ ସ୍ୱାଧୀନତା ଦିବସ ଯାଜପୁର ଜିଲ୍ଲା ଦାନଗଦୀ ର ବିଭିନ୍ନ ଅନୁଷ୍ଠାନ ଓ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । କଳିଙ୍ଗନଗରରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଦ୍ୱାରା ଦାନଗଦୀ ଭବନ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଦାନଗଦୀ ତହସିଲଦାର ରଞ୍ଜିତ କୁମାର ମଲ୍ଲିକ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ବରିଷ୍ଠ ସାମ୍ବାଦିକ ରଙ୍ଗବଲ୍ଲଭ ସାହୁ, ଦୁଷ୍ମନ୍ତ ଘଡେଇ, ବିପ୍ଳବ ବିଜୟ ପଣ୍ଡା, ଶ୍ରୀକାନ୍ତ ମହାପାତ୍ର, ପ୍ରଦୀପ କୁମାର ଜେନା, ସୁବାଶିଷ ରାଉତ, ଅବିନାଶ ମିଶ୍ର, ତୁଷାର ରଞ୍ଜନ ସାହୁ, ବିଜୟ ରଶ୍ମି ତ୍ରିପାଠୀ, ଭାଗିରଥି ନାଥ, ଚିତ୍ତରଞ୍ଜନ ସାହୁ, ରାକେଶ ରୋଷନ ଘଡ଼େଇ, ମୃତ୍ୟୁଞ୍ଜୟ ଦେଓ, ଟୁନା ଗୁରୁ ପ୍ରମୁଖ ସାମ୍ବାଦିକ ଉପସ୍ଥିତ ଥିଲେ । ଦାନଗଦୀ ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ ପତାକା ଉତ୍ତୋଳନ କରିଥିବା ବେଳେ ବିଡ଼ିଓ ଙ୍କ ସମେତ, ଜିଲ୍ଲା ପରିଷଦ ସଭ୍ୟା, ସମସ୍ତ କର୍ମଚାରୀ, ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ ।

## ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ




ପାରାଦୀପ, ( ଜି. ପ୍ର ): ପାରାଦୀପ ସ୍ଥିତ ଜେ ଏସ ଡ ବ୍ଲୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ୭୯ ତମ ସ୍ୱାଧିନତା ଦିବସ ପାଳନ କରାଯାଇଛି । ଏହି ଉତ୍ସବରେ ଜେଏସଡବ୍ଲୁ ଗ୍ରୁପର ବରିଷ୍ଠ ଅଧିକାରୀ ପ୍ରବୋଧ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଦେଶର ସ୍ୱାଧୀନତା ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ସେହି ମହାନ ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ପ୍ରଣାମ ଜଣାଇଥିଲେ । ଏଥି ସହିତ ଜେଏସଡବ୍ଲୁ କମ୍ପାନୀର ଆଭିମୁଖ୍ୟ ଓ ଏହାର ଅଭିବୃଦ୍ଧି ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ କମ୍ପାନୀର ସୁରକ୍ଷା ତଥା ଅନ୍ୟାନ୍ୟ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁରକ୍ଷାକର୍ମୀ ଓ କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ପରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀ ମାନଙ୍କ ପରିବାର ପକ୍ଷରୁ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ସ୍ଥାନୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ସମସ୍ତ ଅଧିକାରୀ,କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ ।

## ଧର୍ମଶାଳା ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଉତ୍ସବ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଓ ସଂସ୍କୃତ ଭାରତୀ ମିଳିତ ଆନୁକୁଲ୍ୟରେ ସଂସ୍କୃତ ସପ୍ତାହ ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଡ଼କ୍ଟର ସସ୍ମିତା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ସ୍ୱରୂପାନନ୍ଦ ପଣ୍ଡା ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ରାଜଧାନୀ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଅଧ୍ୟାପକ ଡ଼କ୍ଟର ବିଭୂତି ଭୂଷଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ଉନ୍ନତି ଓ ଏହାର ଉପାଦୟତା ସଂପର୍କରେ ଆଲୋକପାତ କରିଥିଲେ । ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟାପକ ତଥା ସଂସ୍କୃତ ଭାରତୀର ସଦସ୍ୟ ଡ଼କ୍ଟର ଅକ୍ଷୟ କୁମାର ଦତ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାର ସଚେତନତା ବୃଦ୍ଧି ଓ ଭାଷାର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ । ସଂସ୍କୃତ ସପ୍ତାହ ଉତ୍ସବର ଏହା ମୂଳ ଆଧାର ବୋଲି ସେ କହିଥିଲେ । ଅଧ୍ୟାପିକା ଆରାଧନା ସେଠୀ ଧନ୍ୟବାଦ ଦେଇଥିଲେ ।

## ଗାଁ ମୁରବୀଙ୍କ ପରଲୋକ

ବାଲିଚନ୍ଦ୍ରପୁର,(ସବ୍ୟୁ): ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ଦେକୁରି ଗ୍ରାମର ଗାଁ ମୁରବୀ ପ୍ରାଣକୃଷ୍ଣ ଦାସ (୯୪)ଙ୍କର ନିଜ ବାସଭବନରେ ପରଲୋକ ହୋଇଯାଇଛି । ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡ଼ିତ ହୋଇ ଚିକିତ୍ସିତ ହୋଇଥିଲେ । ତାଙ୍କର ଦେହ ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଗୋପାଳପୁର କ୍ଷେତ୍ରିୟ ଚିକିତ୍ସାଳୟରେ ଚିକିତ୍ସା କରାଇ ଘରକୁ ଆଣିବା ପରେ ତାଙ୍କର ଦେହାନ୍ତ ହୋଇଯାଇଥିଲା । ସେ ଜଣେ ପରୋପକାରୀ, ମିଷ୍ଟଭାସି, ସ୍ନେହି ତଥା ଧର୍ମପରାୟଣ ବ୍ୟକ୍ତି ଥିଲେ । ଗାଁରେ ସେ ବିଭିନ୍ନ ସମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବା ସହ ସମାଜସେବାରେ ନିଜକୁ ନିୟୋଜିତ ରଖିଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୁ, ନାତୀ, ନାତୁଣୀ ଓ ଆତ୍ମିୟସ୍ୱଜନ ମାନେ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ଗୋକୁଳାନନ୍ଦ ଦାଶ, ଫକିର ମୋହନ ପାତ୍ର, ଗୋବିନ୍ଦ ଚନ୍ଦ୍ର ପୃଷ୍ଟି, କୁଳମଣି ମହାନ୍ତି, ପ୍ରାକ୍ତନ ସରପଞ୍ଚ ଅନିରୁଦ୍ଧ ସାମଲ, ସରୋଜ ବେହେରା, ପ୍ରାକ୍ତନ ସମିତି ସଭ୍ୟ ସୁମନ୍ତ କୁମାର ଜେନା, ରଘୁନାଥ ନାୟକ, ପ୍ରମୋଦ ପାତ୍ର, ବାବାଜି ଚରଣ ଦାସ ଓ ରବୀନ୍ଦ୍ର ଭଞ୍ଜ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନେଇ ଗ୍ରାମ ପରିକ୍ରମା କରାଇ ନିଜ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ବେଳେ ବଡ଼ପୁଅ ଅନିରୁଦ୍ଧ ମୁଖାଗ୍ନି ଦେଇଥିଲେ ।

## ଏନ ଏ ସି ତାଲିକାରୁ ବାଦ ପ୍ରତିବାଦରେ ୧୮ରେ ସାଲେପୁର ବନ୍ଦ ଡାକରା

ସାଲେପୁର,(ସବ୍ୟୁ) :ଓଡ଼ିଶାର ୧୨ଟି ସହର କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଘୋଷଣା କରିଥିବା ବେଳେ କଟକ ଜିଲ୍ଲାର ସାଲେପୁର ଏଥିରୁ ବାଦ ପଡିଥିବାରୁ ସାଲେପୁର ଅଞ୍ଚଳ ବାସୀ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି । ସାଲେପୁର ହେଉଛି ଏକ ସର୍ବ ପୁରାତନ ସହର । ଏହାର ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇବାର ସମସ୍ତ ଯୋଗ୍ୟତା ଥିବାବେଳେ କେଉଁ ଆଧାରରେ ଏହାକୁ ବାଦ ଦିଆଯାଇଛି ତାହା ନେଇ ସାଧାରଣ ରେ ସନ୍ଦେହ ପ୍ରକାଶ ପାଇଛି । ଏହାର ବିରୁଦ୍ଧରେ ଆଶନ୍ତା ୧୮ ତାରିଖରେ କଳିଙ୍ଗ ସେନା ସାଲେପୁର ବନ୍ଦ ଡାକରା ସହିତ ଅଖ ଚକ ବନ୍ଦ କରାଯିବ ବୋଲି କଳିଙ୍ଗ ସେନାର ସୁପ୍ରିମୋ ହେମନ୍ତ ରଥ ପ୍ରକାଶ କରିଛନ୍ତି । ଏହି ବନ୍ଦ ଡାକରାକୁ ସାଲେପୁରର ବିଭିନ୍ନ ସଙ୍ଗଠନ ପକ୍ଷରୁ ସମର୍ଥନ କରୁଥିବା ଜଣାପଡିଛି । ଅପରପକ୍ଷରେ ସାଲେପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇବ ବୋଲି ଗତ ବିଜେଡ଼ି ସରକାର ବିଜ୍ଞପ୍ତି ପ୍ରକାଶ କରିଥିବା ବେଳେ ବର୍ତ୍ତମାନର ବିଜେପି ସରକାର ଜାଣିଶୁଣି ରାଜନୈତିକ ଉଦେଶ୍ୟ ରଖି ଏହାକୁ ତାଲିକାରୁ ବାଦ ଦେଇଥିବା ଏକ ନିନ୍ଦନୀୟ ଘଟଣା ବୋଲି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ପ୍ରକାଶ କରିଛନ୍ତି ।

## ପିପି କଲେଜରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟକୁ ମୁଖ୍ୟ ସଡ଼କରୁ ସଂଲଗ୍ନ କରୁଥିବା ସଂଯୋଗୀକରଣ ରାସ୍ତା ,ବାଳକ ସାଧାରଣ ପ୍ରକୋଷ୍ଠ ଓ କଲେଜ କ୍ୟାଣ୍ଟିନ୍ ର ନୂତନ ଗୃହର ଶୁଭ ଉଦ୍ଘାଟନ କରାଯାଇଛି । କଲେଜ ଅଧକ୍ଷା ଡ଼ଃ.ତରୁଲତା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗ ଦେଇ ଉକ୍ତ ପ୍ରକଳ୍ପ ଗୁଡ଼ିକୁ ଲୋକାର୍ପଣ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । କଲେଜର ଭିତ୍ତିଭୂମିର ବିକାଶ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବାକୁ ପ୍ରତିଶ୍ରୁତି ମଧ ଦେଇଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର, ସମାଜସେବୀ ତଥା କଲେଜର ପୂର୍ବତନ ସଭାପତି ପିତାମ୍ବର ସାହୁ, ଶିକ୍ଷାବିତ୍ ଦେବେନ୍ଦ୍ର ସାହୁ, ଅଧ୍ୟାପକ ରଶ୍ମୀରଂଜନ ପଟ୍ଟନାୟକ, ଅଧ୍ୟାପକ ଡ଼ଃ ଅଲେଖ ଚନ୍ଦ୍ର ସାମଲ ଯୋଗ ଦେଇଥିଲେ । ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଡ଼ଃ ପଦ୍ମଲୋଚନ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଡ଼ଃ ପ୍ରସନ୍ନ କୁମାର ଦାସ, ଅମରିଶ ସ୍ୱାଇଁ, ଶିଶିର କୁମାର ସ୍ୱାଇଁ,ପ୍ରଶାନ୍ତ ଭାରତୀ, ପ୍ରୀତିଶ୍ରୀ ଦାସ,ମୁଖ୍ୟ ସହକାରୀ କ୍ଷୀରୋଦ ଚନ୍ଦ୍ର ମହାନ୍ତିଙ୍କ ସମେତ କଲେଜର ସମସ୍ତ ଅଧାପକ ଅଧ୍ୟାପିକା ଓ କର୍ମଚାରୀ ମାନେ ଏଥିରେ ସହଯୋଗ କରିଥିଲେ । ହରଘର ତ୍ରିରଙ୍ଗା ଓ ସଂସ୍କୃତ ସପ୍ତାହ ପାଳନ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ବିଧାୟକ ଶ୍ରୀ ପ୍ରଧାନ ପୁରସ୍କାର ପ୍ରଦାନ କରିବା ସହ କଲେଜ ପରିସରରେ ବିଭିନ୍ନ ଚାରା ରୋପଣ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧାପିକା ଡ଼ଃ ପୁଷ୍ପଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସଙ୍ଗ ୨୨ରେ ବ୍ଲକରେ ହାଜିର ହେବାକୁ ଚିଠି

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସିବା ପରେ ରାଜନିତି ସରଗରମ ହୋଇଛି । ଏସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବକୁ ଯାଜପୁର ସାଂସଦ ଓ ଧର୍ମଶାଳା ବିଧାୟକ ସମେତ ବ୍ଲକର ସମସ୍ତ ସମିତିସଭ୍ୟ ଓ ସରପଂଚମାନଙ୍କୁ ଆସନ୍ତା ୨୨ ତାରିଖରେ ବ୍ଲକ ସଭାଗୃହରେ ଅନୁଷ୍ଠିତ ହେବାକୁଥିବା ଆଲୋଚନାରେ ଅଂଶଗ୍ରହଣ ପାଇଁ ଚିଠି ମାଧ୍ୟମରେ ଉପଜିଲ୍ଲାପାଳ ବିଡିଓଙ୍କୁ ଅବଗତ କରିଛନ୍ତି । ଆସନ୍ତା ୨୨ ତାରିଖରେ ଦିବା ୧୧ ଘଟିକା ସମୟରେ ଯାଜପୁର ସାଂସଦ ଓ ଧର୍ମଶାଳା ବିଧାୟକ ସମେତ ବ୍ଲକର ସମସ୍ତ ସମିତିସଭ୍ୟ ଓ ସରପଂଚମାନେ ବ୍ଲକ ସଭାଗୃହରେ ଉପସ୍ଥିତ ରହି ନିଜର ମତ ଦେବାକୁ ଉପଜିଲ୍ଲାପାଳ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଏହି ବୈଠକରେ ବ୍ୟାସନଗର ତହସିଲଦାର ସଭାପତିତ୍ୱ କରିବାକୁ ଉପଜିଲ୍ଲାପାଳ ଚିଠି ମାଧ୍ୟମରେ ଜଣାଇଛନ୍ତି ।

## ଟାଟା ଷ୍ଟିଲ କଳିଙ୍ଗନଗରରେ ସ୍ୱାଧୀନତା ଦିବସ ପାଳିତ



ବ୍ୟାସନଗର,(ଜିପ୍ର) :ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଅନ୍ତର୍ଗତ ଦୁବୁରି ନିକଟସ୍ଥ ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସକେ) ପ୍ଲାଣ୍ଟ ପରିସରରେ ଶୁକ୍ରବାର ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଟାଟା ଷ୍ଟିଲ କଳିଙ୍ଗନଗରର ଚିଫ୍ ବ୍ଲାଷ୍ଟ ଫର୍ନେସ ୨, ସୁଭାଷ କୁମାର ସିହ୍ନା କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ସଂଘ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ସୁରକ୍ଷା କର୍ମୀମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ୟାରେଡ୍ ଏବଂ ଡ୍ରିଲ୍ ଦେଖି ଉପସ୍ଥିତ ଅତିଥିମାନେ ଖୁସି ବ୍ୟକ୍ତ କରିଥିଲେ । ସୁରକ୍ଷା ଏବଂ ଅଗ୍ନି ସୁରକ୍ଷା ବିଭାଗର କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ପାଇଁ ସମ୍ମାନିତ କରାଯାଇଥିଲା ।

ସେହିପରି ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ), ଫେରୋ ଆଲଏଜ୍ ପ୍ଲାଣ୍ଟ (ଏଫ୍‌ଏପି) ବ୍ରାହ୍ମଣୀପାଳ ଓ ଫେରୋ ଆଲଏଜ୍ ପ୍ଲାଣ୍ଟ ଯାଜପୁରରେ ମଧ ପତାକା ଉତ୍ତୋଳନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏନ୍‌ଆଇଏନ୍‌ଏଲ୍‌ରେ ଏହାର ଚିଫ୍ ଅପରେସନ୍ ଆଣ୍ଡ ମେଣ୍ଟେନାନ୍ସ ଭିନୀତ ରଞ୍ଜନ ତ୍ରିପାଠୀ ପତାକା ଉତ୍ତୋଳନ କରିଥିଲେ । ଏଫଏପି ବ୍ରାହ୍ମଣିପାଳ ଠାରେ ଏହାର ପ୍ଲାଣ୍ଟ ମୁଖ୍ୟ ଆଦର୍ଶ ଅଗ୍ରୱାଲ ପତାକା ଉତ୍ତୋଳନ କରିଥିବା ବେଳେ ଏଫ୍‌ଏପି ଯାଜପୁରର ପ୍ଲାଣ୍ଟ ମୁଖ୍ୟ ଆଲୋକ କୁମାର ପଣ୍ଡା ପତାକା ଉତ୍ତୋଳନ କରିଥିଲେ ।

## ଦୁଇ ବାଇକ ମୁହାଁମୁହିଁ ଜଣେ ମୃତ, ୩ ଗୁରୁତର

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା କାଏମା– ଗୋକର୍ଣ୍ଣେଶ୍ୱର ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତାର ଭୁବନ ନିକଟରେ ୨ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଯୁବକ ନୀଳକଂଠପୁର ଗ୍ରାମର ସୁଧିର କୁମାର ମିଶ୍ର ବୋଲି ଜଣାପଡିଛି । ସୂଚନା ମୁତାବକ ଉଭୟ ବାଇକରେ ୨ ଜଣ ଲେଖାଏଁ ନଦୀବନ୍ଧ ରାସ୍ତାରେ ଯାଉଥିବା ବେଳେ ବାରସାମ୍ୟ ହରାଇ ବାଇକ ଦୁଇଟି ସାମନା ସାମନି ଧକ୍କା ହୋଇଥିଲା । ଦୁର୍ଘଟଣାରେ ଆହତ ୪ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତୀ କରିଥିବା ବେଳେ ସେଠାରେ ଡାକ୍ତର ସୁଧିରଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ୩ ଜଣ ଆହତଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ୨ ଜନ ଗୁରୁତରଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

## ଇଫକୋ ଓ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱାଧୀନତା ଦିବସ ପାଳିତ





ପାରାଦୀପ ,( ଜି. ପ୍ର ) : ଇଫକୋ ସାରକାରଖାନା ପରିସରରେ ଆୟୋଜିତ ୭୯ତମ ସ୍ୱାଧୀନତା ଦିବସରେ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପିକେ ମହାପାତ୍ର ପତାକା ଉତ୍ତୋଳନ କରିବା ସହ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ । ଇଫକୋ ତାର ପ୍ରଡକସନ କ୍ଷମତା ୧୯ ଲକ୍ଷ୍ୟ ମେଟ୍ରିକ ଟନରୁ ବୃଦ୍ଧି କରି ଆଗାମୀ ବର୍ଷ ୨୩ ଲକ୍ଷ୍ୟ ମେଟ୍ରିକ ଟନ ଲକ୍ଷ୍ୟ ରଖିଥିବା ବେଳେ ଏହା ଏବେ କୃଷିର ବିକାଶ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିବାରେ ଶ୍ରେଷ୍ଠ ଭୂମିକା ନିର୍ବାହ କରୁଥିବା ସେ ପ୍ରକାଶ କରିଛନ୍ତି । ପାରାଦୀପ ବନ୍ଦର ସହିତ ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ବନ୍ଦର ପ୍ରଶାସନ ପକ୍ଷ୍ୟରୁ ଗୋପବନ୍ଧୁ ଷ୍ଟାଡିୟମରେ ଅୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ବନ୍ଦର ଅଧକ୍ଷ ପିଏଲ ହାରନାଦ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ । ବନ୍ଦର ଦେଶ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସେ ପ୍ରକାଶ କରିଥିଲେ ।

## ଘର ଆଗରେ ମନ୍ଦିର ନିର୍ମାଣ ବନ୍ଦ ପାଇଁ ଜିଲ୍ଲାପାଳଙ୍କ ଠାରେ ଦାବି

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ତହସିଲ ଅଧିନ ଭରତପୁର ଗାଁରେ ଥିବା ଏକ ସରକାରୀ ଯାଗାରେ ମନ୍ଦିର ନିର୍ମାଣ ପାଇଁ କାରଯାଉ ଥିବାରୁ ଏହାକୁ ବନ୍ଦ କରିବା ପାଇଁ ଜିଲ୍ଲପାଳଙ୍କ ଠାରେ ଦାବି କରାଯାଇଛି । ଦାବି ମୁତାବକ ପାରା ଛକଠାରେ ଥିବା ନାରାୟଣ ଚନ୍ଦ୍ର ମଲ୍ଲଙ୍କ ଘରବାରି ଆଗରେ ଥିବା ଏକ ସରକାରୀ ଯାଗାରେ କେତେକ ଯୁବକ ମନ୍ଦିର ନିର୍ମାଣ କରୁଥିବାରୁ ଏହାକୁ ବନ୍ଦ କରିବା ପାଇଁ ଶ୍ରୀ ମଲ୍ଲ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହିତ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ଅତିରିକ୍ତ ଜିଲ୍ଲପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

## କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ

କେନ୍ଦ୍ରାପଡ଼ା,(ସବ୍ୟୁ) : କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆଠାରେ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସେ ତାଙ୍କ ଅଭିଭାଷଣରେ ଆମ ଗଣତନ୍ତ୍ରକୁ ସମୃଦ୍ଧ ଓ ସଶକ୍ତ କରିବା ନିମନ୍ତେ ପ୍ରତ୍ୟେକ ନାଗରିକଙ୍କ ଗୁରୁ ଦାୟିତ୍ୱ ରହିଛି । ଏତତ ବ୍ୟତୀତ ପ୍ଲାଷ୍ଟିକ ବ୍ୟବହାରରୁ ଦୁରେଇ ରହିବା,ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ବିଶାଳ ବୃକ୍ଷରୋପଣ ଅଭିଯାନ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମରେ ଜଣସାଧାରଣଙ୍କ ସକ୍ରିୟ ଯୋଗଦାନ ନିମନ୍ତେ ଅନୁରୋଧ କରିଛନ୍ତି । ଲକ୍ଷପତି ସୃଷ୍ଟିରେ କେନ୍ଦ୍ରାପଡା ଜିଲ୍ଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି, ଯାହାକି ଜିଲ୍ଲାପାଇଁ ଗୌରବର ବିଷୟ । ଏହା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବେବି ଫ୍ରେଣ୍ଡଲି ହସ୍ପିଟାଲ ଭାବେ ରାଜ୍ୟରେ ପୁରସ୍କୃତ ହେବା ନିଶ୍ଚିତ ଭାବେ ଗର୍ବର କଥା । ଏହି ଅବସରରେ ପୋଲିସ ବିଭାଗ ୩ ଜଣ( ସରୋଜ କୁମାର ସାହୁ, ଡିଏସପି, ଦିଲ୍ଲୀପ କୁମାର ସାହୁ ଆଇଆଇସି ଟାଉନ ଥାନା, ଏବଂ ଶିଶିର କୁମାର ସାହୁ ଏଏସଆଇ ରାଜନଗର ଥାନା )୨ ଜନ ଅଗ୍ନିଶମ ବିଭାଗର( ଶଶୀ ଶେଖର ପଣ୍ଡା ଓ ବିଜୟ କୁମାର ସାହୁ) ଜଣେ ଡାକ୍ତର( ଡ. ରଶ୍ମି ରଞ୍ଜନ ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରାଜନଗର )ଗୋଟିଏ ଉତ୍କଳ ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀ(ଗୋଲାରହାଟ, ଡେରାବିଶ )ଜଣେ କ୍ରୀଡ଼ାବିତ(ସାହଦତ ଖାଁ )ଏବଂ ରାଜ୍ୟ ସ୍ତରୀୟ ବକ୍ତୃତ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ତେଜ ତନ୍ମୟଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏହାସହିତ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ,କେନ୍ଦ୍ରାପଡ଼ା ପୌରପାଳିକା ଅଧକ୍ଷା ସରିତା ସାହୁ,ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ,ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି,ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ,ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ପ୍ୟାରେଡ଼ରେ ମୋଟ ୩୨ ଗୋଟି ଦଳ ଅଂଶଗ୍ରହଣ କରିଥିଲେ । ରିଜର୍ଭ ଇନିସ୍ପେକଟର ପ୍ରଶାନ୍ତ କୁମାର ରଣସିଂଙ୍କ ନେତୃତ୍ୱରେ ପ୍ୟାରେଡ ସମ୍ପାଦିତ ହୋଇଥିଲା । ପଡିଆ କାର୍ଯ୍ୟକ୍ରମ ସରିବାପରେ ମୁଖ୍ୟଅତିଥି ସ୍ଥାନୀୟ ଜେଲ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ମିଷ୍ଟାନ ଏବଂ ଫଳ ବଣ୍ଟନ କରିଥିଲେ ।

## ବ୍ରଜପାତରେ ଜଳିଲା ତାଳ ଗଛ

ପାଣିକୋଇଲି, ୧୩।୮: ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତର ଓଚିନ୍ଦା ଗ୍ରାମର ରିଟେଲର କୃଷ୍ଣ ଚନ୍ଦ୍ର ନାୟକଙ୍କ ଘରପାଖରେ ଥିବା ଏକ ତାଳ ଗଛ ବଜ୍ରପାତ ରେ ଜଳିଯାଇଛି । ହଠାତ୍ ବ୍ରଜପାତ ଯୋଗୁ କଂଚା ତାଳ ଗଛ ହୁତୁହୁତୁ ହୋଇ ଜଳିବାରେ ଲାଗିଥିଲା । ପ୍ରଚଣ୍ଡ ଶବ୍ଦ ଯୋଗୁ ତାଙ୍କ ପତ୍ନୀ ମଧ୍ୟ ଆହତ ହୋଇଥିଲେ । କୃଷ୍ଣ ଚନ୍ଦ୍ରଙ୍କ ସହ ତାଙ୍କ ପାଖ ପଡୋଶୀଙ୍କ ବିଦ୍ୟୁତ ସରଂଜାମ ପୋଡି ଯାଇଥିଲା । ଏହି ଦୃଶ୍ୟ ଦେଖି ସମସ୍ତେ ଛାନିଆ ହୋଇଯାଇଥିଲେ । ଖବର ପାଇ ବରୁଣ୍ଡାଇ ଦମକଳ ବାହିନୀ ପଂଚି ନିଆଁକୁ ଆୟତ କରିଥିଲେ ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ



ନୟାଗଡ଼, (ସବ୍ୟୁ): ନୟାଗଡ଼ ସଦର ମହକୁମାରେ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି । ସ୍ୱାଧୀନତା ଦିବସ ପ୍ରତ୍ୟୁଷରୁ ସହରରେ ରାମଧୂନ ଗାନ ହୋଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନ ତରଫରୁ ସକାଳ ୬ଟା ସମୟରେ ପ୍ରଭାତଫେରୀ ଅନୁଷ୍ଠିତ ହୋଇଥିଲା। ସକାଳ ସାଢ଼େ୭ଟାରୁ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସ୍କୁଲ ଓ କଲେଜମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସକାଳ ୯ଟାରେ ପି.ଟି.ଏସ. ପଡ଼ିଆରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରଓ୍ୱାଲ ଜାତୀୟ ପତାକା ଉତ୍ତୋଳନ କରି ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲାସ୍ତରୀୟ ପ୍ୟାରେଡ୍‌ରେ ୪୯ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ଉତ୍ତମ ପ୍ୟାରେଡ୍‌ରେ ପ୍ରଦର୍ଶନ କରିଥିବା ୫ ଗୋଟି ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା ।

ଅନ୍ୟାନ୍ୟ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ପ୍ରତିଭାଙ୍କୁ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ମୁଖ୍ୟଅତିଥି ଫଳ ବଣ୍ଟନ ଓ କାରାଗାର ଅନ୍ତେବାସୀମାନଙ୍କୁ ମିଷ୍ଟି ବଣ୍ଟନ କରିଥିଲେ। ସମାରୋହରେ ଜିଲ୍ଲା ପୋଲିସ୍ ଓ ପ୍ରଶାସନିକ ଅଧିକାରୀ, ଲୋକ ପ୍ରତିନିଧି, ଛାତ୍ର ଛାତ୍ରୀ ଏବଂ ସାଧାରଣ ନାଗରୀକ ସ୍ୱାଧୀନତା ଦିବସ ଉତ୍ସବରେ ଯୋଗଦାନ କରିଥିଲେ।

# ଜାଗା ବାଡିକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

ବଳଙ୍ଗା, (ସବ୍ୟୁ): ପୁରୀ ଜିଲ୍ଲା ବଳଙ୍ଗା ଥାନା କଅଁଳ ପଡା ଗ୍ରାମରେ ଶୁକ୍ରବାର ଦିନ ସକାଳ ସ୍ୱାମୀ ଓ ଶଶୁର ଘର କାମ କାର୍ଯ୍ୟ କରୁଥିବା ବେଳେ ମରଣାତ୍ମକ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହେବାପରେ ଜଣେ ଅଭିଯୁକ୍ତକୁ ବଳଙ୍ଗା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।ସୁଚନା ମୁତାବକ ରୂବିବାଳା ଜେନା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଆମର ରିଜିମାଇଲ ଜାଗାରେ କଳହ ଉପୁଜୁଥିଲା। ନାରାୟଣ ଜେନା ସେହି ଜାଗା ଉପରେ ୧୪୪ ଧାରା କୋର୍ଟ ସତ୍ୟବାଦୀ ତହସିଲ ନିକଟରେ କରିଥିବାବେଳେ ଉକ୍ତ କେସର ମିଆଦୀ ପୁରଣ ହୋଇଥିଲା। ଫଳରେ ଆମେ ଘରକୁ ମଡାଇ ଆଜବେଷ୍ଟ ଆମର ସିମାକୁ ଥିବାବେଳେ ଆମେ ଘର କାମ ପାଇଁ ଗତ ୧୫ ତାରିଖ ଦିନ ସକାଳେ ଲୋକ ଲଗାଇ କାମ କରୁଥିବା ସମୟରେ ନାରାୟଣ ଜେନା ,ତାଙ୍କ ସ୍ତ୍ରୀ ବିନୋଦିନୀ ଜେନା, ପୁଅ ବିକ୍ରମ ଜେନା, ବୋହୂ ଝୁନାମଣି ଜେନା ଏମାନେ ସମସ୍ତେ ମିଶି ମୋର ସ୍ୱାମୀ ପର୍ଶୁରାମ ଜେନା ଏବଂ ଶଶୁରକୁ ବିଭିନ୍ନ ମାରାଣାଅସ୍ତ୍ର ଆକ୍ରମଣ କରିବା ସହ ଅଶ୍ଳିଳ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ମୋର ସ୍ୱାମୀଙ୍କୁ ବିକ୍ରମ ଶାବଳରେ ଆକ୍ରମଣ କରିବାରେ ରକ୍ତାକ୍ତ କରିଦେଇଥିଲା ବେଳେ ମୁଁ ଯାଇ ପ୍ରତିବାଦ କରିବାରେ ମୋତେ ଏକ ଶକ୍ତ ଧକ୍କା ପକାଇବା ସହ ଆକ୍ରମଣ କରିଥିଲେ । ଆମକୁ ଧମକ ଦେଇ କହିଲେ କି ମୋର ଆଜବେଷ୍ଟ ତମ ଘର ସୀମାରେ ରହିବ । ଏଥି ହାତ ମାରିବା ଜୀବନ ରୁ ମାରିଦେବି ବୋଲି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ବଳଙ୍ଗା ପୋଲିସ ଅଭିଯୋଗ ପାଇବା ପରେ ୧୭୩/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନାରାୟଣ ଜେନାଙ୍କୁ ଗିରଫ କରି ଶନିବାର ମଧ୍ୟାହ୍ନରେ କୋଟ ଚାଲାଣ କରିଛ ।

# ରାଷ୍ଟ୍ରୀୟ ସିକଲ ସେଲ ଏନିମିଆ ଉନ୍ମୂଳନ ମିଶନ

ଭାରତର ଆଦିବାସୀ ସମ୍ପ୍ରଦାୟ, ଯେଉଁମାନଙ୍କର ମୋଟ ଜନସଂଖ୍ୟା ୮.୬ ପ୍ରତିଶତ, ସେମାନେ ଦେଶର ସାଂସ୍କୃତିକ ଐତିହ୍ୟର ମୂଳ ତତ୍ତ୍ୱକୁ ପ୍ରତିନିଧିତ୍ୱ କରନ୍ତି । ଯେଉଁମାନେ ସଚେତନତା ଅଭାବରୁ ସିକଲ ସେଲ ନାମକ ଆନୁବଂଶିକ ବେମାରୀ ସହିତ ସଂଗ୍ରାମ କରିଥାଆନ୍ତି । ଦଶନ୍ଧି ଦଶନ୍ଧି ଧରି ଏହି ରୋଗ ସେମାନଙ୍କ ସ୍ୱାସ୍ଥ୍ୟ ସହିତ ସାମାଜିକ ଏବଂ ଆର୍ଥିକ ବିକାଶ ଉପରେ ଗଭୀର ପ୍ରଭାବ ପକାଇ ଆସୁଛି ଏବଂ ଏହି ରୋଗ ଭୌଗୋଳିକ ଦୃଷ୍ଟିରୁ ବିଚ୍ଛିନ୍ନ ଏବଂ ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ ସୀମିତ ପହଞ୍ଚ କାରଣରୁ ଅଧିକ ଜଟିଳ ସମସ୍ୟାରେ ପରିଣତ ହୋଇଛି । ଏଭଳି ଗମ୍ଭୀର ଆବଶ୍ୟକତାକୁ ଚିହ୍ନଟ କରି ଭାରତର ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ସରକାର ଜୁଲାଇ ୨୦୨୩ ତାରିଖ ଦିନ ରାଷ୍ଟ୍ରୀୟ ସିକଲ ସେଲ ଏନିମିଆ ଉନ୍ମୂଳନ ମିଶନର ଆରମ୍ଭ କରିଛନ୍ତି । ଏହି ମୌଳିକ ଉପକ୍ରମର ଉଦ୍ଦେଶ୍ୟ କେବଳ ସିକଲ ସେଲର ଆନୁବଂଶିକ ସଂଚରଣକୁ ଉନ୍ମୂଳନ କରିବା ନୁହେଁ, ବରଂ ଏହି ରୋଗ ଦ୍ୱାରା ପ୍ରଭାବିତ ଲକ୍ଷ ଲକ୍ଷ ଲୋକଙ୍କ ସମ୍ମାନ ଏବଂ ସ୍ୱାସ୍ଥ୍ୟକୁ ମଧ୍ୟ ସୁରକ୍ଷା ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ।

ସିକଲ ସେଲ ରୋଗ ସଂକ୍ରମଣ ଫଳରେ ରୋଗୀ ଶରୀରରୁ ଲୋହିତ ରକ୍ତ କୋଷିକାଗୁଡ଼ିକର ଆକାର ପରିବର୍ତ୍ତନ ଘଟିଥାଏ, ଯାହା ଫଳରେ ସେମାନଙ୍କର ଅମ୍ଳଜାନ ବହନ କରିବାର କ୍ଷମତା କମ୍ ହୋଇଯାଇଥାଏ ଏବଂ ଧୀରେ ଧୀରେ ରୋଗୀଠାରେ ସ୍ଥିତି ଗମ୍ଭୀର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜଟିଳତା ଉତ୍ପନ୍ନ ହୋଇଥାଏ । ଆଦିବାସୀ ଜନସଂଖ୍ୟା ମଧ୍ୟରେ ଏହାର ପ୍ରଭାବ ବିଶେଷ ଭାବରେ ଗଭୀର, କାରଣ ସେମାନେ ଆନୁବଂଶିକ ରୋଗ ଦ୍ୱାର ବ୍ୟାପକ ଭାବରେ ପ୍ରଭାବିତ ହୋଇଥାଏ । 'ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ ଏଷ୍ଟିମେଟ୍ସ (୨୦୨୧)ର ରିପୋର୍ଟ ଅନୁସାରେ, ଭାରତରେ ପ୍ରତି ବର୍ଷ ଆନୁମାନିକ ୮୨,୫୦୦ ଶିଶୁ ଜନ୍ମରୁ ସିକଲ ସେଲ ରୋଗ ସହିତ ହୋଇଥାଏ ।

ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ରେ ଏହି ସଂକଟରୁ ଉଦ୍ଧାର ପାଇବା ନିମନ୍ତେ ଆଧାର ପ୍ରସ୍ତୁତ କରାଯାଇଥିଲା ଏବଂ ଏହାର ବିଶେଷ ସ୍ୱାସ୍ଥ୍ୟ ଆବଶ୍ୟକତାଗୁଡ଼ିକ ଉପରେ ଜୋର ଦିଆଯାଇଥିଲା । ଏହାରି ଆଧାରରେ କେନ୍ଦ୍ର ବଜେଟ ୨୦୨୩ରେ ଏନ.ଏସ.ସି.ଏ.ଇ.ଏମ.ର ଘୋଷଣା କରାଯାଇଥିଲା, ଯେଉଁଥିରେ ଆର୍ଥିକ ବର୍ଷ ୨୦୨୫-୨୬ ସୁଦ୍ଧା ୪୦ ବର୍ଷରୁ କମ୍ ଆୟୁ ବର୍ଗର ୭ କୋଟି ଲୋକଙ୍କୁ ମିଶନ ମୋଡରେ ଯାଞ୍ଚ କରିବାର ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ କ୍ରିୟାନ୍ୱିତ କରାଯାଇଛି, ଯାହା ଫଳରେ ଏହା ବିଶ୍ୱ ସ୍ତରରେ ସବୁଠାରୁ ବଡ଼ ଜନସଂଖ୍ୟା ଆଧାରିତ ଆନୁବଂଶିକ ଯାଞ୍ଚ କାର୍ଯ୍ୟକ୍ରମରୁ ଗୋଟିଏ ବୋଲି ଧରାଯାଇଛି । ଏହି ମିଶନର ଉଦ୍ଦେଶ୍ୟ ୨୦୪୭ ପର୍ଯ୍ୟନ୍ତ ଏସ.ସି.ଡି.ରେ ଆନୁବଂଶିକ ସଂଚରଣକୁ ସମାପ୍ତ କରିବା ଏବଂ ଉପକ୍ରମରେ ହିଁ ଏଥିରେ ପୀଡ଼ିତ ଲୋକମାନଙ୍କୁ ବ୍ୟାପକ ଯତ୍ନ ପ୍ରଦାନ କରିବା ମଧ୍ୟ ସମାନ ।

ଇତି ପୂର୍ବରୁ ଦୁଇ ବର୍ଷରେ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ରାଜ୍ୟମାନଙ୍କ ସଂଯୁକ୍ତ ପ୍ରୟାସ ମାଧ୍ୟମରେ ଏହି ମିଶନ ଅଧୀନରେ ଉଲ୍ଲେଖନୀୟ ସୁଫଳ ପ୍ରାପ୍ତ ହୋଇଛି । ଜୁଲାଇ ୩୧, ୨୦୨୫ ସୁଦ୍ଧା, ୧୭ଟି ଉଚ୍ଚ ବ୍ୟାପକତାଯୁକ୍ତ ରାଜ୍ୟମାନଙ୍କରେ ୩୦୦ରୁ ଅଧିକ ଜିଲ୍ଲାରେ ୬.୦୭ କୋଟିରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସାରିଛି । ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରୁ ୨.୧୬ ଲକ୍ଷଙ୍କୁ ଏହି ରୋଗଗ୍ରସ୍ତ ବୋଲି ଚିହ୍ନଟ କରାଯାଇଛି, ଯଦ୍ୟପି ୧୬.୯୨ ଲକ୍ଷ ଲୋକଙ୍କୁ ବାହକ ଭାବରେ ମଧ୍ୟ ଚିହ୍ନଟ କରାଯାଇଛି । ବିଶ୍ଳେଷଣରୁ ଏହା ଜଣାପଡ଼ିଛି ଯେ ୯୫ ପ୍ରତିଶତ କ୍ଷେତ୍ରରେ କେବଳ ପାଞ୍ଚଟି ରାଜ୍ୟ – ଯଥା, ଓଡ଼ିଶା, ମଧ୍ୟ ପ୍ରଦେଶ, ଗୁଜରାଟ, ଛତିଶଗଡ଼ ଏବଂ ମହାରାଷ୍ଟ୍ରରେ ହିଁ କେନ୍ଦ୍ରିତ । ଛତିଶଗଡ଼ର ଅମ୍ବିକାପୁରର ନବାପାରାର ଜଣେ ଆଦିବାସୀ ଯୁବତୀ ମୀନାର କାହାଣୀ ଏହି ମିଶନର ସକାରାତ୍ମକ ପ୍ରତୀକ ଭାବରେ ନିଆଯାଇପାରେ । ଯାଞ୍ଚ ଅଭିଯାନ ସମୟରେ ନିଦାନିକ ପରୀକ୍ଷଣ କରିବାବେଳେ ଜଣାପଡ଼ିଥିଲା ଯେ ମୀନାର ନିକଟରେ ଗୋଟିଏ ଉପ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାମ ପଞ୍ଜିକରଣ କରାଯାଇଥିଲା । ପ୍ରଶିକ୍ଷିତ ସରକାରୀ ସ୍ୱାସ୍ଥ୍ୟ ଅଧିକାରୀ (ସି.ଏଚ.ଓ.), ଏ.ଏନ.ଏମ. ଏବଂ ଆଶା କର୍ମୀମାନେ ଏହା ସୁନିଶ୍ଚିତ କରିଥିଲେ ଯେ ତାଙ୍କୁ ନିଃଶୁଳ୍କ ହାଇଡ୍ରୋକ୍ସିୟୁରିଆ ଔଷଧ ଉଚିତ ସମୟରେ ମିଳିପାରୁଛି, ଯାହା ଫଳରେ ସିକଲ ସେଲ ରୋଗର ଲକ୍ଷଣମାନଙ୍କରେ ଉଲ୍ଲେଖନୀୟ ହ୍ରାସ ଘଟିଛି । ଆଜି, ମୀନା, ପୂର୍ବାପେକ୍ଷା ବେଶ୍ ସୁସ୍ଥ ରହିଛି ଏବଂ ନିଜର ସମ୍ପ୍ରଦାୟରେ ଆନୁବଂଶିକ ରୋଗମାନଙ୍କ ସମ୍ପର୍କରେ ପରାମର୍ଶ ପ୍ରଦାନରେ ମଧ୍ୟ ସକ୍ରିୟ ଭୂମିକା ନିର୍ବାହ କରୁଛି ।

ସ୍କ୍ରିନିଂ କାର୍ଯ୍ୟକ୍ରମରେ କ୍ଷିପ୍ରତା ଆଣିବା ସକାଶେ, ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇ.ସି.ଏମ.ଆର.) ଦ୍ୱାରା ଅନୁମୋଦିତ 'ପଏଣ୍ଟ ଅଫ୍ କେୟାର' (ପି. ଓ. ସି.) ଡାଇଗ୍ନୋଷ୍ଟିକ୍ ଉପକରଣମାନ ସଂଯୋଗ କରାଯାଇଛି । ଆରମ୍ଭରେ ଏହାର ସଂଖ୍ୟା କେବଳ ତିନ ପର୍ଯ୍ୟନ୍ତ ସୀମିତ ରହିଥିଲା, ଯାହା ବର୍ତ୍ତମାନ ବୃଦ୍ଧିପାଇ ୩୦ରୁ ଅଧିକ ହୋଇସାରିଛି । ଏହା ଫଳରେ ପ୍ରତି କିଟର ମୂଲ୍ୟ ୧୦୦ ଟଙ୍କାରୁ ହ୍ରାସ ପାଇ ୨୮ ଟଙ୍କା ହୋଇଛି । ଏଭଳି ଉପକ୍ରମ ଯୋଗୁ ଏସ.ସି.ଡ଼ି. ନିମନ୍ତେ ମୂଲ୍ୟ ପ୍ରଭାବ ଏବଂ କୁଶଳ ଡାଇଗ୍ନୋଷ୍ଟିକ୍ କ୍ଷମତାଗୁଡ଼ିକ ମଧ୍ୟ ସୁନିଶ୍ଚିତ କରାଯାଇଛି ।

ଏହି ମିଶନର କାର୍ଯ୍ୟାନ୍ୱୟନ କେବଳ ସ୍କ୍ରିନିଂ ଉପରେ କେନ୍ଦ୍ରିତ ହୋଇ ରହିନାହିଁ, ଏହା ଏସ. ସି. ଡି.ରେ ପୀଡ଼ିତ ବ୍ୟକ୍ତିବିଶେଷଙ୍କ ସାମଗ୍ରିକ ଯତ୍ନକୁ ମଧ୍ୟ ପ୍ରାଥମିକତା ପ୍ରଦାନ କରୁଛି । ମିଶନ ଅନ୍ତର୍ଗତ ପ୍ରବନ୍ଧନ ହସ୍ତକ୍ଷେପମାନଙ୍କରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା, ଆବଶ୍ୟକ ଔଷଧ ଏବଂ ନିଦାନ ପର୍ଯ୍ୟନ୍ତ ପହଞ୍ଚ ସାମିଲ ରହିଛି । ସିକଲ ସେଲ ରୋଗର ପ୍ରବନ୍ଧନ ନିମନ୍ତେ ଏକ ପ୍ରମୁଖ ଔଷଧ ଭାବରେ, ହାଇଡ୍ରୋକ୍ସୟୁରିଆକୁ ରାଷ୍ଟ୍ରୀୟ ଆବଶ୍ୟକ ଔଷଧି ସୂଚୀ (ଇ.ଡି.ଏଲ.)ରେ ସାମିଲ କରାଯାଇଛି ଏବଂ ବର୍ତ୍ତମାନ ଏହା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଉପଲବ୍ଧ କରାଯାଇଛି, ଯାହା ଫଳରେ ସମାଜର ଶେଷତମ ସ୍ଥାନରେ ବସବାସ କରୁଥିବା ଲୋକମାନଙ୍କ ନିକଟରେ ଏହା ପହଞ୍ଚାଯିବା ସୁନିଶ୍ଚିତ ହୋଇପାରିଛି ।

ଏହି ମିଶନ ସିକଲ ସେଲ ରୋଗକୁ ଉନ୍ମୂଳନ କରିବା ଦିଗରେ ପ୍ରମୁଖ ରଣନୀତି ଭାବରେ ଆନୁବଂଶିକ ପରାମର୍ଶ ଏବଂ ଜନ ସଚେତନତା ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରୁଛି । ବର୍ତ୍ତମାନ ସୁଦ୍ଧା ୨.୬୨ କୋଟିରୁ ଅଧିକ ଆନୁବଂଶିକ ଷ୍ଟାଟସ କାର୍ଡ ବିତରଣ କରାଯାଇ ସାରିଛି । ଏହା ଫଳରେ ଲୋକମାନଙ୍କୁ ଉପଯୋଗୀ ସ୍ୱାସ୍ଥ୍ୟ ସୂଚନା ପ୍ରାପ୍ତ ହୋଇପାରୁଛି । ଏହି କାର୍ଡ ପରାମର୍ଶ ଏବଂ ଉଚିତ ନିର୍ଣ୍ଣୟ ନେବାର ଏକ ପ୍ରଭାବୀ ମାଧ୍ୟମରେ ପରିଣତ ହୋଇଛି ଯାହା ପରିବାରକୁ ଏଭଳି ବିକଳ୍ପ ଚୟନ କରିବାରେ ସହାୟକ ହେଉଛି ଯାହା ଫଳରେ ଆନୁବଂଶିକ ସଂଚରଣର ମାତ୍ରା କମ୍ ହୋଇପାରିବ ।

କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରିତ ଦିଶାନିର୍ଦ୍ଦେଶ ଏବଂ ଜନଜାତୀୟ କାର୍ଯ୍ୟ ମନ୍ତ୍ରଣାଳୟରୁ ପ୍ରାପ୍ତ ଆର୍ଥିକ ସହାୟତା ଆଧାରରେ, ପନ୍ଦରଟି ସ୍ୱାସ୍ଥ୍ୟ ପରିଚର୍ଯ୍ୟା ସଂସ୍ଥାନ/ ମେଡିକାଲ କଲେଜକୁ ଉତ୍କୃଷ୍ଟତା କେନ୍ଦ୍ର ଭାବରେ ସ୍ଥାପନ କରିବା ସକାଶେ ଚୟନ କରାଯାଇଛି । ଏହିସବୁ ସଂସ୍ଥାନ ପ୍ରସବ ପୂର୍ବବର୍ତ୍ତୀ ନିଦାନ ଏବଂ ଗମ୍ଭୀର ଭାବରେ ସିକଲ ସେଲ ରୋଗ ଜଟିଳତାର ପ୍ରବନ୍ଧନ ଉପରେ ଧ୍ୟାନ କେନ୍ଦ୍ରିତ କରେ, ଯାହା ଫଳରେ ପ୍ରଭାବିତ ପରିବାରମାନଙ୍କୁ ବିଶେଷ ପରିଚର୍ଯ୍ୟା ସୁନିଶ୍ଚିତ କରାଯାଇ ପାରୁଛି । ଏହା ବ୍ୟତୀତ, ଅକ୍ଟୋବର ୨୦୨୪ରେ ଆୟୋଜିତ ଏକ ରାଷ୍ଟ୍ରୀୟ ସ୍ତରର ପ୍ରଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀମାନଙ୍କୁ ସିକଲ ସେଲ ରୋଗ ପ୍ରବନ୍ଧନର ଜଟିଳତାକୁ ପ୍ରଭାବୀ ଢଙ୍ଗରେ ସମାଧାନ କରିବା ସକାଶେ ଆବଶ୍ୟକ କୌଶଳ ପ୍ରଦାନ କରାଯାଇଛି ।

ମିଶନର ସଫଳତା ସମଗ୍ର ସରକାର' ଦୃଷ୍ଟିକୋଣ ଉପରେ ଆଧାରିତ, ଯାହା ଅଧୀନରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଜନଜାତୀୟ କାର୍ଯ୍ୟକ୍ରମ ମନ୍ତ୍ରଣାଳୟ, ସାମାଜିକ ନ୍ୟାୟ ଓ ଅଧିକାରୀତା ମନ୍ତ୍ରଣାଳୟ, ଶିକ୍ଷା ମନ୍ତ୍ରଣାଳୟ ତଥା ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟକୁ ମଧ୍ୟ ଏଥିରେ ସାମିଲ କରାଯାଇଛି । ଏହି ଆନ୍ତଃ- ମନ୍ତ୍ରଣାଳୟ ସ୍ତରୀୟ ସମନ୍ୱୟ ଜନଜାତୀୟ ସ୍ୱାସ୍ଥ୍ୟକୁ ସାମାଜିକ- ସାଂସ୍କୃତିକ ଏବଂ ଭୌଗୋଳିକ ବ୍ୟବସ୍ଥାକୁ ସମାଧାନ କରି ସମଗ୍ର କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରୁଛି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅନ୍ତର୍ଗତ ସ୍ୱାସ୍ଥ୍ୟ ଅନୁସନ୍ଧାନ ବିଭାଗ ଦ୍ୱାରା ସମର୍ଥିତ ଅନୁସନ୍ଧାନ- ଆଧାରିତ ଗତିବିଧିମାନଙ୍କ ଦ୍ୱାରା ଏହି ମିଶନକୁ ଅର୍ଥକୁ ପ୍ରଭାବଶାଳୀତା ଏବଂ ରୋଗୀମାନଙ୍କ ଉପରେ ଏହାର ପରିଣାମରେ ଉଲ୍ଲେଖନୀୟ ସୁଧାର ଅଣାଯାଇ ପାରିଛି ।

ସମ୍ପ୍ରତି ଏହି ମିଶନକୁ ଏବେ ସୁଦ୍ଧା ପ୍ରାପ୍ତ ଉପଲବ୍ଧି ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଜଣାପଡ଼ିଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବର୍ତ୍ତମାନ ଏହି ମିଶନର ଦୀର୍ଘକାଳୀନ ପ୍ରାଥମିକତାଗୁଡ଼ିକୁ ଆଗକୁ ବାଢ଼ିବା ଦିଗରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି । ବର୍ତ୍ତମାନ ଏହି ମିଶନର ତତ୍କାଳିକ ଧ୍ୟାନ ଆନୁବଂଶିକ ପରାମର୍ଶ, ଜନ ସଚେତନତା ଅଭିଯାନମାନ ଏବଂ ଆନୁବଂଶିକ ଷ୍ଟାଟସ କାର୍ଡ ବିତରଣର ବିସ୍ତାର ଉପରେ କେନ୍ଦ୍ରିତ ହେବ । ସାର୍ବଜନୀନ ସ୍ତରର ମଞ୍ଚକୁ ପ୍ରଭାବୀ ଉପଯୋଗ କରି ଏହା ସୁନିଶ୍ଚିତ କରିବା ଦିଗରେ ମହତ୍ତ୍ୱ ପୂର୍ଣ୍ଣ କରାଯିବ ଯେ ପ୍ରତ୍ୟେକ ବାହକ ଏବଂ ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ଆବଶ୍ୟକ ପରିଚର୍ଯ୍ୟା ଏବଂ ସହାୟତା କିପରି ସହଜରେ ପ୍ରାପ୍ତ ହେବ ଛ ଉନ୍ନତ ଅନୁସନ୍ଧାନ ପ୍ରୟାସ ମିଶନର କାର୍ଯ୍ୟପ୍ରଣାଳୀକୁ ଆହୁରି ଅଧିକ ପ୍ରଭାବୀ ଏବଂ ସଶକ୍ତ କରିବା ଦିଗରେ ମଧ୍ୟ ଫଳପ୍ରସୂ ସିଦ୍ଧ ହୋଇପାରିବ । ଏହି ମିଶନର ପ୍ରକୃତ ଭାବନା ଏହାର ଆଦର୍ଶ ଆମର ସଂଘର୍ଷକର୍ତ୍ତାମାନଙ୍କ ସହିତ, ଆମର ଉତ୍ତରପିଙ୍କ ସମ୍ବଳ, ଏବଂ ଆମର ଯୋଦ୍ଧାମାନଙ୍କୁ ସମର୍ଥନ'ରେ ନିହିତ ରହିଛି । ରାଜନୈତିକ ଇଚ୍ଛାଶକ୍ତି, ବୈଜ୍ଞାନିକ ନବାଚାର ଏବଂ ତୃଣମୂଳ ସ୍ତରରେ ଏହାର ରୂପାନ୍ତରଣର ସଂଯୋଜନ ଦ୍ୱାରା ଭାରତ ସିକଲ ସେଲ ଏନିମିଆକୁ ଉନ୍ମୂଳନ କରିବା ଏବଂ ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ନିମନ୍ତେ ତତ୍ପର ରହିଛି ।

ଭାରତ ୨୦୪୭ ମସିହା ଆଡ଼କୁ ଯେତିକି ଅଗ୍ରସର ହୋଇଚାଲିଛି, ସେ ପର୍ଯ୍ୟନ୍ତ ସିକଲ ସେଲ ରୋଗ ଉନ୍ମୂଳନକୁ ନିଜର ଲକ୍ଷ୍ୟ ହାସଲ କରିବା ଦିଗରେ ଆତ୍ମବିଶ୍ୱାସକୁ ଆଗକୁ ବାଢ଼ି ଚାଲିଛି । ସିକଲ ସେଲ ଏନିମିଆ ଉନ୍ମୂଳନ ମିଶନ ଏଥିରେ ଆଶାର କିରଣ ଭାବେ ମୁଣ୍ଡ ଟେକିଛି । ଏହା ଏହି କଥାକୁ ଦୋହରାଏ ଯେ ଯେତେବେଳେ ସରକାର, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଏବଂ କର୍ମୀ ସମାନ ହିତ ସାଧନ ନିମନ୍ତେ ଏକଜୁଟ ହୋଇ କାର୍ଯ୍ୟ କରୁଛନ୍ତି, ସେତେବେଳେ କୌଣସି କାର୍ଯ୍ୟ ଅସମ୍ଭବ କିମ୍ବା ଅପ୍ରାପ୍ତ ହୋଇ ରହିବନାହିଁ । ଆମେ ସଭିଏଁ ମିଳିମିଶି ଏହା ସୁନିଶ୍ଚିତ କରିବା ଯେ କୌଣସି ଜଣେ ବ୍ୟକ୍ତିଙ୍କୁ ଯେଭଳି ଏହି ରୋଗର ସମସ୍ୟା ଏବଂ ପୀଡ଼ାକୁ ଆଉ ସହ୍ୟ କରିବାକୁ ପଡ଼ିବନାହିଁ ।

ସିକଲ ସେଲ ଏନିମିଆ ବିରୁଦ୍ଧରେ ଭାରତର ସଂଗ୍ରାମ କେବଳ ଏକ ଆନୁବଂଶିକ ରୋଗ ସହିତ ଲିବା ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ – ଏହା ସମାଜର ସୀମାନ୍ତରେ ବସବାସ କରୁଥବା ଆମ ଦେଶର ଜନସାଧାରଣଙ୍କୁ ସମାନତା, ସମ୍ମାନ ଏବଂ ସ୍ୱାସ୍ଥ୍ୟ ପ୍ରତି ପ୍ରତିବଦ୍ଧତା ମଧ୍ୟ । ମୀନା ଭଳି ମହିଳାମାନଙ୍କ ଅନୁଭବୀ ମାର୍ଗଦର୍ଶନକାରୀ ଶକ୍ତିର ପ୍ରମାଣ ଆମ ନିକଟରେ ବିଦ୍ୟମାନ, ଯାହା ଜନଜାତୀୟ ସ୍ୱାସ୍ଥ୍ୟ ସଂକଟଗୁଡ଼ିକର ସମାଧାନରେ ଏକ ଐତିହାସିକ ଉପଲବ୍ଧି ଅଟେ ।

ଆସନ୍ତୁ, ଏହି ଅଭୂତପୂର୍ବ ପ୍ରୟାସର ଉତ୍ସବ ମନାଇବା ଏବଂ ଏକ ସୁସ୍ଥ, ଅଧିକ ସମାବେଶୀ ଭାରତ ନିର୍ମାଣରେ ନିଜର ସଂକଳ୍ପକୁ ଦୋହରାଇବା ।

**ଶ୍ରୀ ଜଗତ ପ୍ରକାଶ ନଡ୍ଡା**
**କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ**

# କଟକ ସଦର ପ୍ରେସକ୍ଲବର ସ୍ୱାଧୀନତା ଦିବସ ପାଳିତ

ଫୁଲନଖରା,(ସବ୍ୟୁ): କଟକ ସଦର ଅଞ୍ଚଳର ବହୁପୁରାତନ ପ୍ରତିଷ୍ଠିତ କଟକ ସଦର ପ୍ରେସ କ୍ଲବର ଅରଡ଼ିଆପଦା ସ୍ଥିତ କାର୍ଯ୍ୟାଳୟ ପରିସରରେ ମହା ଆଡ଼ମ୍ବରରେ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠିତ ଶିଳ୍ପପତି ହୋଟେଲ ଆମ୍ରପଲ୍ଲୀ ରିସର୍ଟର ଅଧ୍ୟକ୍ଷ ଅଶ୍ୱନୀ କୁମାର ମହାପାତ୍ର, ବରିଷ୍ଠ ସମାଜସେବୀ ତଥା ପୂର୍ବତନ ଏକଜୁକିଟିଭ ଇଞ୍ଜିନିୟର ସୁଶାନ୍ତ କୁମାର ତ୍ରିପାଠୀଙ୍କ କରକମଳରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶାର ପ୍ରସିଦ୍ଧ ପାଲା ଗାୟକ ଆଲ୍ଲାହାଦ ସୁରେନ୍ଦ୍ର ଛୋଟରାୟ ପରିଚାଳନା କରିଥିବାବେଳେ ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନ, କବି ରାଧାଶ୍ୟାମ ମହାନ୍ତି, ଯୁବ ସମାଜସେବୀ ବିପିନ ବିହାରୀ ବେହେରା,କୈଳାଶ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ଉପସ୍ଥିତ ଥିବା କୁନିକୁନି ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। କଟକ ସଦର ପ୍ରେସ କ୍ଲବର ସାମ୍ବାଦିକ ଧୀରେନ୍ଦ୍ର ସାହୁ, ଅମିତ କୁମାର ପରିଜା, ଚିନ୍ମୟ ମହାରଣା, ବୁଲୁ ପାତ୍ର, ହେମନ୍ତ ମଲ୍ଲିକ, ପ୍ରକାଶ ଭୋଇ , ଦୀପ୍ତି ରଞ୍ଜନ ଶତପଥୀ, ସୁଧୀର ଶତପଥୀପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଯୁବ ସାମ୍ବାଦିକ ଶଶୀଭୁଷଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ମଦନ ମଝି, ଗ୍ରାମ୍ୟ ମୂରବୀ ଅଜୟ କୁମାର୍ ବେଉରା, ଶୈଳଜା ନନ୍ଦ ସାହୁ, ଅଗନୱାଡ଼ି କର୍ମୀ ରିତାଞ୍ଜଳି ବେଉରା, ସହାୟିକା ପ୍ରାଥନା ପ୍ରତିଶ କୁମାର୍ ବେଉରା ସୌମ୍ୟ ରଞ୍ଜନ ମହାରଣା , ବିଷ୍ଣୁ ପ୍ରିୟା ଓଝା, ଅର୍ପିତା ଜେନା , ପ୍ରୀତି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

# ଗଞ୍ଜେଇ ଚୋରା ଚାଲାଣ : ଅସ୍ତରଙ୍ଗ ଥାନା ଅଧିକାରୀ ନୀଲମ୍ବିତ



ଅସ୍ତରଙ୍ଗ,(ସବ୍ୟ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ କାର୍ଯ୍ୟରତ ଆଇ ଆଇ ସି ରାଜେଶ ବଳିଆର ସିଂ ଙ୍କୁ ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ଓ୍ୱାଇ ବି ଖୁରିୟାନା ନିଲମ୍ବିତ କରିଛନ୍ତି। ଶ୍ରୀ ବଳିଆର ସିଂ ଏହା ପୂର୍ବରୁ କୋରାପୁଟ ଜିଲ୍ଲା ର ଜୟପୁର ଟାଉନ ଥାନାରେ ଏସ ଆଇ,ଭାବେ କାର୍ଯ୍ୟରତ ଥିବା ବେଳେ ଗଂଜେଇ ମାଫିଆମାନଙ୍କୁ ଗଂଜେଇ ଚୋରା ଚାଲାଣ ରେ ସାହାଯ୍ୟ ସହଯୋଗ କରୁଥିବା ନେଇ ଅଭିଯୋଗ ହେବାରୁ ଆଇନ ଗତ ଅନୁଯାଇ ତାଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ରହିଥିଲା ।

ହେଲେ ଦୀର୍ଘ ଦିନ ଧରୀ ଗିରଫ ପରୁଆନା କୁ ଏଡାଇ ପୋଲିସ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ସିଂ ଙ୍କୁ, ଅଚାନକ ଜୟପୁର ପୋଲିସ ତାଙ୍କ ମିସେସଙ୍କ ନାମରେ ଥିବା ଭୁବନେଶ୍ୱର ସରକାରି ବାସଗୃହ ନିକଟରେ ପହଞ୍ଚି ଗୁରୁବାର ଦିନ ଜେରା ପାଇଁ ଉଠାଇ ଆଣିଥିଲା ନିକଟ ପୋଲିସ ଷ୍ଟେସନ କ୍ୟାପିଟାଲ ଥାନାକୁ । କିଛି ସମୟ ଆଲୋଚନା ଚାଲିଥିବା ବେଳେ, ଅସ୍ତରଙ୍ଗ ଥାନା ଅଧିକାରୀ ପାଶ ଯିବା କହି ବାହାରକୁ ଆସିଥିଲେ । କିଛି ସମୟ ଭିତରେ କୁଆଡେ ଫେରାର ହୋଇ ଯାଇ ଥିବା ଜଣା ପଡିଥିଲା ଝ। ପୂଲିସ ଅଧିକାରୀ ମାନେ ବହୁ ସମୟ ଅପେକ୍ଷା କରି ନ ଫେରି ବାରୁ ଖୋଜା ଖୋଜି କରି ଥିଲେ ମଧ ନ ମିଳିବାରୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଜଣାଇବା ପରେ, ଚିଠି ନମ୍ବର ୩୦୦୪/୧୫,୮,୨୦୨୫ ରେ ପୋଲିସ ମହା ନିର୍ଦ୍ଦେଶକ ଚାକେରିରୁ ନିଲମ୍ବିତ କରିଛନ୍ତି ।

# ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ



ଆଠଗଡ, (ସବ୍ୟୁ): ଆଠଗଡ଼ ପ୍ରଶାସନ ପକ୍ଷରୁ ୭୯ ତମ ସାଧୀନତା ଦିବସ ଆଠଗଡ ଷ୍ଟାଡିୟମ ଠାରେ ପାଳିତ ହୋଇଯାଇଛି। ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅସର ରେ ବିଭିନ୍ନ କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ପ୍ରଶାସନ ପକ୍ଷରୁ ଉତ୍ତରୀୟ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା। ଏଥି ସହିତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରା ଯାଇଥିଲା।ଅନ୍ୟ ପକ୍ଷରେ ଆଠଗଡ ବିଜେପି ପକ୍ଷରୁ ବିଜେପି ନେତା ଅଭୟ ବାରିକ, ଜାତୀୟ ପତାକା ଉତ୍ତୋଳନ କରିଥିଲେ ସେହିପରି ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିଜ କାର୍ଯ୍ୟାଳୟରେ ଜାତୀୟ ପତକା ଉତ୍ତୋଳନ କରିଥିବା ବେଳେ କଂଗ୍ରେସ ପକ୍ଷରୁ ଦଳୀୟ କାର୍ଯ୍ୟାଳୟ ରେ ଯୁବନେତା ମନୋରଞ୍ଜନ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଆଠଗଡ ଅଗ୍ରଣୀ ସ୍ବେଚ୍ଛାସେବୀ ସଙ୍ଗଠନ ଗ୍ରାଜୁଏଟ କ୍ଲବ, କନ୍ଦରପୁର ଫ୍ରେଣ୍ଡର୍ସ କ୍ଲବ, ସହିତ ଆଠଗଡ ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସହିତ କ୍ଲବ ଗୁଡ଼ିକରେ ରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଅଛି।

# ବାସ୍କେଟ ଭାଙ୍ଗି ଏକ ଲକ୍ଷ ଲୁଟ୍

ବାରଙ୍ଗ ,(ସବ୍ୟ): ଗୋଡିସାହି ଫାଣ୍ଡି ଅଧୀନସ୍ଥ ଷଣ୍ଢପୁର ମେଡିକାଲଛକ ନିକଟରେ ଥିବା ଏକ ଷ୍ଟେସନାରୀ ଦୋକାନୀ ଆଗ ଥୁଆ ହୋଇଥିବା ବାଇକ ର ବାସ୍କେଟ ଭାଙ୍ଗି ୧ଲକ୍ଷ ଟଙ୍କା ଲୁଟି ନେଇଥିବାର ଅଭିଯୋଗ ହୋଇଛି । ଶନିବାର ଦିନ ଗୋଡିସାହିଫାଣ୍ଡି ଅଧିନସ୍ତ ମୁଣ୍ଡଳି ଗ୍ରାମର ତାପସ ରଞ୍ଜନ କର ନାମକ ଯୁବକ ତ୍ରିଶୂଳିଆ ନରଣପୁରରେ ଥିବା ଷ୍ଟେଟ ବ୍ୟାଙ୍କରୁ ଆବଶ୍ୟକତା ଥିବା ଏକଲକ୍ଷ ଉଠାଇ ପ୍ରାୟ ସାଢ଼େ ୧ଟା ବେଳେ ଓଆର ୦୫କେ ୧୬୦୬ ନମ୍ବର ବାଇକ ଯୋଗେ ଘରକୁ ଫେରୁଥିଲେ।ବ୍ୟାଙ୍କ ରୁ ଉଠାଇଥିବା ଟଙ୍କା ବାଇକ ର ବାସ୍କେଟରେ ରଖିଥିଲେ। ସେ ରାସ୍ତାରେ ଆସୁଥିବା ବେଳେ ଷଣ୍ଢପୁର ମେଡିକାଲଛକ ନିକଟରେ ଥିବା ଏକ ଷ୍ଟେସନାରୀ ଦୋକାନୀରୁ କିଛି ଜିନିଷ ଆଣିବା ପାଇଁ ଦୋକାନ ଆଗରେ ବାଇକ ରଖି ଯାଇଥିଲେ। ଦୋକାନରୁ କିଣାକିଣି ସାରି ଆସିବା ବେଳକୁ ବାଇକର ବାସ୍କେଟଭାଙ୍ଗି କେହି ୧ଲକ୍ଷ ଟଙ୍କା ନେଇଯାଇଥିବାର ଜାଣିବାକୁ ପାଇଥିଲେ।ଏହାପରେ ସେ ଗୋଡିସାହି ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ବ୍ୟାଙ୍କ ପାଖରୁ ଘଟଣାସ୍ଥଳ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଥିବା ଦୋକାନରେ ଲାଗିଥିବା ସିସିକ୍ୟାମେରାକୁ ଯାଞ୍ଚ କରିବା ଆରମ୍ଭ କରିଛି।

# ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କଲେ ବିଧାୟକ



ଦଶପଲ୍ଲା, (ସବ୍ୟୁ): ୭୯ ତମ ସ୍ୱାଧୀନତା ଦିବସ ଦଶପଲ୍ଲା ଏନ ଏ ସି ପକ୍ଷରୁ ସ୍ଥାନୀୟ ନେତାଜୀ ମୈଦାନ ଠାରେ ଧୁମ ଧାମ ରେ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ଏ ଅବସରରେ ଦଶପଲ୍ଲା ଏନ ଏ ସି ପକ୍ଷରୁ ଆୟୋଜିତ ମିଳିତ ପ୍ୟାରେଡ଼ରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପ୍ୟାରେଡ଼ ଅଭିବାଦନ ଗ୍ରହଣ କରିଥିଲେ । ଏହି ମିଳିତ ପ୍ୟାରେଡ଼ରେ ଦଶପଲ୍ଲା ଏନ ଏ ସି ମଧ୍ୟରେ ଥିବା ସମସ୍ତ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଏନ ସି ସି,ସ୍କାଉଟ, ଗାଇଡ଼,ରେଡ଼କ୍ରସ,ଏନ ଏସ ଏସ ର ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ । ଶେଷରେ ଆୟୋଜିତ ବିଭିନ୍ନ ପ୍ରତିଯିଗୀତାରେ କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନ ସମୟରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହିଇଥିଲା । ଏ ଅବସରରେ ଏନ ଏ ସି ପକ୍ଷରୁ ସମସ୍ତ ମହାପୁରୁଷ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିବା ବେଳେ ବୃଦ୍ଧାଶ୍ରମ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜେଲ ପରିସରରେ ଫଳ ବଣ୍ଟନ କରାଯାଇଥିଲା । ଏହି ସବୁ କାର୍ଯ୍ୟକ୍ରମରେ ଏନ ଏ ସି ଅଧ୍ୟକ୍ଷା ଇଂ ପୁନମ ପ୍ରିୟଦର୍ଶନୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିନାଶ ମହାନ୍ତି, ଙ୍କ ସହ ସମସ୍ତ କାଉନସିଲର, ବୁଦ୍ଧିଜୀବୀ,ଏବଂ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । ସେହିପରି ଦଶପଲ୍ଲା କୋର୍ଟ ପରିସରରେ ଯେ ଏମ ଏଫ ସି ଶ୍ରୀମତୀ ଦେମାଳିନୀ ଐଶ୍ୱରୟା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଦଶପଲ୍ଲା ଥାନାରେ ଆଇ ଆଇ ସି ଅନିତା ସାହୁ, ବ୍ଲକରେ ଅଧ୍ୟକ୍ଷା ସୁନନ୍ଦା ସାହୁ ଏବଂ ଏନ ଏ ସି କାର୍ଯ୍ୟାଳୟ ରେ ଅଧ୍ୟକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

# ସମବାୟ ସମିତି ଠକେଇ ଘଟଣା

# ବୋର୍ଡ଼ ସଭ୍ୟଙ୍କୁ ପୂର୍ବତନ ପିଅନଙ୍କ ଆକ୍ରମଣ

ଖଣ୍ଡପଡା,(ସବ୍ୟୁ):ଖଣ୍ଡପଡ଼ା ବ୍ଲକ୍ କିଆଝର ସମବାୟ ସମିତିରେ ଜାଲିଆତି କରି ଅର୍ଥ ହଡ଼ପ କରିଥିବା ଘଟଣା ସମ୍ପର୍କରେ ଅଭିଯୋଗ କରିଥିବା ବୋର୍ଡ଼ ସଭ୍ୟଙ୍କୁ ସମ୍ପୃକ୍ତ ପୂର୍ବତନ ପିଅନ ଆକ୍ରମଣ କରିବା ବିଷୟ ନୂଆଗଡ଼ିଆ ସାହି ଫାଣ୍ଡିରେ ଅଭିଯୋଗ କରାଯାଇଥିବା ଜଣାଯାଇଛି। ଘଟଣାର ପ୍ରକାଶ ସିଂଘାପଡ଼ା, ନୂଆଗଡ଼ିଆସାହି ଓ କିଆଝର ଭଳି ୩ଗୋଟି ପଞ୍ଚାୟତକୁ ନେଇ ସିଂଘାପଡ଼ା ଠାରେ ସ୍ଥିତ କିଆଝର ସମବାୟ ସମିତିରେ ନୂଆଗଡ଼ିଆସାହି ପଞ୍ଚାୟତ ଅନ୍ତର୍ଗତ କୁବେଲି ଗ୍ରାମର କହ୍ନେଇ ସ୍ୱାଇଁ (୭୫) ଜଣେ ବୋର୍ଡ଼ ସଦସ୍ୟ । ଗତ ୧୩ ତାରିଖରେ ବୋର୍ଡ଼ର ସଭାପତି ଦେବରାଜ ସାହୁ ସମସ୍ତ ସଭ୍ୟଙ୍କୁ ନେଇ ଏକ ସଭା ଡ଼ାକିଥିଲେ। ଏହି ସଭାରେ କହ୍ନେଇ ସ୍ୱାଇଁ ଉପସ୍ଥିତ ରହିବା ସହ ସେ ସମିତିରୁ ୨୦ ହଜାର ଟଙ୍କା ଋଣ ନେଇଥିବା ବେଳେ ସେହି ଟଙ୍କା ଛାଡ଼ କରାଯିବ କହି ତାଙ୍କ ଠାରୁ ପାସ୍‌ବୁକ୍ ଓ ଏକ ଭାଉଚରରେ ଦସ୍ତଖତ କରାଇ ସମିତିର ପୂର୍ବତନ ପିଅନ ତଥା ସଭାପତିଙ୍କ ପୁଅ ସୁଶାନ୍ତ କୁମାର ସାହୁ ନେଇଥିଲେ। ପରେ ବ୍ୟାଙ୍କରୁ ଜାଣିବାକୁ ପାଇଲେ ଯେ ତାଙ୍କ ନାମରେ ୫୫ ହଜାର ଟଙ୍କା ଋଣ କରାଯାଇ ୩୫ ହଜାର ଟଙ୍କା ହଡ଼ପ୍ କରାଯାଇଛି। ଏହି ଅଭିଯୋଗର ସତ୍ୟତାକୁ ବିଚାର କରାଯାଇ ସୁଶାନ୍ତଙ୍କ ନାମରେ ମାମଲା ରୁଜୁ କରିବା ପାଇଁ ବୋର୍ଡ଼ରେ ନିଷ୍ପତି ଗ୍ରହଣ କରାଯାଇଥିଲା ଓ ଘଟଣାକୁ ନେଇ ସଭାପତି ମଧ୍ୟ ଭୁଲ୍ ସ୍ୱୀକାର କରିଥିଲେ। ସଭା ଭଙ୍ଗ ପରେ କହ୍ନେଇ ନିଜ ଗ୍ରାମକୁ ଫେରୁଥିବା ସମୟରେ କୁଆଁରିଆ ନଦୀରେ ଜଳ ବୃଦ୍ଧି ଘଟିଥିବା ଯୋଗୁଁ ଯାଇ ନ ପାରି ପିତାମହୁଲ ଗ୍ରାମର କୋଠଘରେ ରାତ୍ରିରେ ବିଶ୍ରାମ ନେଉଥିଲେ। ସୁଶାନ୍ତ ତାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରି ପିତାମହୁଲ ଗ୍ରାମରେ ଥିବା ଜାଣି ନିଜ ବାଇକ୍ ଯୋଗେ ସାଙ୍ଗ ନକୁଳ ସାମଲଙ୍କୁ ଧରି ସେଠାରେ ପହଂଚି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ। ପାଟିତୁଣ୍ଡ ଶୁଣି ପିତାମହୁଲ ଗ୍ରାମବାସୀମାନେ ଘଟଣା ସ୍ଥଳରେ ପହଂଚିଯିବା ଯୋଗୁଁ ତାଙ୍କୁ ଧମ୍‌କ ଦେଇ ସୁଶାନ୍ତ ସେଠାରୁ ଚାଲିଯାଇଥିବା ସମ୍ପର୍କରେ କହ୍ନେଇ ନୂଆଗଡ଼ିଆ ସାହି ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ୍ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ଶିଶୁ ପ୍ରତିଭା ଶୁଭ୍ରାଂଶୁଙ୍କୁ ପୁରସ୍କୃତ କଲେ ଜିଲ୍ଲାପାଳ



ରଣପୁର , (ସବ୍ୟୁ) : ରଣପୁର ବ୍ଲକ ଗୋପାଳପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩ୟ ଶ୍ରେଣୀର ଛାତ୍ର ଶୁଭ୍ରାଂଶୁ ମହାପାତ୍ରଙ୍କୁ ଜିଲ୍ଲା ସ୍ତରୀୟ ସାଧୀନତା ଦିବସରେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରଓ୍ୱାଲ ପୁରସ୍କୃତ କରିଛନ୍ତି। ୭୯ ତମ ଜିଲ୍ଲା ସ୍ତରୀୟ ସାଧୀନତା ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ (ପିଟିଏସ)ପଡିଆରେ ଅଗଷ୍ଟ ୧୫ ରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ସାଧୀନତା ଦିବସରେ ପୁରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡିଶା ସଙ୍ଗୀତ ଆକାଶର ସ୍ୱନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀ ଅଧ୍ୟାପକ ସତ୍ୟ ନାରାୟଣ ମହାପାତ୍ର (ବୁଢ଼ା ଭାଇନା) ଓ ଶିକ୍ଷୟିତ୍ରୀ ସୁଜାତା ନନ୍ଦଙ୍କ ପୁତ୍ର ଶୁଭ୍ରାଂଶୁ ମହାପାତ୍ର ଗୋପାଳପୁର ସରସତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଇ ଶିଶୁ ପ୍ରତିଭା କ୍ଲଷ୍ଟର ଲେବଲରୁ ବ୍ଲକ ଓ ବ୍ଲକ ଲେବଲ ରୁ ଜିଲ୍ଲା ଲେବଲ କୁ ଉତ୍ତୀର୍ଣ୍ଣ ହୋଇ ଜିଲ୍ଲାର ସମସ୍ତ କନିଷ୍ଠ ପ୍ରତିଯୋଗୀଙ୍କୁ ପଛରେ ପକେଇ ଜିଲ୍ଲା ଚମ୍ପିଆନ ତଥା ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେଥିପାଇଁ ତାଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବା ସହ ନୟାଗଡ଼ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ଏହି ଖବରରେ ସାରା ରଣପୁର ଅଞ୍ଚଳରୁ ଶିଶୁ ପ୍ରତିଭା ଶୁଭ୍ରାଂଶୁ ଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟୁଛି। ସୂଚନା ଥାଉ କି, ଶୁଭ୍ରାଂଶୁ ରଣପୁର ସହରର ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ସର୍ଗତ ତ୍ରିନାଥ ମହାପାତ୍ରଙ୍କ ନାତି ଅଟନ୍ତି।

# ବିଶଶାନ୍ତି ମହାଯଜ୍ଞ: ଭଜନ ସମାରୋହ

ସାକ୍ଷୀଗୋପାଳ ,(ସବ୍ୟୁ): ପରମ୍ପରା କ୍ରମେ ଦେଶର ଅନ୍ୟତମ ପ୍ରସିଦ୍ଧ ବୈଷ୍ଣବ କ୍ଷେତ୍ର ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ -୨୦୨୫ ତିନି ଦିନିଆ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମୋରୋହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସାଂସ୍କୃତିକ ସମୋରୋହରେ ମୁଖ୍ୟ ଅତିଥି ଭାବରେ ପୁରୀ ଲୋକସଭା ସଦସ୍ୟ ଡ. ସମ୍ବିତ ପାତ୍ର ଯୋଗ ଦେଇ କହିଥିଲେ, ସାକ୍ଷୀଗୋପାଳ ମନ୍ଦିର ଏକ ପ୍ରାଚୀନ ପୀଠ। ଶ୍ରୀକୃଷ୍ଣ ଜନ୍ମୋତ୍ସବ ସହିତ ବର୍ଷ ସାରା ସାକ୍ଷୀଗୋପାଳ ମନ୍ଦିରରେ ଶ୍ରଦ୍ଧାଳୁ ଭିଡ଼ ହେଉଅଛି । ଶ୍ରୀକ୍ଷେତ୍ରକୁ ଆସୁଥିବା ସମସ୍ତ ଭକ୍ତ ଯେପରି ସାକ୍ଷୀଗୋପାଳ ମନ୍ଦିରକୁ ଆକର୍ଷିତ ହୋଇପାରିବେ ସେଭଳି ବିକଶିତ ଯୋଜନା ରାଜ୍ୟ ସରକାର ହାତକୁ ନେଇଥିବା ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ଅନ୍ୟତମ ସାମାଜିକ କର୍ମୀ ଧିରେନ୍ଦ୍ର କୁମାର ଜେନା ସମାବେଶରେ ଉଦବୋଧନ ଦେଇଥିଲେ। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସେବାୟତ ସଂଘର ସମ୍ପାଦକ ପ୍ରତାପ କୁମାର ମହାପାତ୍ର । ସଭାପତି ଅଶୋକ ଖୁଣ୍ଟିଆ, ଉପସଭାପତି ସଞ୍ଜୟ କୁମାର ନନ୍ଦ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ। ସଂଯୋଜନା କରିଥିଲେ ଅଞ୍ଜନା କୁମାର ହୋତା ଓ ଆଲୋକ ଖୁଣ୍ଟିଆ। ବିଳମ୍ବିତ ରାତି ପରଯ୍ୟନ୍ତ ମନୋଜ୍ଞ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

## ଜନ୍ମ ଶତବାର୍ଷିକରେ ଶ୍ରଦ୍ଧାଞ୍ଜଳି

# କବି ବିଦ୍ୟୁତପ୍ରଭା ଦେବୀ



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ଅବିଭକ୍ତ କଟକ ଜିଲ୍ଲାର ଝଙ୍କଡି ନାମକ ଏକ ପଲ୍ଲୀ ଗ୍ରାମରେ , ଜୁଲାଇ ୧୨, ୧୯୨୬ ମସିହାରେ ବିଦ୍ୟୁତପ୍ରଭା ଦେବୀଙ୍କର ଜନ୍ମ । ସେ ଗ୍ରାମ ଥିଲା କବିଙ୍କର ମାତୁଳାଳୟ । ସେହି ଜିଲ୍ଲାର ଆଳିଥାନା ଅନ୍ତର୍ଗତ ନାଟରା ଥିଲା ତାଙ୍କର ପୈତୃକ ଗ୍ରାମ । ପିତା ସୁଲେଖକ ନିମାଇଁ ଚରଣ ଦାସ ଏବଂ ମାତା ରେଖା ଦେବୀ । ପିତା ସପରିବାର କଟକରେ ରହୁଥିବାରୁ ବିଦ୍ୟୁତପ୍ରଭା ଗ୍ରାମ ଓ ସହର ଉଭୟଠାରେ ଚଳିବାର ସୁଯୋଗ ପାଇଥିଲେ ।

ଗାଁଗଣ୍ଡାର ଝିଅମାନେ ସେତେବେଳେ ଶିକ୍ଷା ପ୍ରାପ୍ତ କରିପାରୁନଥିଲେ । କିନ୍ତୁ ତାଙ୍କର ନିଜ ଚେଷ୍ଟା ଏବଂ ପିତାଙ୍କର ଉତ୍ସାହ ଯୋଗୁଁ ସେହି ସମୟର ପରଦା ପ୍ରଥାକୁ ଆଡେଇ ସେ କଲମ ଧରିଥିଲେ । କବି ମାୟାଧର ମାନସିଂ ବିଦ୍ୟୁତପ୍ରଭାଙ୍କ ବିଷୟରେ କହନ୍ତି –

'ସେ ପ୍ରାୟ ୩୦ ବର୍ଷ ତଳର ବ୍ୟାପାର । ବୋଧହୁଏ ଏହି କଟକରେ ମୁଁ ସେତେବେଳେ ଉତ୍ତର ଓଡିଶାର 'ଇନିସ୍‌ପେକ୍ଟର ଅଫ୍ କଲେଜ' ହୋଇ ଅବସ୍ଥାପିତ ଥିଲି । ହୁଏତ ଅଫିସ ପରେ ଘରକୁ ଫେରୁଥିଲି , ଚାଲି ଚାଲି । ବିପରୀତ ଦିଗରୁ ଆସି ଦେଖାଦେଲେ 'ୱାର୍ଡ ବୁକ୍ ' ଇତ୍ୟାଦିର ଲେଖକ ସ୍ୱର୍ଗତ ନିମାଇଁ ଚରଣ ଦାସ । ସାମାନ୍ୟ ଏଣୁ ତେଣୁ କଥୋପକଥନ ପରେ ଦାସେ କହିଲେ , ଆଜ୍ଞା ଗରିବର କୁଡିଆରେ ଟିକେ ପାଦ ପଡନ୍ତାନି ? ମୁଁ କହିଲି , ହଁ ଯିବାରେ କିଛି ଆପତ୍ତି ନାହିଁ, କୌଣସି ଆବଶ୍ୟକତା ପଡୁ, ତେବେ ଯିବା । ସେ ମୁହଁ ତଳକୁ କରି କହିଲେ , ଆଜ୍ଞା, ମୋର ଗୋଟେ ଝିଅ କବିତା ଲେଖୁଛି । ଆପଣ ଟିକେ ଦେଖି କହନ୍ତେ ସେ କିପରି ଲେଖୁଛି ।

ଏଁ ତମ ଝିଅ କବିତା ଲେଖୁଛି ? ତେବେ ଚାଲ ଚାଲ , ଏହିକ୍ଷଣି ହିଁ ଯିବା । ଘରକୁ ଗଲି ଏବଂ ସାମାନ୍ୟ ଆତିଥ୍ୟ ପରେ କହିଲି, ତମ ଝିଅକୁ ଡାକ, ସେ ତାଙ୍କର କବିତା ସବୁ ପଢି ଶୁଣାନ୍ତୁ । ଏକ କିଶୋରୀ ବାଳିକା ଖାତାଟିଏ ଧରି ବାହାରି ଆସିଲେ ଏବଂ ସଲ୍ଲଜ ଭାବରେ ଠିଆହେଲେ । ମୁଁ କହିଲି, କିଛି ଲାଜ ନ କରି ଯାହା ଲେଖିଛ ପଢିଯାଅ ପାଟିକରି ।

ସେ ଏକାଦିକ୍ରମେ ୩/୪ଟି କବିତା ପଢିଲେ । ମୁଁ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥିଲି । ଦାସଙ୍କୁ କହିଲି, ଦାସେ, ତମ ଝିଅର ଲେଖନୀରେ ଅପୂର୍ବ ସମ୍ଭାବନା ରହିଛି ।'

*(ପୁସ୍ତକ– ଅନ୍ୟ ଦୃଷ୍ଟିରେ ବିଦ୍ୟୁତପ୍ରଭା)*

ପ୍ରକୃତରେ ସେ ସମୟରେ ଜଣେ ଆଗ୍ରହୀ ପିତାଙ୍କର ଗୋଟିଏ କନ୍ୟାକୁ ଦେଇଥିବା ପ୍ରେରଣା ଓ ମାନସିଂଙ୍କ ପରି କବିଙ୍କର ପ୍ରୋତ୍ସାହନ , ଆହୁରି ଅନେକ କବିଙ୍କର ପ୍ରୋତ୍ସାହନ ବିଦ୍ୟୁତପ୍ରଭାଙ୍କର କାବ୍ୟପ୍ରତିଭାକୁ ଅଚିରେ ଆଗକୁ ବାଟ କଢେଇ ନେଇଥିଲା ଏଥିରେ ସନ୍ଦେହ ନାହିଁ ।

ପ୍ରାକ୍– ଆଧୁନିକ ଓଡ଼ିଆ କାବ୍ୟକବିତା ଆଲୋଚନା ପର୍ଯ୍ୟାୟରେ ଅଗ୍ରଣୀ ଲେଖିକା କୁନ୍ତଳାକୁମାରୀଙ୍କ ପରେ ନାରୀକବି ଭାବରେ କବି ବିଦ୍ୟୁତପ୍ରଭାଙ୍କର ବିଶେଷ ଅବଦାନ ଥିବା ପରିଲକ୍ଷିତ ହୁଏ । ଆମ ସମାଜରେ ସେତେବେଳେ ନାରୀମାନଙ୍କୁ ନାରୀକବି କହି ନ୍ୟୁନ ଦୃଷ୍ଟିରେ ଦେଖାଯାଉଥିଲା । ସାହିତ୍ୟିକ ସ୍ୱର୍ଗୀୟ ଚିତ୍ତରଞ୍ଜନ ଦାସଙ୍କ ମତରେ 'କୌଣସିଠାରେ 'ପୁରୁଷ କବି' କୁହାଯାଏ ନାହିଁ । ବୋଧହୁଏ ଏହା ପୁରୁଷପ୍ରଧାନ ସାମାଜିକ ଚେତନାର ଚିହ୍ନ ।'

ବିଦ୍ୟୁତପ୍ରଭା ଅତ୍ୟନ୍ତ ଦୃଢମନା ଥିଲେ । ନିଜ ବିବେକ ବିଚାରରେ ଯାହା ଉଚିତ ମନେ କରୁଥିଲେ ତାହା ପାଳନ କରୁଥିଲେ । 'ଲୋକେ କଣ କହିବେ' ଏ ପ୍ରକାର ଗତାନୁଗତିକ ବିଚାରପ୍ରତି ସେ ଭୃକ୍ଷେପ କରୁ ନ ଥିଲେ । ବ୍ୟକ୍ତିଗତ ଶୃଙ୍ଖଳା ଓ ଆଚରଣରେ ସେ ଦୃଢ ଥିଲେ । କେବଳ ପରିବାର କାହିଁକି , ସମାଜର ଅନ୍ୟମାନଙ୍କୁ ନିର୍ଦ୍ଦିଷ୍ଟ ଶୃଙ୍ଖଳାରେ ଚଳାଇବା ଥିଲା ତାଙ୍କର ଆଦର୍ଶ । ଅନ୍ୟମାନଙ୍କୁ ମନାଇବାର ଯାଦୁକରୀ ବ୍ୟକ୍ତିତ୍ୱ ମଧ୍ୟ ତାଙ୍କର ଥିଲା ।

୧୯୪୯ ମସିହା ଜୁଲାଇ ମାସ ୪ ତାରିଖରେ



ତାଙ୍କର ବିବାହ ହୋଇଥିଲା ଭଦ୍ରକ ସହର ନିକଟସ୍ଥ ଆଗରପଡା ଗ୍ରାମର ଶ୍ରୀ ପଞ୍ଚାନନ ମହାନ୍ତିଙ୍କ ସହିତ, ଯିଏକି ସେତେବେଳେ କଟକଠାରେ ଥିବା ସେକ୍ରେଟେରିଏଟର ସପ୍ଲାଇ ଏବଂ ଟ୍ରାନସପୋର୍ଟ ବିଭାଗରେ ଗ୍ରେଡ –୨ ଆସିଷ୍ଟାଣ୍ଟ ଭାବରେ କାମ କରୁଥିଲେ । ବିବାହ ପୂର୍ବରୁ ବିଦ୍ୟୁତପ୍ରଭା କବି ଭାବରେ କିଛିଟା ଯଶ ଅର୍ଜନ କରିସାରିଥିଲେ । ସେଥିପାଇଁ ସେ ବହୁସାଧନା କରିଥିଲେ । ଅମରକୋଷ ଓ ଅନ୍ୟ କେତେକ ଅଭିଧାନ ଓ ବ୍ୟାକରଣ ସହିତ ସେ ଗୋଟିଏ ଆଲମାରୀ ଶାଶୁଘରକୁ ନେଇଥିଲେ ।

ବିଂଶ ଶତାବ୍ଦୀର ଆରମ୍ଭରୁ ମଧ୍ୟଭାଗ ପର୍ଯ୍ୟନ୍ତ ଉତ୍କଳ ସାହିତ୍ୟରେ ଲେଖିକାମାନଙ୍କର ବିଶେଷ ପ୍ରଭାବ ପରିଲକ୍ଷିତ ହୁଏ ।

ରେବା ରାୟ, ନର୍ମଦା କର, ଅବନ୍ତୀ ଦେବୀ, କୁନ୍ତଳାକୁମାରୀ ସାବତ, ସରଳା ଦେବୀ, କୋକିଳା ଦେବୀ, ଶୈଳବାଳା ଦାସ, ଦେବହୁତି ଦେଇ, ନିର୍ମଳା ଦେବୀ, ତୁଳସୀ ଦାସ, ସୀତାଦେବୀ ଖାଡଙ୍ଗା, ନନ୍ଦିନୀ ଶତପଥୀ, ହେମଲତା ମାନସିଂ ଓ ବସନ୍ତ ପଟ୍ଟନାୟକ ଆଦି ବିଶିଷ୍ଟ ଲେଖିକାମାନଙ୍କର ପ୍ରତିଭା ଏକ ନୂତନ ପରମ୍ପରା ଆରମ୍ଭର ସୂଚନାଦିଏ । ଏମାନଙ୍କର ଲେଖନୀରେ ଆତ୍ମକୈନ୍ଦ୍ରିକ ମନୋଭାବର ଚିହ୍ନ ନ ଥିଲା । ସେତେବେଳର ସମସ୍ୟା ବହୁଳ ଓଡିଶାରେ ବାଲ୍ୟ ବିବାହ, ବିଧବା ବିବାହ, ଯୌତୁକ ପ୍ରଥା, ନାରୀ ନିର୍ଯାତନା, ଦାରିଦ୍ର୍ୟ, ଶ୍ରମିକ ସମସ୍ୟା, ସତ୍ୟାଗ୍ରହ ଓ ସ୍ୱାଧୀନତା ସଂଗ୍ରାମ, ନାରୀ ଶିକ୍ଷା, ନାରୀ ସ୍ୱାଧୀନତା, ସାମାଜିକ କୁସଂସ୍କାର ଓ ଅନ୍ଧବିଶ୍ୱାସ ଆଦି ବିରୋଧରେ ଶକ୍ତିଶାଳୀ ସ୍ୱର ଉତ୍ତୋଳନ କରିଥିଲେ ଏହି ଲେଖିକାମାନେ । ତେଣୁ ଏହିସମସ୍ୟାଗୁଡିକ ମଧ୍ୟ ବିଦ୍ୟୁତପ୍ରଭାଙ୍କ ଲେଖନୀରେ ଫୁଟି ଉଠିଥିଲା ।

ସେ ଉଭୟ ଗ୍ରାମ ଓ ସହରୀଜୀବନ ଜୀଇଁଥିଲେ । ଦେଶପ୍ରେମ, ଯୌବନ, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗ, ଆଶା– ନିରାଶା, ଜୀବନାନୁଭୂତି, ଆଧ୍ୟାତ୍ମିକତା – ସବୁଗୁଡିକ ବିଦ୍ୟୁତପ୍ରଭାଙ୍କ କବିତାରେ ଫୁଟିଉଠିଥିଲା ।

ତାଙ୍କର ଦେଶାତ୍ମବୋଧ , ପ୍ରକୃତିପ୍ରୀତି, ପଲ୍ଲୀଚେତନା, ଓଡ଼ିଶାର ପୂଜାପାର୍ବଣ, ତାଙ୍କ କବିତାର ଅନ୍ତଃସ୍ୱରଥିଲା । ତାଙ୍କର କବିମାନସକୁ ଚାରିଭାଗ କରାଗଲେ ପ୍ରଥମ ପର୍ଯ୍ୟାୟରେ ସ୍ୱାଧୀନତା ସଂଗ୍ରାମ, ଦ୍ୱିତୀୟରେ ସାମାଜିକ ବୈଷମ୍ୟର ଚିନ୍ତନ, ତୃତୀୟ ପର୍ଯ୍ୟାୟରେ ବିଷାଦବାଦ ଓ ଜୀବନବୋଧ ଓ ଶେଷ ପର୍ଯ୍ୟାୟରେ ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀର ପ୍ରସାର ଓ ମନନଶୀଳତା ତାଙ୍କ ଜୀବନାନୁଭୂତିର କଥା କହେ ।

ପ୍ରେମ କବିତା ଲେଖିବାରେ ବିଦ୍ୟୁତପ୍ରଭା ପ୍ରଥମ କବି । ଜୀବନର ଅନ୍ତରଙ୍ଗ ଚିତ୍ର ଏଥିରେ ଫୁଟିଉଠିଛି –

*ବାସର ରାତି*
*ବାସର ରାତି*
*ନୂଆଜୀବନର ନିଘନ ସାଥୀ*
*ଚନ୍ଦନ ଫୁଲ ପ୍ରଦୀପ ହସ୍ତେ*
*ଅଇଲୁ ପ୍ରଣୟା ସଙ୍ଗେ ମାତି*
*ବାସର ରାତି । (ଝରା ଶିଉଳି)*

'ଝରାଶିଉଳି'ର ମୁଖବନ୍ଧରେ କବି ଲେଖିଛନ୍ତି–

'ପ୍ରଥମ ଯୌବନର ଚୋରାମଳୟରେ ମନର ନିଭୃତ ଉଦ୍ୟାନରେ ଯେଉଁ କଢିଗୁଡିକ ଦିନେ ହସିବାର ଆକାଂକ୍ଷା ଘେନି ମୁଖରିତ ବସନ୍ତର ସ୍ୱପ୍ନ ଦେଖୁଥିଲା – ସେ ସ୍ୱପ୍ନ ଆଜିର ଏଇ ପ୍ରଣୟ–ରୋମାଞ୍ଚ ଜୀବନରେ ସତ୍ୟ ହୋଇଛି । କାଳର ଧର୍ମାନୁଯାୟୀ ଏଗୁଡିକ ଯେ ଦିନେ ନିର୍ମମ ବୈଶାଖର ଆଗ୍ନେୟ ବିଶ୍ୱାସରେ ବୃନ୍ତ ବିଲୁଣ୍ଠିତ ହୋଇ ଧରଣୀର ଏଇ ରୁକ୍ଷ ଧୂଳିଶେଯରେ ଝରିପଡିବେ, ଏହାର ସତ୍ୟତା ଯେ ନିତାନ୍ତ ଅଳ୍ପ, ଏପରି ନୁହେଁ ।

ତାଙ୍କର ସୃଜନଶୀଳ ନାରୀଚେତନାର ଏକ ବିଦ୍ରୋହୀ ମନୋଭାବ 'ପ୍ରତିଘାତ' କବିତାରେ ପ୍ରକାଶ ପାଇଛି –

*'ତେଣେ ପିଠଉ ହେଇଚି ଦରବଟା*
*ଆଲୋ କୁଆଡେ ଗଲାକି ବଡବୋହୂ*
*ଏଣେ ଘର ଗୋଟାକର ବାରଛଟା*
*ଆଜି ରାତି ହବାଯାଏ ପଡିଥାଉ ।'*
*' ମୋର ଲେଖିଦେଇଚିକି ଜୀବନଟା*
*ବିକିଦେବାପାଇଁ ନିତି ଏଇ ଘରେ*
*ଖାଲି କାମ–କାମ–କାମ ଦିନରାତି*
*ଆଉ କିଛିନାହିଁ କଣ ଜୀବନରେ !'*

ପୂଜା ପତ୍ରିକା ସବୁ ତାଙ୍କର ତତ୍କାଳୀନ ଅଧ୍ୟାପକ ଦିଅର ସନାତନ ମହାନ୍ତି ଆଣିଦିଅନ୍ତି । ତା ଉପରେ ସେ ଲେଖିଛନ୍ତି –

*'କଅଁଳ ଗାଧୁଆବେଳ ଚୂଳିମୁଣ୍ଡେ ବସି*
*ତୁହୁଁଚି ସଜନାଶାଗ, ଦାଣ୍ଡୁ ମୃଦୁ ହସି*
*ତ୍ରିରଙ୍ଗ ଥାଳିରେ ହସ୍ତେ ପ୍ରବାସୀ ଦିଅର*
*ନମିଲେ ଚରଣତଳେ ଝାଳ ଜରଜର ।'*
*ଆଣିଛି ନୂଆଉ ! ତୁମ ମନର ଆହାର*
*ନିଅ ଏଇ ଯୋଗ୍ୟ ତୁମ ପୂଜା ଉପହାର ।'*
*'କାଗୃହେ ଆସିଛି ଶାଢି, ସିନ୍ଦୂର, ଅଳତା*
*ଅତର , ରେଶମ ଚୁଡି, ଜରିଲଗା ଫିତା*
*କାମିନୀ କାଞ୍ଚନ ତେଲ ଗୋଟିଏ ଟଙ୍କାର*
*ମୋ ଲାଗି ଆସିଛି ଖଣ୍ଡେ ମାସିକ ଝଙ୍କାର ।'*
*(ବିଦ୍ୟୁତପ୍ରଭା ଗ୍ରନ୍ଥାବଳୀ,ପୃଷ୍ଠା ୩୯୪)*

ଓଡ଼ିଆ ସାହିତ୍ୟର ସବୁଜ ଏବଂ ସାମ୍ପ୍ରତିକ ଯୁଗର ମଧ୍ୟଭାଗରେ କବି ବିଦ୍ୟୁତପ୍ରଭାଙ୍କର ସାହିତ୍ୟ ସାଧନା ଚାଲିଥିଲା । ପଣ୍ଡିଚେରୀ ଆଶ୍ରମକୁ ବହୁବାର ଯିବାପରେ ଆଶ୍ରମର ପରିବେଶରେ ସେ ପ୍ରଭାବିତ ହୋଇ ନିଜ ଚାରିଟିଯାକ ପିଲାଙ୍କୁ ସ୍ୱାମୀଙ୍କର ଅନିଚ୍ଛା ସତ୍ତ୍ୱେ ପଣ୍ଡିଚେରୀ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ପଢାଇଲେ । ଏତେଦୂରରେ ଛାଡିବାକୁ ସ୍ୱାମୀ ଅନିଚ୍ଛା ପ୍ରକାଶ କରୁଥିଲେ, କିନ୍ତୁ ସେ ସ୍ୱାମୀଙ୍କୁ ମନେଇ ନେଇଥିଲେ । ତାଙ୍କର ପିଲାମାନେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି ।

ଓଡ଼ିଶା ଶିଶୁସାହିତ୍ୟ କମିଟି ତରଫରୁ ସେ କେତେଥର ପୁରସ୍କୃତ ହୋଇଥିଲେ । ପ୍ରଜାତନ୍ତ୍ର ପ୍ରଚାର ସମିତି ଦ୍ୱାରା ଅଭିନନ୍ଦିତ ହୋଇଥିଲେ । ୧୮୬୨ରେ ତାଙ୍କର 'ସଞ୍ଚୟନ' କବିତାପୁସ୍ତକ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା । ୧୯୭୭ ମସିହାରେ ତାଙ୍କ ମୃତ୍ୟୁପରେ ବିଦ୍ୟୁତପ୍ରଭା ସ୍ମରଣିକା ପ୍ରକାଶିତ ହୋଇଥିଲା । ୧୯୮୩ରେ ତାଙ୍କର ଗ୍ରନ୍ଥାବଳୀ ଦୁଇଖଣ୍ଡରେ ଫ୍ରେଣ୍ଡସ୍ ପବ୍ଲିଶର୍ସଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା, ଯାହାକୁ ସମ୍ପାଦନା କରିଥିଲେ ପ୍ରଫେସର ନିତ୍ୟାନନ୍ଦ ଶତପଥୀ ।

ଶ୍ରୀମା' ଅରବିନ୍ଦ ଆଶ୍ରମର ପରିବେଶରେ ସେ ନିଜକୁ ଏକ ଭିନ୍ନ ଉତ୍ତରିତ ସତ୍ତାକୁ ଉନ୍ନିତ କରିଥିଲେ ସତ କିନ୍ତୁ ଶ୍ରୀମାଙ୍କର ତିରୋଧାନରେ ସେ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିପଡିଥିଲେ ଏବଂ ବେଳେବେଳେ ମାନସିକ ସ୍ଥିତି ହରାଉଥିଲେ । ତାଙ୍କର ଅବର୍ତ୍ତମାନରେ ତାଙ୍କ ସ୍ୱାମୀ ପଞ୍ଚାନନ ମହାନ୍ତି ଲେଖଥିଲେ –

'କବି ସ୍ୱର୍ଗର ଅଭିଶପ୍ତା କିନ୍ନରୀ । ବିଦ୍ୟୁତପ୍ରଭା ନାମକୁ ସାର୍ଥକକରି ଆଷାଢର ଝଡଦିନରେ ଆକାଶରେ ଉଦିତ ହୋଇ ନିଶାନ୍ତରେ ଲୀନ ହୋଇଗଲେ ।'

ସେ ମଧ୍ୟ ତାଙ୍କ ସ୍ୱାମୀଙ୍କ ପାଇଁ ସୁନ୍ଦର ପ୍ରେମକବିତା ଲେଖିଥିଲେ –

*'ତୁମେ ଓ ମୁଁଉ ପକ୍ଷୀଥିଲେ*
*ଏଇ ଜନମ ପୂର୍ବ ତଟେ*
*ଛଇଳ ଏକ ପଲ୍ଲୀଗ୍ରାମେ*
*ନରମି ନୀଡ ଜୀର୍ଣ୍ଣ ବଟେ ।*
*ଦୋଳାୟମାନ କୁଳାଳ ବୁକେ*
*ଚଞ୍ଚୁ ପରେ ଚଞ୍ଚୁ ରଖି*
*ତନ୍ଦ୍ରାଭୋଳେ କି ସୁଖେ ଆମେ*
*ସ୍ୱପ୍ନେ ବୁଡିଥିଲେଟି ସଖୀ ।'*

ଶଶୀଭୂଷଣ ରାୟ,ଚିତ୍ତ ରଞ୍ଜନ ଦାସ, ମାୟାଧର ମାନସିଂ, ରାଧାମୋହନ ଗଡନାୟକ, କୁଞ୍ଜବିହାରୀ ଦାଶ ଆଦି ଅନେକ କବି କୁନ୍ତଳା କୁମାରୀଙ୍କ ପରେ ବିଦ୍ୟୁତପ୍ରଭାଙ୍କୁ ସାହିତ୍ୟରେ ଗୁରୁତ୍ୱ ଦେଇଥିଲେ । ସେ ଥିଲେ ଓଡ଼ିଶାର ଅସାମାନ୍ୟ ପ୍ରଚଣ୍ଡ କବିପ୍ରତିଭା ।

**ଭୁବନେଶ୍ୱର–୧୬,**
**ମୋ–୮୮୯୫୨୭୪୭୯୪**

# କବିତା

## ଜହ୍ନକୁ ଦେଖି ଆତ୍ମହରା

ଅବନୀ କୁମାର ରାଉତ

ବୟସଟା କଞ୍ଚାବେଳେ
ବସିଥାଏ ନଈ କୂଳ ପଠାରେ ମୁହିଁ
ପାଶେ ପାଳଭୂତ ଫସଲ ଜଗିବା ନିତି
ଦିନିଆ କଥା !
ଦୂର ଦିଗ୍‌ବଳୟର କୁ ଦେଖୁଥାଏ
ଜହ୍ନ କେତେ ସୁନ୍ଦର ଦେଖି ହୁଏ
ଆତ୍ମହରା...!
ବର୍ଷା ଝରୁଥିଲା କଦମ୍ବ ଫୁଲର ବାସ
ଗହନ ହୃଦୟ ବିଦଗ୍ଧ ମନର ଭାଷା
ଜହ୍ନକୁ ଝୁରୁଥିବା ଦୁଇ ଆଖି ସନ୍ଧ୍ୟାରେ...?!
ତାରା ପୁଞ୍ଜ ମାଳ ମାଳ ...କେତେ ପ୍ରତିଶୃତି
କାହିଁ କେତେ ଯେ ବଢିଛି ନିବିଡ଼ତା .ଓ ବିଶ୍ୱାସ !
କେବେ ନୀଳ ରଙ୍ଗର ଶାଢି ପିନ୍ଧି ଥାଏ
ଆକାଶଟା...
କାହିଁ ପାଇଁ ଏତେ ସୁନ୍ଦର ନିବିଡ଼ତା ତା ପାଇଁ
ପ୍ରୀତି ରଙ୍ଗ ଲାଗିଯାଏ ଜହ୍ନ ପାଶେ !
କେବେ ବର୍ଷାରେ କଦମ୍ବ ବନରେ ବସି
ଭିଜି ଭିଜି ଗାଉଥାଏ ଗୀତି !
ଚାରିଆଡ଼େ ପାହାଡ଼
ମାଡ଼ି ବସି ଥାଏ
ବହଳିଆ ଲତାରେ ହସ ପରି ଟିକି ଟିକି ଫୁଲ !
ସତେକି କୁଆଁରୀ ଝିଅର କାଉଁରୀ ହସ
ପ୍ରଭାତରେ ନୀଡ଼ ଛାଡି କରୁଛନ୍ତି କଳରବ !
ବନ କଦମ୍ବ ଫୁଲ ଝରି ପଡୁଥିଲା
ପବନରେ ଭାସି ଆସୁଛି ବାସ୍ନା ଓ ଅନୁଭବ
ଆକାଶର ଜହ୍ନକୁ ସପନ ନାୟିକା ସଜାଏ
ଝୁରି ହୁଏ ତା ମୁହଁକୁ ଦେଖି ଚାହିଁ ଚାହିଁ!
ତୁମର ଜହ୍ନର ମୁହଁ ପରି ଦିଶୁଥିବାରୁ
ଚାରିଆଡ଼େ ଶୂନ୍ୟତା ବିସ୍ତୀର୍ଣ୍ଣ ଜୋଛନା ତଳେ
ବସି ଭାବୁଥାଏ !

**ମା ବିରଜା କ୍ଷେତ୍ର,**
**ମୋ–୯୪୩୯୬୨୨୬୨୩**

## ପୁରୁଷର ଦୁଃଖ



ଜୟଶ୍ରୀ ବେହେରା

ନାରୀର ଦୁଃଖକୁ ସମସ୍ତେ ବୁଝନ୍ତି
କେହି ବୁଝନ୍ତିନି ପୁରୁଷ ଦୁଃଖ ।
ଦୁନିଆ କହୁଛି ନାରୀ ତ କାନ୍ଦଇ
କାନ୍ଦେନି କେବେ ପୁରୁଷ ଲୋକ ।।
ହେଲେ ଏ ପୁରୁଷ ଲୁଚାଇ ରଖେ
ମୁଖା ଆଡୁଆଳେ କେତେ ଯେ ଲୁହ ।
କେତେ ଲୁହ ସିଏ ନିଇତି ପିଉଛି
କିଏ ବା ତାକୁ ଦେଖୁଛି କୁହ ?
କାନ୍ଦେ ସିଏ କେବେ ଶୁଖିଲା ଓଠର ହସରେ
ଆଉ କେବେ କୋହ ଭରା ହୃଦୟରେ ।
ହେଲେ ତା' ଲୁହ ଆପେ ଲୁଚିଯାଏ
ଅବୀବେକି ଏ ସମାଜ ଭୟରେ ।।
ପରିବାର ପାଇଁ ଦିନରାତି ଖଟେ
କ୍ଳାନ୍ତିକୁ ଖାତିରି ନ କରି
ଭୃକ୍ଷେପ କରେନି ଖରା, ବର୍ଷା, ଶୀତ
ବଞ୍ଚୁଥାଏ ମରିମରି ।।
ବାପା, ଭାଇ, ସାଙ୍ଗ ବିଭିନ୍ନ ରୂପରେ
ସବୁ ବିପଦରେ ସାଥେ ଥାଏ ।
ହୃଦୟଟି ତା'ର ଫୁଲଠୁ କୋମଳ
କେବେ ସେ ନିର୍ଦ୍ଦୟ ନୁହେଁ ।।
ସଭିଙ୍କ ମୁଖରେ ଗୁଞ୍ଜି ଉଠେ ଖାଲି
ନାରୀ ବଳିଦାନ ଗାଥା
ଦିଗ୍‌ବଳୟ ତଳେ ଲୁଚି ରହିଯାଏ
ପୁରୁଷର ସବୁ ବ୍ୟଥା ।।
ପୁରୁଷ ହୃଦୟ ନୁହଁଇ ପଥର
ତା' ହୃଦୟରୁ ବି ରକ୍ତ ବହେ ।
ସେ ରକ୍ତର ରଙ୍ଗ ଦିଶେ ଖାଲି ଫିକା
ଆଜୀବନ କଷ୍ଟ ସହେ ।।
ତା' ନୀରବତା କୁହେ କେତେ କଥା
ହେଲେ ସିଏ କିଛି କୁହେ ନାହିଁ
ଓଠ ଖୋଲିଦେଲେ ଜଗତ ବୁଝିବ
ତା' ପରି ସହିଷ୍ଣୁ ନାହିଁ ।

**ଉତ୍କଳ ବିଶ୍ୱବିଦ୍ୟାଳୟ,**
**ବାଣୀବିହାର, ଭୁବନେଶ୍ୱର**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# କାନ୍ଧ

ଡକ୍ଟର ଲକ୍ଷ୍ମଣ ସାହୁ

ଗଳ୍ପ

ରାକେଶ ତାଙ୍କ ମା' ଓ ତିନି ଭଉଣୀଙ୍କ ମନଖୋଲା ହସ ଆଗରୁ ଅନେକ ଥର ଶୁଣିଥିଲେ । ସବୁଥର ପରି ଏଥର ମଧ୍ୟ ସେ ହସ ତାଙ୍କୁ ଆଶ୍ଚର୍ଯ୍ୟ ଓ କ୍ରୋଧରେ ପରିପୂର୍ଣ୍ଣ କଲା । ଠିକ୍ ଯେମିତି ଟ୍ରେନର ଧୂଆଁ ଓ ବିସ୍ଫୋରଣ ହେତୁ ପ୍ରତି ସେକେଣ୍ଡରେ କମ୍ପୁଥିବା ଏହି ତ୍ରି ମାସିକ ସଂଖ୍ୟା ନମ୍ବରରେ ରହୁଥିବାବେଳେ କେହି ହସି ପାରିବେ କି ? ଦିନକୁ ଦିନ ଦରଦାମ୍ ବୃଦ୍ଧି ପାଉଥିବା ହସ୍ତକ୍ଷେପ ଯୋଗୁଁ ପ୍ରତ୍ୟେକ ପଦକ୍ଷେପରେ ଟଙ୍କା ଅଭାବ ଅନଟନ ହେତୁ ସେ ଅସହାୟ ହେବା ସତ୍ତ୍ୱେ ମା' ଓ ଭଉଣୀମାନେ କିପରି ହସି ପାରିଲେ ?

କୋଡିଏ ବର୍ଷ ବୟସରେ ଦିନସାରା ୱିଣ୍ଡୋ ପାଖରେ ଡ୍ୟୁଟି କରିବା ଯେଉଁଠାରେ ଲୋକମାନେ ଅଶୋକରୁ ରେଳ ପାର୍ସଲ ବୁକ୍ କରିବାକୁ ଆସୁଥିଲେ ସତେ ଯେମିତି ସେ ନରକରେ ନିଃଶ୍ୱାସ ନେବାଠାରୁ କମ୍ ନୁହେଁ । ପ୍ରବଳ ଗନ୍ଧ ଓ ଅଧିକ ଶବ୍ଦ ତାଙ୍କୁ ସବୁବେଳେ ଅସୁବିଧାରେ ପକାଉଥିଲା । ସେ ଅଣନିଃଶ୍ୱାସୀ ହୋଇ ପଡୁଥିଲେ । ଯଦି ରାକେଶଙ୍କର ଅନ୍ୟ କିଛି ରାସ୍ତା ଥାଆନ୍ତା, ତେବେ ସେ ନିଜ ଜୀବନକୁ ନେଇ ସେ ଏକ ସାଜସଜ୍ଜା ପୂର୍ଣ୍ଣ ସୁନ୍ଦର ଲାଇବ୍ରେରୀରେ କାମ କରିଥାନ୍ତେ । ଯେଉଁଠାରେ ସେ ଯେତେ କାମ ଚାହିଁଲେ ମଧ୍ୟ ତାଙ୍କ ଚାରିପାଖରେ ସବୁବେଳେ ଶାନ୍ତି ବିରାଜମାନ ରହିଥାନ୍ତା କିମ୍ବା ସେ ଏକ ଷ୍ଟେସନର ଟିକେଟ୍ ୱିଣ୍ଡୋ ଦାୟିତ୍ୱରେ ରହିଥାନ୍ତେ ସେ କାମ କରିଥାନ୍ତେ । ପାର୍ବତ୍ୟ ଅଞ୍ଚଳର ଏକ ନିଛାଟିଆ ସ୍ଥାନରେ ବାସ କରିଛନ୍ତି ଓ ଦିନରେ କେବଳ ଗୋଟିଏ ଟ୍ରେନ୍ ଆସୁଥିଲା ଓ ଅଧିକାଂଶ ସମୟରେ ନୀରବତାରେ ଷ୍ଟେସନ ଶୋଇ ରହିଥିଲା ।

କିନ୍ତୁ ମନେପଡେ ସେ ମାଧ୍ୟମିକ ପାସ୍ କରିବା ମାତ୍ରେ ତାଙ୍କ ରେଳ ଗାର୍ଡ ଭାବେ କାର୍ଯ୍ୟ କରୁଥିବା ବାପା , ରାକେଶଙ୍କୁ ଏହି ଝରକା ପାଖରେ ବସିରହିବା ପାଇଁ ନିଶ୍ଚିତ କରିଥିଲେ । ଏହି ପ୍ରମୁଖ ରେଳ ଷ୍ଟେସନ ପାଖରେ ପରିବାର ତାଙ୍କ ବାପାଙ୍କ ନାମରେ ପାଇଥିଲେ । ବର୍ତ୍ତମାନ ବାପାଙ୍କ ଅବସର ପୂର୍ବରୁ ମଧ୍ୟ ଏହାକୁ ରାକେଶଙ୍କ ନାମରେ ସ୍ଥାନାନ୍ତର କରିବା ଆବଶ୍ୟକ ହୋଇଗଲା ।

ବାପା ତାଙ୍କ ପୁରା ଜୀବନକୁ ପରିବାର ନାମରେ ଅତିବାହିତ କରିଥିଲେ । ସେ ଭାବିଥିଲେ ଯେ ତାଙ୍କର ଏକମାତ୍ର ପୁଅ ଅଶୋକଙ୍କ ଜୀବନ ମଧ୍ୟ ପରିବାର ନାମରେ ଅଛି । ପୁଅର ଜୀବନ ଉପରେ ତାଙ୍କର ସମ୍ପୂର୍ଣ୍ଣ ଅଧିକାର ଥିଲା । ସେ ନିଶ୍ଚିତ ଭାବରେ ନିଜ ଇଚ୍ଛା ଅନୁଯାୟୀ ନିଜ ଜୀବନକୁ ଶାନ୍ତିରେ ବିତାଇ ପାରିବେ ।

ଅବସର ପରେ ତୁରନ୍ତ ସେ ନିଜେ ପ୍ଲାଟଫର୍ମ ୪ ନମ୍ବରରେ ଏକ ଚା' ଷ୍ଟଲ୍ ସ୍ଥାପନ କରିବା ଆରମ୍ଭ କଲେ । ଅନେକ ଥର ରାକେଶ ପ୍ଲାଟଫର୍ମ ୪ ନମ୍ବରରେ ତାଙ୍କ ବାପାଙ୍କ ନିକଟକୁ ଦୌଡ଼ିବାକୁ ଚାହୁଁଥିଲେ, ତାଙ୍କୁ ଏକ ରଣ ଦିଅନ୍ତୁ, ତାଙ୍କ ଅଣ୍ଟାରେ ବଙ୍କା ହେବାର ଯନ୍ତ୍ରଣା ନିଅନ୍ତୁ । ମୁଁ ସେମାନଙ୍କ ଆଖିରେ ମୋ ଦୃଷ୍ଟିର ଆଲୋକକୁ ଜାଳିବାକୁ ଚାହୁଁଥିଲି ଯାହା ମୋତିଆବିନ୍ଦୁ କାରଣରୁ ଅସ୍ପଷ୍ଟ ହୋଇଯାଇଥିଲା । ସେ ଆଣ୍ଠୁରେ ଥିବା ଆଣ୍ଠୁକୁ ଆଲିଙ୍ଗନ କରିବାକୁ ଚାହୁଁଥିଲେ । କିନ୍ତୁ ପ୍ରତ୍ୟେକ ଥର ଏକ ତୀବ୍ର କ୍ରନ୍ଦନ ତାଙ୍କୁ ଧରିଥିଲା । ସେ ତାଙ୍କ ଝରକାକୁ ଭାରୀ ପାହାଚ ଦେଇ ଆସିବ । ସେଠାରେ ଥିବା ନାଳ ନର୍ଦ୍ଦମା ପୋକ ପୁନର୍ବାର ତାଙ୍କ ନାକକୁ ବିଷରେ ଭରିବା ଆରମ୍ଭ କରିବ । ସେଠାରେ ଥିବା ଜନତା ପୁଣିଥରେ ତାଙ୍କ ହୃଦୟ ଓ ମନକୁ ହାତୁଡ଼ିରେ ପ୍ରହାର କରିବେ ।

ଅନେକ ଆଶା ଥିଲା ତାଙ୍କ ଦୁଃଖ ତାଙ୍କଠାରୁ ଦୂରେଇ ଯିବ । ହେଲେ ସବୁ ଭାବନା ବ୍ୟର୍ଥ ପାଲଟିଗଲା । କେବଳ ଅନେକ କ୍ରୋଧ, ଆତଙ୍କ ଓ ତତ୍ପରତା ଛାଡିଦେବ । ସ୍ଲିପ୍ କାଟିବାବେଳେ ସେ ସର୍ବଦା ଅନୁଭବ କରନ୍ତି ଯେ ସେ କାହାଠାରୁ କମ୍ ଟଙ୍କା ନେଇଛନ୍ତି କିମ୍ବା କିଛି ପାର୍ସଲରେ ଭୁଲ ଷ୍ଟାମ୍ପ ଲଗାଇଛନ୍ତି । ସେ ଦିନକୁ ମାତ୍ର କୋଡ଼ିଏଟି ରସିଦ୍ କାଟିବେ ଓ ସେସବୁକୁ ଖାତାରେ ଯୋଡିବେ । ପ୍ରତିଦିନ ହଜାର ହଜାର ଲୋକଙ୍କୁ ପଥର ପକାଇବାକୁ ପଡିବ ଓ ତଥାପି ସିଲ୍ ପ୍ରତ୍ୟେକ ଥର ଭଲ ଦେଖାଯିବ । ଯେମିତି କୌଣସି ବିଶୃଙ୍ଖଳା ହେବ ନାହିଁ ତେଣୁ ବାରମ୍ବାର ସେସବୁ ତନଖି କରୁଥିଲେ ।

'ବାପା' ଏପର୍ଯ୍ୟନ୍ତ ଫେରି ନାହାଁନ୍ତି କି ?' ଯେତେବେଳେ ରାକେଶ ସନ୍ଧ୍ୟାରେ ଘରକୁ ଫେରି ଆସନ୍ତି, ସେତେବେଳେ ସେ ପ୍ରଥମେ ତାଙ୍କ ବାପାଙ୍କୁ ଘରେ ଖୋଜୁଥିଲେ । ଯଦି ସେମାନେ ଘରେ ନଥାନ୍ତେ, ସେ ନିଶ୍ଚିତ କିଛି ଅଜବ ଅନୁଭବ କରିବେ । ଏହାପୂର୍ବରୁ ଯେତେବେଳେ ତାଙ୍କ ବାପା ଡ୍ୟୁଟିରେ ସହର ବାହାରେ ଥିଲେ । ରାକେଶ ପ୍ରତିଦିନ ରେଳ ଷ୍ଟେସନକୁ ଖବରକାଗଜ ପଢିବାକୁ ଯାଉଥିଲେ । ଏହାର କାରଣ ହୋଇପାରେ କି କୌଣସି ଟ୍ରେନ୍ ଦୁର୍ଘଟଣା ଘଟିଛି ନା ନାହିଁ , କିମ୍ବା ଏହା ଥିଲା କି ଏଥର ବାପା ସେଠାରୁ ଫେରି ପାରିବେ ନାହିଁ, କିନ୍ତୁ ପ୍ରତ୍ୟେକ ଥର ବାପା ଫେରି ଆସୁଥିଲେ ଓ ବାପାଙ୍କ ସଙ୍ଗରେ ସେ ଫେରୁଥିଲେ– ଏବେ କିନ୍ତୁ ପୂର୍ବ ଅପେକ୍ଷା ଅଧିକ କ୍ଳାନ୍ତ ଅବସନ୍ନ ଅନୁଭବ କରୁଥିଲେ ।

ଟ୍ରେନରେ ଲଗାତାର ବସିଥିବାରୁ ତାଙ୍କ ବାପା ପ୍ରାୟତଃ ଇଲେକ୍ଟ୍ରିକାଲ ସକ୍ ମାଇଲା ଭଳି ଥରି ଉଠୁଥିଲେ । ସେ ଆଗକୁ ବଢିବାକୁ ଓ ବାପାଙ୍କୁ ସମର୍ଥନ କରିବାକୁ ଚାହୁଁଥିଲେ । ବାପାଙ୍କୁ ସ୍ଥିର ସ୍ଥିତିରେ ଦେଖିବାକୁ ଚାହୁଁଥିଲେ । ଏହି ଟ୍ରେନର ଗତି ଓ ସେ ସେମାନଙ୍କୁ ଧ୍ୱନିରୁ କିଛି ନୀରବତାକୁ ନେଇଯିବାକୁ ଚାହୁଁଥିଲେ, କିନ୍ତୁ ସେତେବେଳେ ସେ କିଛି କରି ପାରିବେ ନାହିଁ । ସେ କେବଳ ବାପାଙ୍କ ଡାହାଣ ଓ ବାମକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଚୁପ୍ ରହିବେ । ସେ ତାଙ୍କ ବାପାଙ୍କ ଝାଳ ଦ୍ୱାରା ଆବୃତ ହୋଇଥିବା ରେଳ ଓ କୋଇଲାର ମିଶ୍ରିତ ଗନ୍ଧକୁ ନିଃଶ୍ୱାସରେ ନେବେ ଓ ତାଙ୍କ ଭିତରେ ଏକ ଅଦ୍ଭୁତ ଉତ୍ସାହ ବୁଲିବାକୁ ଦେବେ ।

ଆମେ ପନିପରିବା କିଣିବାକୁ ବଜାରକୁ ଯାଇଛୁ, ଆମେ ଶୀଘ୍ର ଫେରିଆସିବା ବଡ଼ ଭଉଣୀ ରାକେଶଙ୍କୁ ସର୍ବଦା ଅନନ୍ୟ ଶୋଭା ସହିତ ସ୍ୱାଗତ କରିବେ । ରାକେଶ ଘରେ ପ୍ରବେଶ କରିବା ମାତ୍ରେ ବଡ ଭଉଣୀ ସବୁବେଳେ ତାର ସମସ୍ତ କାମ ଛାଡି ଦୀର୍ଘ ସମୟ ଧରି ତାଙ୍କ ପାଖରେ ଛିଡା ହୋଇଥା'ନ୍ତି । ଯେତେବେଳେ ସେ ରାକେଶ ଭଉଣୀକୁ କିଛି ପଚାରିଥିଲେ ସେତେବେଳେ ସେ ପାଟିରେ କଥା ହେଉଥିଲେ କିନ୍ତୁ ଆଖିର ଚମକ ଓ ଓଠର ହସ ସହିତ ସେ ତାଙ୍କ ସ୍ନେହକୁ ଗାଧୋଇବାକୁ ଭୁଲି ନଥିଲେ ।

'ଆଜି ମୁଁ ହାଲୱା ତିଆରି କଲି,' ବୋଉ ଏକ ବଡ ଥାଳି ଆଣିଥିଲେ । ଯେତେ ଅଳ୍ପ ଟଙ୍କା ଉପଲବ୍ଧ ହେଉନା କାହିଁକି, ବୋଉ ପ୍ରତ୍ୟେକ ପର୍ବପର୍ବାଣୀ ଓ ପ୍ରତ୍ୟେକ ପର୍ବରେ ପାଳନ କରି ପିଲାଙ୍କ ପାଇଁ ଉପବାସ କରୁଥିଲେ ।

'ଆଜି କେଉଁ ପର୍ବ ଥିଲା ?' ରାକେଶ ହାଲୱାକୁ ବହୁତ ଭଲ ପାଉଥିଲେ । ସେ ଜାଣିଥିଲେ ଯେ ବୋଉ ଓ ଭଉଣୀମାନେ ନିଶ୍ଚିତ ଭାବରେ ଏହାର ସ୍ୱାଦ ଚାଖିଛନ୍ତି । ତଥାପି ସେ ତାକୁ ଦୁଇଟି ପ୍ଲେଟରେ ବିଭକ୍ତ କରିନେଲେ– ଛୋଟ ଥାଳିଟି ବାପାଙ୍କ ପାଇଁ ଓ ବଡଟି ତାଙ୍କ ପାଇଁ ରଖାଯାଇଥାନ୍ତା ।

'ଆଜି ଭଉଣୀ ଚାକିରି ପାଇଛି,' ମଝିଆ ଓ ସାନ ଭଉଣୀ ଦୁହେଁ ଏକତ୍ର ହୋଇ ଦୁହେଁ ପାର୍ଟି ଆୟୋଜନ କରିଥିଲେ । ଦୁହେଁ ପ୍ରାୟତଃ ଏକ ସମୟରେ କଥାବାର୍ତ୍ତା କରିବେ, ସମାନ କଥାରେ ହସିବେ, ସମାନ କଥାରେ କାନ୍ଦିବେ ।

'କେଉଁଠି , କି ଜବ ?' ରାକେଶ ଆଗକୁ ଯାଇ ବସିଗଲେ । ସେ ସସ୍‌କୁ ନିଜ ପାପୁଲି ଉପରେ ରଖି ତାଙ୍କ କୋଳରେ ରଖିଲେ । ପ୍ରତ୍ୟେକ ନୂତନ କିମ୍ବା ପରିବର୍ତ୍ତିତ ପରିସ୍ଥିତି ତାଙ୍କୁ ଖରାପ କିମ୍ବା ଉତ୍ତେଜିତ କରିଦିଏ ।

'ଠିକ୍ ଆମର ଏଇ ରେଳ ଷ୍ଟେସନରେ,' ମନିଷା ବହୁତ ଖୁସି ଥିଲେ । 'ଏକ ନମ୍ବର ପ୍ଲାଟଫର୍ମରେ, ଯେଉଁଠାରେ ଘୋଷଣା କରାଯାଏ ।'

ବଡ଼ ଭଉଣୀ ମନିଷା ଧୀରେ ହସିବାକୁ ଲାଗିଲେ, 'ସେଠାରେ ଘୋଷକଙ୍କ ସ୍ଥାନ ତିନିମାସ ପାଇଁ ଖାଲି ଥିଲା । ତେଣୁ ମୁଁ ସେହି ସ୍ଥାନ ପାଇଲି ।

'ତୁ ବି.ଏ ରେ ପ୍ରଥମ ସ୍ଥାନ ସ୍ୱର୍ଣ୍ଣ ପଦକ ପାଇଛୁ ।' ରାକେଶଙ୍କ ଅସ୍ଥିରତା କେବଳ ବୃଦ୍ଧି ପାଇଲା, ହ୍ରାସ ହେଲା ନାହିଁ, 'ତୁମେ ବର୍ତ୍ତମାନ ଏମ . ଏ କିମ୍ବା ବି. ଇଡି କରିବା ଉଚିତ । ରେଳବାଇର କୋଳାହଳପୂର୍ଣ୍ଣ ଚାକିରି ଅପେକ୍ଷା ଏକ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ କାର୍ଯ୍ୟ ବହୁତ ଭଲ ହେବ ।

'ଆଉ ପଢ଼ିବା ପାଇଁ ମୋର ଆଗ୍ରହ ନାହିଁ । ବଡ ଭଉଣୀ ରାକେଶଙ୍କ କାନ୍ଧରେ ହାତ ରଖି କହିଲା, 'ଯାହାକୁ ତୁମେ ଗଣ୍ଡଗୋଳ , ଜନଗହଳି ବୋଲି କହୁଛ, ମୁଁ ସେଠାରେ ଉତ୍ସାହ ଦେଖୁଛି । ତା'ପରେ ମୋ ଚେୟାର ଅଲଗା ହେବ । ଷ୍ଟେସନ ମାଷ୍ଟର ଅଫିସ ସମ୍ମୁଖରେ, ସେଠାରେ ସର୍ବଦା ପୋଲିସ୍ ଡ୍ୟୁଟି ରହିଥାଏ ।

ସାନ ଭଉଣୀ କହିଲା, 'ଦିଦିର ଦରମା ଭାଇ ତୁମ ତୁଳନାରେ ଅଧିକ ହେବ ।'

ବଡ଼ ଭଉଣୀ କହିଲା ଯେ ସେ 'ପ୍ରଥମରେ ଘରେ ପରଦା ଲଗାଇବେ' ବୋଲି, ମନିଷା କଥା ଜାରି ରଖିଥିଲା ।

'ତା'ହେଲେ ମୁଁ ନୂଆ ଚିନା ବାସନ ସେଟ୍ କିଣିବି ... '' ବାପା କୁହନ୍ତି ଯେ ଭାଇ ଆଦୌ ରେଳ ଚାକିରି ପାଇବାକୁ ପସନ୍ଦ କରନ୍ତି ନାହିଁ ।'

'ଭାଇ ଏକ ଲାଇବ୍ରେରୀରେ କାମ କରିବାକୁ ଚାହାଁନ୍ତି ...' 'ଯଦି ଭାଇ ମନିଷା ରେଳବାଇରେ ସ୍ଥାୟୀ ଚାକିରି ପାଆନ୍ତି ।'

ସେ ତାଙ୍କ ନାମରେ ଏହି କ୍ୱାର୍ଟର ମଧ୍ୟ ପାଇବେ ... '' ତେଣୁ ସେହି ଭାଇ ରେଳ ଚାକିରି ଛାଡି କଲେଜରେ ଆଡମିଶନ କରିପାରିବେ...

ଦୁହେଁ ପରସ୍ପର ସହ କଥାବାର୍ତ୍ତା କରୁଥିବା ସମୟରେ ପରସ୍ପରକୁ ଭୁଲି ଯାଉଥିଲେ । ଏହି ସମୟରେ ରାକେଶ ତାଙ୍କ ବଡ଼ ଭଉଣୀର ହାତକୁ କାନ୍ଧଉପରୁ କାଢି ନେଇଥିଲେ । ସେ କ୍ରୋଧରେ ଥରିବାକୁ ଲାଗିଲେ ।

'ବନ୍ଦ କର ଓ ଯାଅ ।' ବଡ ଭଉଣୀ ପରିସ୍ଥିତିର ଦାୟିତ୍ୱ ନେବାକୁ ଚାହୁଁଥିଲେ । 'ଆମେ ପରେ କଥା ହେବା ।' 'ପରେ ପରେ କାହିଁକି ?'

'ମୁଁ ବର୍ତ୍ତମାନ ତୁମକୁ କାହିଁକି କହୁ ନାହିଁ ଯେ ତୁମେ ତିନିଜଣ ପ୍ରଥମ କ୍ରମର ଉଦାହରଣ । ମୋ ପାଇଁ ତୁମର ଯୋଜନା ବିଷୟରେ ମୁଁ ତୁମକୁ ପଚାରୁଛି । ତୁମମାନଙ୍କୁ ଚିନ୍ତା କରିବାର ଅଧିକାର କିଏ ଦେଇଛି ? ମୁଁ ଜଣେ ପୁରୁଷ, ମୁଁ ମୁକ୍ତ , ମୁଁ ସ୍ୱାଧୀନ । କାହା ଉପରେ ନିର୍ଭରଶୀଳ ନୁହେଁ । ମୋର ନିଜ ହାତ ଓ ଗୋଡ, ମୋର ନିଜ ମନ ଅଛି । ମୁଁ ଯାହା କରିବାକୁ ଚାହୁଁଛି, ମୁଁ ନିଜେ କରିବି । ମୋ ପାଇଁ କାହାର ବଳିଦାନ କିମ୍ବା ଅନୁତାପ କରିବା ଦରକାର ନାହିଁ ... '

'ମୁଁ ମଧ୍ୟ ଏହି ପରିବାରର ଏକ ଅଂଶ,' ବଡ଼ ଭଉଣୀଙ୍କର ଏହା ଏକ ଚମତ୍କାର ସ୍ୱାନ୍ତନା ଥିଲା । ଯାହା ତାଙ୍କୁ କେବେ ବି ବିରକ୍ତ ହେବାକୁ ଦେଇନଥିଲା । ଅନ୍ୟମାନେ ତାଙ୍କ ପ୍ରତି ଯେତେ ସନ୍ଦେହ କିମ୍ବା ଅବିଶ୍ୱାସ ହେଉନା କାହିଁକି, ସେ ତାଙ୍କ ଆଚରଣର ସୌଜନ୍ୟ ଦୃଢତାକୁ ଅଦୃଶ୍ୟ ହେବାକୁ ଦିଅନ୍ତି ନାହିଁ । 'ପରିବାର ପ୍ରତି ମୋର ମଧ୍ୟ କିଛି କର୍ତ୍ତବ୍ୟ ଅଛି ...' ମୋ ସୁନା ଭାଇଟା ପରା , ମୋ ସାମ୍ନାରେ ଏପରି ଏଭଳି କିଛି ଅପ୍ରୀତିକର କଥା କୁହ ନାହିଁ ।'

ରାକେଶ ସେ କ୍ରୋଧାନ୍ୱିତ ହୋଇ କହିଲେ, 'ଗୋଟିଏ କଥାକୁ ସ୍ପଷ୍ଟ ଭାବରେ ବୁଝନ୍ତୁ ... ଏହି ତୃତୀୟ କୋଠରୀ ମୋ ନାମରେ ଅଛି ଓ କେବଳ ମୋ ନାମରେ ରହିବ ...'

'ଏହି ନିରୀହ ଝିଅମାନଙ୍କ ସହିତ ତୁଚ୍ଛା କଥା ନେଇ ଗଣ୍ଡଗୋଳ କର ନାହିଁ ।' ବୋଉ ନିଜ ଝିଅମାନଙ୍କୁ ପୁଅର ବିସ୍ଫୋରକ କ୍ରୋଧରୁ ରକ୍ଷା କରିବାକୁ ଚେଷ୍ଟା କଲେ । କୌଣସି ବ୍ୟକ୍ତିର ସଂପତ୍ତି ତାଙ୍କ ଝିଅର ନାମରେ ଏକ ଚତୁର୍ଥାଂଶରେ ରୁହେ କି ? ସେ ଆସନ୍ତାକାଲି ବିବାହ କରିବେ, ତେବେ ଆମେ ବୋହୂ ଆଗରେ ଏକଥା କେମିତି ବିସ୍ତାର କରି କହିବୁ କି ?

'ମୁଁ କେବଳ ତୁମ କଥା ଶୁଣିବି ।' ବଡ ଭଉଣୀ ରାକେଶଙ୍କ ନିକଟତର ହୋଇଥିଲେ, 'କିନ୍ତୁ ମୁଁ ନିଶ୍ଚିତ ଭାବେ ଆସନ୍ତା କାଲିଠୁ କାମ କରିବା ଆରମ୍ଭ କରିବି ।

'ଠିକ୍ ଅଛି, ତୁ ଅପା ନିଜ ପାଇଁ କୌଣସି ଯୋଜନା ପ୍ରସ୍ତୁତ କରିପାରିବୁ । ଯଦି ତୋ ଚାକିରିରେ ବୋଉ ଓ ବାପାଙ୍କର କୌଣସି ଆପତ୍ତି ନାହିଁ । ତେବେ ମୁଁ...

ମୋ ପାଇଁ ସବୁକିଛି ଠିକ୍ ଅଛି । କିନ୍ତୁ ଅପା ଭବିଷ୍ୟତରେ ମୋ ପାଇଁ ଦେବୀ ହେବାକୁ ଚେଷ୍ଟା କରିବୁ ନାହିଁ । ମୁଁ ଯେଉଁଠାରେ ଅଛି ଭଲ ଅଛି । ମୁଁ ଅସନ୍ତୁଷ୍ଟ କିମ୍ବା ଖୁସି ହେବା ମୋର ବ୍ୟକ୍ତିଗତ ସମସ୍ୟା । ଏଥିରେ ହସ୍ତକ୍ଷେପ କରିବାର ତମକାହାର କୌଣସି ଅଧିକାର ନାହିଁ । ମୁଁ ଜଣେ ପୁରୁଷ, ବାପା ଓ ମାଆଙ୍କର ଏକଲା ପୁଅ, ତିନି ଭଉଣୀଙ୍କର ଗୋଟିଏ ଭାଇ , ସେମାନଙ୍କ ଦାୟିତ୍ୱ ବାପାଙ୍କ ପରି ମୋ କାନ୍ଧରେ ବହନ କରିବାର ବଳ ରହିଛି । କାହା ଉପରେ ନିର୍ଭରଶୀଳ ନୁହେଁ ।

ରାକେଶ ଭୂମିରେ ପାଦ ପକାଇଲେ ଓ ନିଜ କୋଠରୀ ଆଡ଼କୁ ବାହାରିଲେ...!!!!

**ଅଧ୍ୟକ୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମହାନଦୀ ଡିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ– ୪**
**ମୋ–୯୦୪୦୧୫ ୧୪୭୫**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୟୁକ୍ରେନ୍...

କରୁଛନ୍ତି । ପ୍ରକୃତ ଶାନ୍ତି ପ୍ରତିଷ୍ଠା ହେବା ଆବଶ୍ୟକ । ରଷ୍ ପକ୍ଷରୁ ପୁନର୍ବାର କୌଣସି ପଦକ୍ଷେପ ନ ନିଆଯାଉ । ଯଥାଶୀଘ୍ର ହତ୍ୟାକୁ ବନ୍ଦ କରାଯାଉ । ଯୁଦ୍ଧବନ୍ଦୀ ଅଟକ ଥିବା ପିଲାମାନଙ୍କୁ ଫେରାଇ ଅଣାଯାଉ । ଉଭୟ ୟୁରୋପ ଓ ଆମେରିକା ପକ୍ଷରୁ ସୁରକ୍ଷାର ଗ୍ୟାରେଣ୍ଟି ଦିଆଯାଉ । ସେହିଭଳି ସୀମାକୁ ନେଇ କୌଣସି ପ୍ରସଙ୍ଗ ନ ରହୁ । ରଷ୍ ଉପରେ ଯେଉଁ କଟକଣା ଲାଗୁ କରାଯାଇଛି ସେ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଜେଲନ୍ସ୍କି । ରଷ୍ ବାସ୍ତବରେ ଯୁଦ୍ଧ ସମାପ୍ତି ଚାହୁଁଛି କି ବୋଲି ସେ ପ୍ରଶ୍ନ କରିଛନ୍ତି । ପୁଟିନ୍ ମଧ୍ୟ ବୈଠକ ପରେ ଗଣମାଧ୍ୟମକୁ କହିଛନ୍ତି ଓ ଜେଲନ୍ସ୍କି ତ୍ରିପାକ୍ଷିକ ବୈଠକ ନେଇ କିଛି କହିନାହାନ୍ତି । ରଷ୍ ୟୁକ୍ରେନ୍‌କୁ ସୁରକ୍ଷା ଯୋଗାଇବା ପାଇଁ ପ୍ରସ୍ତୁତ ମାତ୍ର ଏହା ୟୁରୋପ୍ ସମୁହ ଓ ୟୁକ୍ରେନ୍ ଉପରେ ନିର୍ଭର କରୁଛି । ଟ୍ରମ୍ପ ଏକ ସାକ୍ଷାତକାରରେ କହିଛନ୍ତି ଯେ ଯେଉଁ ବିନ୍ଦୁଗୁଡ଼ିକ ଅଛି ଅଧିକାଂଶରେ ଆମେ ରାଜି ହୋଇଛୁ । ମୁଁ ଭାବୁଛି ଚୁକ୍ତି କରାଯାଉ । ୟୁକ୍ରେନ୍ ଏଥିପାଇଁ ରାଜି ହେବା ଆବଶ୍ୟକ । ୟୁକ୍ରେନ୍ ସେନା ପକ୍ଷରୁ କୁହାଯାଇଛି ଯେ ରଷ୍ ପକ୍ଷରୁ ଗୋଟିଏ ରାତିରେ ଅନେକ ଡ୍ରୋନ୍‌ରେ ଆକ୍ରମଣକରାଯାଇଛି । ପରବର୍ତ୍ତି ସମୟରେ ମସ୍କୋରେ ବୈଠକ ହୋଇପାରେ ବୋଲି ସୂଚନା ମିଳିଛି ।

## ଆଲୋଚନାକୁ...

ସହଯୋଗୀଙ୍କ ଉପରେ ତୁରନ୍ତ କଟକଣା ଲଗାଇବାକୁ ସେ ଚାହୁଁନାହାନ୍ତି । ଦୁଇ ରୁ ତିନି ସପ୍ତାହ ମଧ୍ୟରେ ଏହାକୁ ବିଚାର କରାଯିବ ।

## ୧୮ ରୁ...

ଗୋଟିଏ ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ବହିବା ସହିତ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ଦୁଇ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ମାଲକାନଗିରି ଓ ବଲାଙ୍ଗୀର ଜିଲ୍ଲାର ସ୍ଥାନେ ସ୍ଥାନେ ବିଜୁଳି ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାରେ ସ୍ଥାନେ ଦୁଇ ସ୍ଥାନେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବା ଯୋଗୁ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି । ଓଡ଼ିଶା ଉପକୂଳ, ପଶ୍ଚିମ କେନ୍ଦ୍ରୀୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସହିତ ଗଭୀର ସମୁଦ୍ରକୁ ନଯିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ ।

## ପାସ୍ ହାର....

ଦେଇଥିବାବେଳେ ୪୧୪୦ ଅକୃତକାର୍ଯ୍ୟ ଏବଂ ୬୨୫ ଅନୁପସ୍ଥିତ ଥିଲେ । ଏ-୨ ଗ୍ରେଡରେ ୧୩, ବି-୧ରେ ୨୩୨, ବି-୨ରେ ୭୨୩, ସି'ରେ ୧୭୩୮, ଡି ଗ୍ରେଡରେ ୨୦୭୫ ଏବଂ ଇ ଗ୍ରେଡରେ ୧୧୯୨ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ସୂଚନା ମିଳିଛି । ପରୀକ୍ଷା ଫଳ ଘୋଷଣା ସମୟରେ ବୋର୍ଡ ପରୀକ୍ଷା ନିୟନ୍ତ୍ରକ ଅମ୍ରିତା ପ୍ରିତିନନ୍ଦା, ଉପ ପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା, ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ସମ୍ପାଦକ ଦାୟିତ୍ୱରେ ଥିବା ବୁଲ୍‌ବୁଲ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଟେକ୍-ହୋମ୍-ରାସନ୍‌ର...

ସମ୍ପୂର୍ଣ୍ଣ ପୁଷ୍ଟି ଆଦି ଯୋଜନା କାର୍ଯ୍ୟକାରୀ କରାଯାଉଛି ।

ଛତୁଆର ପ୍ରସ୍ତୁତି ଠାରୁ ଆରମ୍ଭ କରି ପ୍ୟାକେଜିଙ୍ଗ୍, ବଣ୍ଟନ ପର୍ଯ୍ୟନ୍ତ ପୁରା ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆଣିବାର ଆବଶ୍ୟକତା ରହିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଶିଶୁ ଓ ମହିଳା ମାନଙ୍କ ସ୍ୱାସ୍ଥ୍ୟ ରାଜ୍ୟର ବିକାଶ ପାଇଁ ସବୁଠାରୁ ଅଧିକ ଜରୁରୀ । ଏଥିରେ କୌଣସି ପରିସ୍ଥିତିରେ ଅଣଦେଖା କରି ହେବ ନାହିଁ । ତେଣୁ ଏହି ବ୍ୟବସ୍ଥାର ପ୍ରତ୍ୟେକ ସ୍ତରରେ ଉତ୍ତମ ତଦାରଖ ଓ ମୂଲ୍ୟାଙ୍କନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ବୈଠକରେ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର ଯେପରି ମୁକାବିଲା କରିପାରିବେ, ବିଭିନ୍ନ ପରିସ୍ଥିତିରେ ସେମାନଙ୍କ ମନୋବଳ ଯେପରି ଦୃଢ ରହିବ ସେଥିପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଏଥି ସହିତ ଯେଉଁ ସବୁ ଜାଗାରେ ଅଙ୍ଗନବାଡୀ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ, ସେସବୁ ଜାଗାରେ ଅଙ୍ଗନବାଡୀ କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଆବଶ୍ୟକସ୍ଥଳେ ଅଙ୍ଗନବାଡୀ କେନ୍ଦ୍ର ପାଇଁ ଜମି କିଣିବା ପାଇଁ ବିଭାଗକୁ କହିଥିଲେ । ଏଥି ସହିତ ପୁରୁଣା ଅଙ୍ଗନବାଡୀ କେନ୍ଦ୍ର ଗୁଡିକର ମରାମତି ଓ ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ଓମ୍ପାଡସି ଓ ଡି.ଏମ୍.ଏଫ୍ ଜିଲ୍ଲା ଗୁଡିକରେ ଶତ ପ୍ରତିଶତ ଅଙ୍ଗନବାଡୀର ନିଜସ୍ୱ ଗୃହ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକ ହେଲେ ଏଥିପାଇଁ ଏହି ଦୁଇ ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯିବ ।

ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ପିଲାମାନଙ୍କ ପୁଷ୍ଟିସାଧନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ସେ କହିଥିଲେ । ପଡା ପୁଷ୍ଟି କାର୍ଯ୍ୟକ୍ରମରେ ଅଙ୍ଗନବାଡୀ କେନ୍ଦ୍ରକୁ ଯାଇ ପାରୁନଥିବା ପିଲାମାନଙ୍କ ପାଇଁ ସେମାନଙ୍କ ଘରେ ଠିକ୍ ସମୟରେ ଖାଦ୍ୟ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ଅଙ୍ଗନବାଡୀ କେନ୍ଦ୍ରର ପିଲାମାନଙ୍କୁ ଯୋଗାଇ ଦିଆଯାଉଥିବା ପୋଷାକ ଓ ଜୋତା ଯୋଗାଣରେ ରାଜ୍ୟର କ୍ଷୁଦ୍ର ଶିଳ୍ପ ଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ ।

ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

## ୧୨ ନୂଆ...

ଧୁଷୁରି, ବାଲେଶ୍ୱର ଜିଲ୍ଲାର ସିମୁଳିଆକୁ ସାମିଲ କରାଯାଇଛି ।

ରାଜ୍ୟରେ ଏନ୍‌ଏସି ବୃଦ୍ଧି କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ଜୁନ୍ ୧୧ରେ ନଗରଉନ୍ନୟନ ମନ୍ତ୍ରୀ କହିଥିଲେ ଯେ ଖୁବ୍‌ଶୀଘ୍ର ରାଜ୍ୟବାସୀଙ୍କୁ ୧୦ରୁ ଅଧିକ ଏନ୍‌ଏସି ଓ ୨ ରୁ ଅଧିକ ପୌରପାଳିକା ଭେଟି ଦିଆଯିବ । ଏନେଇ ନଗର ଉନ୍ନୟନ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି । କେତେକ ଏନ୍‌ଏସିକୁ ପୌରପାଳିକାରେ ପରିଣତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଫିଜିବିଲିଟି ରିପୋର୍ଟ ମଗାଯାଇଥିଲା । ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଆମେ ଏନ୍‌ଓସି ପାଇଁ ପଞ୍ଚାୟତରାଜ ବିଭାଗକୁ ପଠାଇଥିଲୁ । ପଞ୍ଚାୟତରାଜ ବିଭାଗ ଏନ୍‌ଓସି ଦେଇଥିବାରୁ ଖୁବ୍‌ଶୀଘ୍ର ନୂଆ ଏନ୍‌ଏସି ଘୋଷଣା ହେବା ଓ ସେହିପରି ଏନ୍‌ଏସିକୁ ପୌରପାଳିକାରେ ପରିଣତ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପ୍ରସ୍ତୁତି ଶେଷ ହୋଇଛି ।

## ୨୮ ରେ...

ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ପ୍ରଭାକର ତ୍ରିପାଠୀ, ଶଶାଙ୍କ ଶେଖର ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାକେଶ ମିଶ୍ର, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ବୁଲୁ ପାଢୀ, ବିନୀତ ପାଣ୍ଡେ, ମନବୋଧ ପାଢୀ, ଉତ୍ତମ ରଥ, ଜିତେନ୍ଦ୍ର ନନ୍ଦ, ଆଶୁତୋଷ ପାଣିଗ୍ରାହୀ ଓ ଗୋପିନାଥ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ଓ କୈଳାଶ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଏଥିସହ ବ୍ରହ୍ମପୁରା ମନ୍ଦିର କମିଟିର ସରୋଜ ଦଳପତ, ଅମରନାଥ ସୁପକାର, ସୁଶାନ୍ତ ପୁରୋହିତ, ପ୍ରାର୍ଥସାରଥୀ ମିଶ୍ର, ଶ୍ରୀମନ୍ତ ମିଶ୍ର, ସଞ୍ଜୟ କୁମାର ମିଶ୍ର, ମନୋଜ ମିଶ୍ର, ସ୍ୱଭେନ୍ଦ୍ର ପଣ୍ଡା, ମିଲୁ ପାଣିଗ୍ରାହି ଓ ଅଭିଷେକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସମ୍ପତ୍ତି...

ଅଜବେଷ୍ଟସ୍ ଘରେ ଦୟନୀୟ ଅବସ୍ଥାରେ ରହୁଥିଲେ। ସୁରେନ୍ଦ୍ର ମଠିଆ ପୋଲିସ ବିଭାଗରେ କନେଷ୍ଟବଳ ଭାବେ ଚାକିରି କରୁଥିଲେ। ଏଏସ୍‌ଆଇକୁ ପ୍ରମୋସନ ହେବା ପରେ ସେ ବାଲିପାଟଣା ଥାନରେ କାମ କରୁଥିଲେ। ସେଠାରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡି ଚାକିରି ହରାଇଥିଲେ। ସୁରେନ୍ଦ୍ର ଦ୍ୱିତୀୟ ପତ୍ନୀ ଓ ପୁଅ ପ୍ରଶାନ୍ତ ସହ ମିଶିକି ରହୁଥିବା ବେଳେ ବଡ଼ ପୁଅ ଜ୍ୟୋତି ଓ ତାର ପରିବାରକୁ କ୍ରମାଗତ ଭାବେ ନିର୍ଯାତନା ଦେଉଥିଲେ। ଏପରିକି ସାନ ପୁଅ ପ୍ରଶାନ୍ତ ନାଁରେ ସୁରେନ୍ଦ୍ର ସବୁ ସମ୍ପତ୍ତି ରେଜେଷ୍ଟି କରିଦେଇଥିବା ଗାଁର ପଡୋଶୀମାନେ କହୁଛନ୍ତି। ଜ୍ୟୋତିଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ବେହେରା ସ୍ୱାମୀଙ୍କୁ ନିଆଁରେ ପୋଡି ହତ୍ୟା କରାଯାଇଥିବା ଅଭିଯୋଗ କରିବା ସହ ଗିରଫ ୩ ଅଭିଯୁକ୍ତଙ୍କ ନାଁ ଏତଲାରେ ଲେଖିଛନ୍ତି। ଗାଁ ଲୋକେମାନେ ମଧ୍ୟ ଜ୍ୟୋତିକୁ ହତ୍ୟା କରାଇଥିବା କହି ଦୁଃଖ ପ୍ରକାଶ କରୁଛନ୍ତି।

ପ୍ରଥମେ ବାଲିପାଟଣା ଥାନା ପୋଲିସ୍ ପ୍ରଥମେ ଆତ୍ମହତ୍ୟା ମାମଲା ରୁଜୁ କରିଥିଲା। ମୃତ୍ୟୁ ପୂର୍ବରୁ ଜ୍ୟୋତି ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ। ସେ ଭିଡ଼ିଓରେ ଆତ୍ମହତ୍ୟା ନୁହେଁ ବାପା-ମା-ଭାଇ ମୋତେ ପେଟ୍ରୋଲ ଢ଼ାଳି ନିଆଁରେ ପୋଡି ଦେଇଥିବା କହିଥିଲେ। ସ୍ତ୍ରୀଙ୍କ ଏତଲା ସାଙ୍ଗକୁ ଜ୍ୟୋତିଙ୍କ ଭିଡ଼ିଓ ପୋଲିସ ହାତରେ ଲାଗିବା ପରେ ମାମଲା ହତ୍ୟା ମାମଲାକୁ ପରିବର୍ତ୍ତିତ ହୋଇଥିଲା । ପୋଲିସ୍ ୩ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଝାରପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି। ଆବଶ୍ୟକ ହେଲେ ବାପା-ମା ଓ ପୁଅଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସିପି କହିଛନ୍ତି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ତଦନ୍ତ ଜାରି ରହିଛି। ସାଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି । ପୋଲିସ୍ ପୁଅ ହତ୍ୟା ମାମଲାକୁ ଗୁରୁତର ସହ ନେଇ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ଓ ଏତଲାକାରୀ ବିଜୟଲକ୍ଷ୍ମୀଙ୍କ ବୟାନ ଆଧାରରେ ସବୁ ଅଭିଯୁକ୍ତ ଗିରଫ ହେଲେ ମାମଲାର ତଦନ୍ତ ଶେଷ ହେବ। ଏତଲାକାରୀ ଯେଉଁମାନଙ୍କ ନାଁ କହୁଛନ୍ତି ସେମାନଙ୍କ ମଧ୍ୟରୁ ୩ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ତଦନ୍ତ ଦ୍ରୁତଗତିରେ କରାଯାଉଛି ବୋଲି ପୋଲିସ୍ କହିଛି ।

## ତୃତୀୟଲିଙ୍ଗୀଙ୍କ...

ଓ ସଶକ୍ତିକରଣ ବିଭାଗ ସଚିବ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ/ପ୍ରମୁଖ ସଚିବ/କମିଶନର ତଥା ସଚିବଙ୍କୁ ଚିଠି ଲେଖିଛନ୍ତି । ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ପକ୍ଷରୁ ସବୁ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଘୋଷଣା...

ସହ ଯୋଗାଯୋଗ କରାଯାଉଛି ଓ ଏକ ସହମତି ଆଣିବା ପାଇଁ ଚେଷ୍ଟା କରାଯାଉଛି । ଉପରାଷ୍ଟ୍ରପତି ନିର୍ବାଚନ ହେଉଛି କ୍ଷମତାସୀନ ମେଣ୍ଟର ତୃତୀୟ ପାଳି ସରକାରର ଶକ୍ତି ଦେଖାଇବା ପାଇଁ ଏକ ସୁଯୋଗ । ବିଜେପି ଏବେ ଟିଡିପି ଓ ଜେଡିୟୁ ପକ୍ଷରୁ କିଛି ବିପଦର ଆଶଙ୍କା କରୁଥିବା ନେଇ ଆଲୋଚନା ହେଉଛି । ପୂର୍ବରୁ ବିଜେଡି ଏ ସମସ୍ତ ନିର୍ବାଚନରେ ଏନ୍‌ଡିଏକୁ ସମର୍ଥନ ଦେଇଆସିଥିଲା । ତେବେ ଓଡ଼ିଶାରେ ବିଜେପି କ୍ଷମତାସୀନ ହେବାପରେ ବିଜେଡିର ଆଭିମୁଖ୍ୟ କ'ଣ ହେବ ତାହା ଏବେ ପ୍ରଶ୍ନବାଚୀ ହୋଇଛି ।

## ସରକାରୀ ଆୟୁର୍ବେଦ ଚିକିତ୍ସାଳୟରେ ସ୍ୱାଧୀନତା ଦିବସ



ଭୁବନେଶ୍ୱର (ସବ୍ୟୁ): ସରକାରୀ ଆୟୁର୍ବେଦ ଚିକିତ୍ସାଳୟରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି । ଏହି ଦିବସ ଅବସରରେ ଚିକିତ୍ସାଳୟର ଉପଅଧିକ୍ଷକ ଡା. ଚିତ୍ତରଞ୍ଜନ ବେହେରା ପତାକା ଉତ୍ତୋଳନ କରିଥିବା ବେଳେ ଡା. ଅରୋବିନ୍ଦୋ ସାହୁ, ଡା. ସ୍ଥିତିସ୍ରୃଜନୀ ମିଶ୍ର. ଡା.ଗାୟତ୍ରୀ, ଡା.ସସ୍ମିତା ଦାସ ଓ ଡା. ପ୍ରିୟଙ୍କା ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

## ଶାଶୂଘରୁ ଝିଅ ନିଖୋଜ ବାପା ଥାନାର ଦ୍ୱାରସ୍ଥ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରାଢୋ ଗ୍ରାମର ସୁଧାକର ରାଉତ ବିବାହିତ ଝିଅକୁ ଉଦ୍ଧାର ପାଇଁ ଥାନାରେ ଗତ ଶୁକ୍ରବାର ଅଭିଯୋଗ କରିଥିବା ଜଣାଯାଇଛି । ଅଭିଯୋଗ ଅନୁଯାୟୀ ସୁଧାକରଙ୍କ ଝିଅ ସୋନାଲିକା(୧୯) ଗତ ଜୁନ ମାସରେ ମାଳଦା ଗ୍ରାମର ଅଭିଷେକ ସାମଲଙ୍କୁ ପ୍ରେମ ବିବାହ କରିଥିଲା । ଅଭିଷେକ ଭୁବନେଶ୍ୱରରେ ରହି କାମ କରୁଥିଲା । ସୋନାଲିକା ଶାଶୁଘରେ ଥିଲା । ଗତ ୧୪ ତାରିଖରେ ଅଭିଷେକ ସୁଧାକରଙ୍କୁ ସୋନାଲିକା ନିଖୋଜ ସମ୍ପର୍କରେ ଫୋନ ଯୋଗ ଜଣାଇଥିଲା । ଶ୍ୱଶୁର ଓ ଶାଶୁ ସୋନାଲିକା ଘରେ ନଥିବା କଥା ସୁଧାକରଙ୍କୁ ଉତ୍ତର ରଖିଥିଲେ । ନିଖୋଜ ଝିଅକୁ ଉଦ୍ଧାର କରିବା ପାଇଁ ସୁଧାକର ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ଥାନାରେ ୧୦୧/୨୫ନଂ ନିଖୋଜ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ଫାଇଲଫଟୋ-ସୋନାଲିକା ।

## ସ୍ୱାଧୀନତାରୁ ସ୍ୱଚ୍ଛତା ପର୍ଯ୍ୟନ୍ତ



ଭୁବନେଶ୍ୱର (ସବ୍ୟୁ) : ନଗର ତରଫରୁ ସତ୍ୟବିହାର,କିଷନ ନଗର, ସପ୍ତଶତୀ ନଗର ଓ ମଞ୍ଚେଶ୍ୱର ଗାଁ ସମସ୍ତ ଅଞ୍ଚଳବାସୀଙ୍କୁ ନେଇ ୭୯ତମ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା ଏଥିରେ ସତ୍ୟବିହାର ସରସ୍ୱତୀ ଶିଶୁ ମନ୍ଦିରର କୁନି କୁନି ପିଲା ମଧ୍ୟ ଭାଗ ନେଇ ଜାତୀୟ ସଙ୍ଗୀତ ଗାନ ସହିତ ସ୍ଲୋଗାନ ଦିଆଯାଇଥିଲା । ଏଥିରେ ସପ୍ତଶତୀ ନଗରର ତଥା ଟେଟ୍ରା ହେଡନ କଲେଜର ନିର୍ଦ୍ଦେଶକ ମାନସ ମିଶ୍ର, ବରିଷ୍ଠ ସାମ୍ବାଦିକସ୍ୱରୂପ ଦାସ ଓ ବରିଷ୍ଠ ନାଗରକ ପ୍ରଶାନ୍ତ କୁମାର ବେହେରା ପତାକା ଉତୋଳନ କରିବା ସହିତ ବରିଷ୍ଠ ସାମ୍ବାଦିକ ସ୍ୱରୂପ ଦାସ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ କହିଲେ ପିଲାମାନେ ହେଲେ ଦେଶର ଭବିଷ୍ୟତ ତଥା ଆମର ଉତ୍ତର ପୁରୁଷ । ସେମାନେ ନିଃସ୍ୱାର୍ଥପର, ଦୁର୍ନୀତିମୁକ୍ତ ଓ ସୁସ୍ଥ ମାନସିକତା ନେଇ ଆଗକୁ ଗଲେ ଆମ ସମାଜ ଆଗକୁ ଯିବ ସମାଜ ଆଗକୁ ଗଲେ ଆମ ରାଜ୍ୟ ଆଗକୁ ଯିବ ଆମ ରାଜ୍ୟ ଆଗକୁ ଗଲେ ଆମ ଦେଶ ଆଗକୁ ଯିବ । ଏହା ସହିତ ସିଏ କହିଥିଲେ ଏଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ ଜଳସେଚନ ବିଭାଗକୁ ଚିଠି ଲେଖି କେନାଲ ସଫେଇ କରାଗଲା ଏହା ସହିତ ୩ଟି ପୋଲ ସୋନ୍ଦର୍ଯ୍ୟକରଣ କରାଯିବାର ଯୋଜନା ରଖାଯାଇଛି ।

ଏଥିସହିତ ପୁରୀ ବାଇପାସ୍ ଛକରେ ବସ ସେଲ୍ଟର ନିକଟରେ ଗୋଟିଏ ଶୌଚାଳୟ କରାଯିବାର ବନ୍ଦୋବସ୍ତ କରାଯାଇଛି । ମଞ୍ଚନାଥ ନଗରର ସମ୍ପାଦକ କହିଲେ ସରକାରୀ ସହାୟତାକୁ ଅପେକ୍ଷା ନକରି ଆମେ ନିଜସ୍ୱ ଉଦ୍ୟମରେ ସମସ୍ତଙ୍କ ସହଯୋଗରେ କେନାଲ ଉପରେ ଗୋଟିଏ ପୋଲ ତିଆରି କରିଛୁ । ଏ ଅଞ୍ଚଳର ବିକାଶ ପାଇଁ ଆମେ ସର୍ବଦା ଚେଷ୍ଟା ଜାରି ରଖିବୁ । ଏଇ ପୋଲଟି ଏକ ସମ୍ପର୍କର ସେତୁ ଭଳି ଆମକୁ ଭାଇଚାରାର ସୃଷ୍ଟିର ପ୍ରତୀୟମାନ । ଆମେ ଏକାଠି ସବୁ ପ୍ରକାର ଉତ୍ସବ ପାଳନକରି ଗୋଟିଏ ଭାଇଚାରାର ପରିଚୟ ସୃଷ୍ଟି କରିପାରିଛନ୍ତି । ଏଠି ଆମେ ହିନ୍ଦୁ ମୁସଲିମ ସବୁ ଏକାଠି ଠିଆହୋଇ ସମ୍ପର୍କର ବାର୍ତ୍ତା ଦେବା ସହିତ ଆଜି ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ସ୍ୱଚ୍ଛ ସାଥୀଙ୍କ ସହିତ ଏଠିକାର ଅଞ୍ଚଳ ବାସୀ କେନାଲ ସଫା ରଖିବା ତଥା ପରିବେଶ ସଫାସୁତୁରା ରଖିବା ପାଇଁ ଗୋଟିଏ ସଚେତନତା ଶୋଭାଯାତ୍ରାର କରାଯାଇଥିଲା । ସ୍ୱବାଧୀନତା ଆଣି ଦେଇଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ ଥିଲା ସ୍ୱଚ୍ଛତା ହିଁ ପବିତ୍ରତା । ସେଇ ଇଛାକୁ ସାକାର କରିବା ପାଇଁ ଏ ଅଞ୍ଚଳବାସୀ ଆଉ ଗୋଟିଏ ପାଦ ଆଗକୁ ବଢି ବରିଷ୍ଠ ସାମ୍ବାଦିକ ସ୍ୱରୂପ ଦାସ ଓ ପ୍ରଦୀପ ଜେନାଙ୍କ ନେତୃତ୍ୱରେ ସ୍ୱଚ୍ଛତା ଶୋଭାଯାତ୍ରା କରିଥିଲେ । ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ବରିଷ୍ଠ ସାମ୍ବାଦିକ ସ୍ୱରୂପ ଦାସ, ପ୍ରଦୀପ ଜେନା ।

## ଶ୍ରୀ ଶ୍ରୀ ଶିରିଡି ସାଇ ଚାରିଟେବୁଲ ଟ୍ରଷ୍ଟ, ବସନ୍ତପୁର ପକ୍ଷରୁ ସ୍ୱାଧୀନତା ଦିବସ



ଭୁବନେଶ୍ୱର (ସବ୍ୟୁ) : ଆଜି ଆନନ୍ଦ ଉଲ୍ଲାସର ସହିତ ୭୯ତମ ସ୍ୱାଧୀନତା ଦିବସ ପାଳନ କରୁଛି । ଏହି ଅବସରରେ ଆଜି ଶ୍ରୀ ଶ୍ରୀ ଶିରିଡି ସାଇ ଚାରିଟେବୁଲ ଟ୍ରଷ୍ଟ, ବସନ୍ତପୁର ପକ୍ଷରୁ ମଧ୍ୟ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ଶ୍ରୀ ଶ୍ରୀ ଶିରିଡି ସାଇ ଚାରିଟେବୁଲ ଟ୍ରଷ୍ଟ ପରିସରରେ ଟ୍ରଷ୍ଟ ର ସମ୍ପାଦକ ସୁନିଲ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସର ତାତ୍ପର୍ଯ୍ୟ ବାବଦରେ ଆଲୋଚନା କରିଥିଲେ । ଏହି ଅବସରରେ ବସନ୍ତପୁର ଗ୍ରାମ ର କୁନି କୁନି ପିଲାମାନଙ୍କ ସହିତ ଟ୍ରଷ୍ଟ ର ଟ୍ରଷ୍ଟି ଡଃ ରୁଦ୍ର ମହାନ୍ତି, ଚଣ୍ଡୀ ପ୍ରସାଦ ମହାନ୍ତି, ସତ୍ୟ ଶେଖର ପରିଡ଼ା, ଅମିତାଭ ସାହୁ, ସ୍ୱରୂପ ମହାନ୍ତି, ସଂଯୁକ୍ତା ବିଶ୍ୱାଳ, ରାଜଦୀପ ମହାନ୍ତି, ରଣଜିତ ମହାନ୍ତି,କମଳ ଲୋଚନ ମହାନ୍ତି ଆଦି ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

**ବିଚାରପତି, ପରିବାର ଅଦାଲତ, କନ୍ଧମାଳ, ଫୁଲବାଣୀ**

ସି.ଆର୍.ପି.-୨୧/୨୦୨୫

ତପସ୍ୱିନୀ ଦେହୁରୀ ................. ପକ୍ଷ

ବନାମ

ସୁଶାନ୍ତ ଭୁକ୍ତା ...................... ଅପରପକ୍ଷ

ଯେହେତୁ ପକ୍ଷ–ଶ୍ରୀମତୀ ତପସ୍ୱିନୀ ଦେହୁରୀଙ୍କ ଅର୍ଜିପତ୍ର ମାମଲା ସଂଖ୍ୟା : ସି.ଆର୍.ପି.–୨୧/୨୦୨୫ ଅନୁଯାୟୀ ଅପରପକ୍ଷ ଶ୍ରୀ ସୁଶାନ୍ତ ଭୁକ୍ତା, ବୟସ : ୩୫ ବର୍ଷ, ପିତା : ଶ୍ରୀ ସୁରମଣି ଭୁକ୍ତା, ଗ୍ରାମ : କୁମାରୀ, ପୋଷ୍ଟ: କୁସଙ୍ଗ, ଥାନା : ହରଭଙ୍ଗା, ଜିଲ୍ଲା : ବୌଦ୍ଧ, ହାଜର ହୋଇ ପକ୍ଷ ରଖିବା ନିମନ୍ତେ ଅଦାଲତ ଦ୍ୱାରା ପ୍ରେରିତ ନୋଟିସ୍ ବାରମ୍ବାର ଫେରସ୍ତ ଆସିବା ହେତୁ ଏହି ପ୍ରକାଶନ ମାଧ୍ୟମରେ ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ପରବର୍ତ୍ତୀ ଧାର୍ଯ୍ୟ ତାରିଖ ୨୦.୦୮.୨୦୨୫ ଦିନ ସକାଳ ୧୦.୩୦ ସମୟରେ ପରିବାର ଅଦାଲତ, ଫୁଲବାଣୀଙ୍କ ନିକଟରେ ହାଜର ହୋଇ ଆପଣଙ୍କ ପକ୍ଷ ରଖିବା ସହ ଉକ୍ତ ଅର୍ଜିପତ୍ରର ଉତ୍ତର ପ୍ରଦାନ କରିବା ହେବେ ଅନ୍ୟଥା ଆଇନ୍ ଅନୁଯାୟୀ ମାନ୍ୟବର ଅଦାଲତ ଏକତରଫା ବିଚାର କରି ପକ୍ଷଙ୍କ ସପକ୍ଷରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ।

ସ୍ୱା/- ବିଚାରପତି ପରିବାର ଅଦାଲତ
କନ୍ଧମାଳ, ଫୁଲବାଣୀ

**ପୌରକାର୍ଯ୍ୟାଳୟ : ଜୟପୁର**
**MUNICIPAL OFFICE : JEYPORE**
Main Road, Jeypore, Dist. Koraput, Odisha
C-886
Phone No. 06854-231098, e-Mail : ulbjeypore@gmail.com

Letter No. 3602/JM Date : 16 August 2025

**SHORT QUOTATION CALL NOTICE**

Sealed quotations are invited from the intending local tailors for stitching of below mentioned liveries and the same will be received by the undersigned on **22/08/2025** up to **3.00 PM** on working days by Regd Post or in person. The Quotations will be opened on 22/08/2025 at 5.00 P.M in this office in presence of the quotationer or their authorized persons. The rate should be quoted for each item including stitching and other charges in Quotation. The stitched dresses should be delivered in Municipal Office, Jeypore by 30/08/2025 completing in all respect. The cloths shall be supplied by this office. Any correction / over writing on the quotation paper without self attestation shall be liable or rejection. The quotationer should submit their quotations in their letter head or plain paper.

The undersigned reserves the right to reject any or all the quotations without assigning any reason thereof.

1) Full Pant (Terry Cotton) each
2) Full Shirt (Terry Cotton) each
3) Half Pant (Terry Cotton) each
4) Half Shirt (Terry Cotton) each

OIPR : 13079/11/0058/2526

Executive Officer,
Jeypore Municipality

**AFFIDAVIT**

I, Santilata Sitha, aged (51), W/o- Dayanidhi Barik & D/o-Rama Sitha, Permanent resident of Village/Town-Makundapur, Po- Harirajpur, Ps-Banki, Dist- Cuttack, Pin-754008, Odisha. Declare by this affidavit no. 94, Dated. 31.07.2025. I have changed my name from Santilata Barik to Santilata Sitha. Henceforth, She shall be known as **Santilata Sitha** for all future Proposes.

OHPC

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
DIST: KALAHANDI-766026, E-mail: sgmel_uihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983,2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com. CIN: U40101OR1995SGC003963

CAD-1463

'e' Procurement Notice

**NOTICE INVITING TENDER NO. UIHEP/26/2025-26 DATED. 14.08.2025**

The Unit Head, UIHEP, Mukhiguda, Dist.-Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of works | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Renovation (Construction of stage) of Executive Ladies Club of UIHEP, Mukhiguda | 4,93,852/- (Excluding GST) | 4,950/- | 'C' & 'D' Class Contractor registered with State Govt./Central Govt./ MES/Railways. | 2,000/- + GST @18%=2,360/- | Three (03) calendar months |

Availability of tender document in the portal: From 19.08.2025 (10:00 Hrs) to 30.08.2025 (up to 13:00 Hrs.) Last date & time of submission of tenders in the portal: 30.08.2025 up to 13:00 Hrs. The date & time of opening of the bid: 30.08.2025 at 11:00 Hrs (Only Technical Bid) The bidders have to participate in ONLINE bidding only. Further details can be seen and tender document can be downloaded from the e-Procurement Portal "https.7/tendersodisha.gov.in".

OIPR : 04008/11/0044/2526

Sd/- Unit Head, UIHEP, Mukhiguda

**OFFICE OF THE NOTIFIED AREA COUNCIL, SURADA, GANJAM**
Main Road, Surada, Ganjam, Odisha, PIN : 761108
Email : officerexecutive14@yahoo.com Phone / FAx : 06819-270129

Letter No: 1180/NAC Date: 16/08/2025

C-897

**TENDER CALL NOTICE**

Sealed quotations are invited from the Authorized Dealers/ Supplier / Agencies having GST Registration Certificate. PAN card. Warranty/ Guarantee Certificate and Electric Licence. The quotationer shall be required to produce the original copy of the required document before the undersigned at the time of opening of Tender for verification.

The quotationer should submit EMD in shape of Cash/ B.D/ D.D /T.D.A. Pledged in favour of Executive Officer. Surada NAC as mentioned detailed below. The tender paper will be available from dt: 18.08.2025. 10.00 A.M. to 26.08.2025. 05.00 P.M. in the office hour except holidays. The quotation shall reach on or before dt: 26.08.2025 at 5.00 P.M. in Tender Box / Speed post/ Registered post and the same will be opened on dt: 29.08.2025 at 10.00 A.M in presence of respective quotationers or their authorized representatives.

The authority reserves all rights to accept, cancel or reject any or all offers without assigning any reason thereof.

| Sl. | Description | Estimated Cost | EMD | Paper Cost |
|---|---|---|---|---|
| 1. | External Electrification work for Smart Park Central Block under Surada NAC | 4,57,651.20/- | 1% of quoted rate | 2000/- |

OIPR : 13132/11/0019/2526

Sd/- Executive Officer
NAC, SURADA

**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, ROURKELA IRRIGATION DIVISION.ROURKELA**
**INVITATION FOR BIDS (IFB)**
Email ID- seridrkl @gmail.com

A-510

**'e'-Procurement Notice No. SE-RID-RKL- 02/2025-26**

The Superintending Engineer, Rourkela Irrigation Division, Rourkela on behalf of Governor of Odisha invites Item Rate bid in single cover system to be received in ONLINE MODE from reputed and experienced manpower service provider for providing personnel on Department of Water Resources, O/o Superintending Engineer, Rourkela Irrigation Division, Rourkela who must possess valid labour lincese for engagement of labour for different works mentioned below. The proof of registration from the appropriate authority shall be enclosed along with the Bid.

| | | | |
|---|---|---|---|
| 1 | No of works | : | 01 no |
| 2 | Estimated Cost | : | Approximately 6.05 lakh |
| 3 | Cost of tender paper | : | Rs. 4000.00 (Non-refundable) |
| 4 | EMD/ Bid Security | : | Rs. 6100.00 (Refundable) |
| 5 | Class of contractor | : | 'Registered firm with valid labour license', EPF and ESI registration certificate |
| 6 | Period of Completion of work | : | During the FY 2025-26 |
| 7 | Date and time of availability of bid Document in the website | : | From 10.30 A.M of Dt. 16.08.2025 to 5.00 P.M. of Dt.25.08.2025 in the website (www.tendersodisha.gov.in) |
| 8 | Date, time and place of opening of online tender | : | Dt.26.08.2025 at 11.00 A.M in O/o the Superintending Engineer, Rourkela Irrigation Division, Rourkela |
| 9 | Date, time and place for finalization of tender through Transparent Lottery System (if required) | : | Dt.26.8.2025 at 3.30 PM onwards in O/o the Superintending Engineer, Rourkela Irrigation Division, Rourkela |
| 10 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 11 | Name and Address of Officer inviting Tender | : | Superintending Engineer, Rourkela Irrigation Division, Rourkela. Dist: Sundargarh, Odisha, PIN-759004 Email ID- seridrkl@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

OIPR : 32018/11/0019/2526

Sd/- Superintending Engineer
Rourkela Irrigation Division, Rourkela

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ସ୍ୱାଧୀନତା ଦିବସରେ ସ୍ୱାବଲମ୍ବୀ ହେବାର ନିଆରା ସଂକଳ୍ପ

## ଯୁବ ଶିଳ୍ପୀଙ୍କୁ ଚିତ୍ରକଳା ସହ ପରିବେଶ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଶିକ୍ଷା



ଭୁବନେଶ୍ୱର, (ସବ୍ୟ): ୭୯ ତମ ସ୍ୱାଧିନତା ଦିବସ ପାଳନ ଅବସରରେ ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନେଇଛନ୍ତି ନିଆରା ସଂକଳ୍ପ।ଏହି ଦିବସ ପାଳନ ଅବସରରେ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଭାରତର ମହାନ ସ୍ୱାଧିନତା ସଂଗ୍ରାମୀମାନଙ୍କୁ ସ୍ମରଣ କରିବା ସହିତ ପ୍ରତ୍ୟେକ ନିଜେ କିପରି ସ୍ୱାବଲମ୍ବୀ ହେବେ ଏବଂ ଅନ୍ୟକୁ ମଧ୍ୟ ସ୍ୱାବଲମ୍ବୀ କରାଇପାରିବେ ସେଥିପାଇଁ ନେଇଥିଲେ ସଂକଳ୍ପ। ପ୍ରତ୍ୟେକ ଶିଳ୍ପୀ ଜଣେ ଜଣେ ସ୍ରଷ୍ଟା ସେମାନେ ସୁନ୍ଦର ସୁନ୍ଦର କଳାକୃତି ତିଆରି ପୂର୍ବକ ନିଜ ଜୀବନ ଜୀବିକା ଗଢ଼ିବା ସହିତ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ଉଦବୋଧନ ଦେଇଥିଲେ। ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ପ୍ର. ଡ. ହୃଷୀକେଶ ମିଶ୍ର ପତାକା ଉତ୍ତୋଳନ କରି କଷ୍ଟଲବ୍ଧ ସ୍ୱାଧିନତାର ମହତ୍ତ୍ୱ ବୁଝି ଦେଶମାତୃକାର ସେବାରେ ଜୀବନ ଉତ୍ସର୍ଗ କରିବାକୁ ପ୍ରବର୍ତ୍ତାଇ ଥିଲେ।ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶାନ୍ତିସ୍ତୁପ ପରିସରରେ ବିଭିନ୍ନ ଫଳ ଓ ଫୁଲ ଗଛ ରୋପଣ,ଡ. ସଞ୍ଜୟ ଜେନାଙ୍କଠାରୁ ଯୋଗାଭ୍ୟାସ ଦ୍ୱାରା କିପରି ନିରୋଗ ରହିବେ ଏବଂ ଆପାତ କାଳୀନ ପରିସ୍ଥିତିରେ କେହି ଅସୁସ୍ଥ ହେଲେ କିପରି ପଦକ୍ଷେପ ନେବେ ତାହା ଡ. ବିନୀତ ଜେନା ଓ ଚନ୍ଦନ କୁମାର ଦାସଙ୍କଠାରୁ ଶିକ୍ଷା ଗ୍ରହଣ କରିଥିଲେ।କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ,ଅଧ୍ୟାପକ ଭୂପତିଭୂଷଣ ପଣ୍ଡା ଓ ଲକ୍ଷ୍ମୀଧର ସ୍ୱାଇଁ ପରିଚାଳନା କରିଥିଲେ।

### ହୋଟେଲ ଦ ନ୍ୟୁ ମାରିୟନ୍‌ରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ ଆରମ୍ଭ

ଭୁବନେଶ୍ୱର, (ସବ୍ୟ) : ଓଡିଶା କଳା ଓ ହସ୍ତଶିଳ୍ପ ସମିତିର ସମଗ୍ର ଭାରତର କାରିଗରମାନେ 'ସିଲ୍କ ଇଣ୍ଡିଆ- ୱେଡିଙ୍ଗ୍ କଲେକ୍ସନ୍' ଥିମ୍ ସହିତ ପାର୍ବଣ ଋତୁର ଚାହିଦାକୁ ପୂରଣ କରିବା ପାଇଁ ନିଜର ଏଥ୍‌ନିକ୍ ୱେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡିକୁ ପ୍ରଦର୍ଶିତ କରିବା ପାଇଁ ଭୁବନେଶ୍ୱର ଆସିଛନ୍ତି। ଏହି ପ୍ରଦର୍ଶନୀ ତଥା ସେଲ୍ ଭୁବନେଶ୍ୱର ଜନପଥସ୍ଥିତ ହୋଟେଲ ଦ ନ୍ୟୁ ମାରିୟନଠାରେ ୧୪ – ୨୫ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ସକାଳ ୧୦ଟା ୩୦ରୁ ରାତି ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିବ। ଏହି ପ୍ରଦର୍ଶନୀ ଓଡ଼ିଆ ଅଭିନେତ୍ରୀ ପୁନମ୍ ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି।

## ନାଲକୋରେ ସ୍ୱାଧୀନତା ଦିବସ ପାଳିତ




ଭୁବନେଶ୍ୱର, (ସବ୍ୟ): ଭାରତ ସରକାରଙ୍କ ଖଣିମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ର ଭୁବନେଶ୍ୱରସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟ ଏବଂ ଦେଶର ସମସ୍ତ ୟୁନିଟ୍ ତଥା କ୍ଷେତ୍ରୀୟ କାର୍ଯ୍ୟାଳୟ ଗୁଡ଼ିକରେ ହର୍ଷୋଲ୍ଲାସ ଏବଂ ଦେଶ ପ୍ରେମର ଭାବନା ସହିତ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କର୍ପୋରେଟ୍ କାର୍ଯ୍ୟାଳୟରେ ,ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ,ଜାତୀୟ ପତାକା ଉତ୍ତୋଳନ କରିଥିଲେ ଓ ଏହା ସହିତ ଉପସ୍ଥିତ କର୍ମଚାରୀ ଏବଂ ଅତିଥିଙ୍କ ଦ୍ୱାରା ସମୂହ ଜାତୀୟ ସଙ୍ଗୀତଗାନ କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରିବା ଅବସରରେ ସିଏମଡି ଶ୍ରୀ ସିଂହ ନାଲକୋ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଦେଶପ୍ରତି ସେମାନଙ୍କର ସମର୍ପଣକୁ ସୁଦୃଢ଼ କରିବା ସହ, ନିଜ ନିଜ କାର୍ଯ୍ୟାକ୍ଷେତ୍ରରେ ପରିବର୍ତ୍ତନ ଏବଂ ଉତ୍କର୍ଷତାର ପରବର୍ତ୍ତୀ ସ୍ତରରେ ପହଞ୍ଚିବାକୁ ସେ ଆହ୍ୱାନ ଦେଇଥିଲେ। ନାଲକୋ ସିଏସଆର କାର୍ଯ୍ୟକ୍ରମ ଦ୍ୱାରା ଆଦିବାସୀ ପିଲାମାନଙ୍କ ନିମନ୍ତେ ପରିଚାଳିତ ଆବାସିକ ଶିକ୍ଷା କାର୍ଯ୍ୟକ୍ରମ 'ଇନ୍ଦ୍ରଧନୁଷ'ର ଛାତ୍ରଛାତ୍ରୀ ମାନେ ଏହି ଅବସରରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। କିସ ବିଦ୍ୟାଳୟରୁ ଆସିଥିବା ଏହି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଚିତ୍ତାକର୍ଷକ ଦେଶାତ୍ମବୋଧକ ଏବଂ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ସ୍ୱାଧୀନତା ଦିବସ



ଭୁବନେଶ୍ୱର (ସବ୍ୟ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଦେଶ ପ୍ରେମର ଗର୍ବ, ଗୋ÷ରବ ଏବଂ ଉତ୍ସାହର ସହିତ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।ଏହିଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର ବ୍ୟାଙ୍କର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରିଥିଲେ। ଶ୍ରୀ କୁମାର ଏହି ଦିବସର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରି ଦେଶର ସ୍ୱାଧିନତା ପାଇଁ ଲଢେଇ କରିଥିବା ଲକ୍ଷ ଲକ୍ଷ ସ୍ୱାଧିନତା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣ କରିଥିଲେ। ଏଥି ସହିତ ସେ ସମସ୍ତ କର୍ମଚାରୀଙ୍କୁ ଦେଶର ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ କରିବାକୁ ଆହ୍ୱାନ କରିଥିଲେ। ପରିଶେଷରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

### ପୁରସ୍କାର-ବିଜେତା ସ୍ପିରିଟ ବର୍ଗମାଳାକୁ ଓଡ଼ିଶାକୁ ସମ୍ପ୍ରସାରିତ କଲା ବ୍ଲିସ୍‌ୱାଟର ଇଣ୍ଡଷ୍ଟ୍ରିଜ

ଭୁବନେଶ୍ୱର, (ସବ୍ୟ): ଓଡ଼ିଶାର ପାନୀୟ ଜଗତରେ ନୂଆ ଏବଂ ଆକର୍ଷଣୀୟ କିଛି ଘଟୁଛି। ଓଡ଼ିଶାରେ ଏବେ ଭାରତର ଦୁଇଟି ସର୍ବାଧିକ ଚର୍ଚ୍ଚିତ କ୍ରାଫ୍ଟ ସ୍ପିରିଟ ପ୍ରବେଶ କରିଛି: ଏକ ହ୍ୱିସ୍କି ଯେଉଁଥିରେ ପ୍ରାଚୀନ ଉଦ୍ଭିଦଗତ ଗୋପନୀୟତାର ବୈଶ୍ୱିକ କାରିଗରୀର ସମ୍ମିଶ୍ରଣ ଘଟିଛି ଏବଂ ଏକ ଭୋଡକା ଯାହା କେବଳ ଢଳାଯାଏ ନାହିଁ, ଏହା କଥା କହେ। ଓଡ଼ିଶାରେ ତାହାର ପ୍ରଥମ ପ୍ରବେଶରେ ଏକ ଲହର ସୃଷ୍ଟି କରିଛି ଆନ୍ତର୍ଜାତିକ ପୁରସ୍କାର ପ୍ରାପ୍ତ ଯାକ୍‌ଶା ହ୍ୱିସ୍କି, ଯାହା ଏକ ସମୃଦ୍ଧ ଏବଂ ଭାରତୀୟ ପୁରାଣ ଓ ସୋମ ଉଦ୍ଭିଦଗତ ବିଷୟ ଦ୍ୱାରା ପ୍ରେରଣାରେ ସମ୍ମିଶ୍ରିତ ହୋଇଛି ଏବଂ ତାହାସହିତ ରହିଛି ସଲ୍‌ଟି ନର୍ଡ ଭୋଡକା; ଏହା ଏକ ମଜାଦାର, ସହଜରେ ଢୋକ ପରେ ଢୋକ ନେଇ ହେଉଥିବା ଭୋଡକା ଯାହା ଦମ୍‌ଦାର, ଅଭିବ୍ୟକ୍ତିକାରୀ ପିଢି ନିମନ୍ତେ ଡିଜାଇନ କରାଯାଇଛି। ଏହା ଗୋଆସ୍ଥିତ ବ୍ଲିସୱାଟର ଇଣ୍ଡଷ୍ଟ୍ରିଜ ଦ୍ୱାରା ପ୍ରସ୍ତୁତ କରାଯାଇଛି ଏବଂ ଉଭୟ ସ୍ପିରିଟ ଟେବଲ୍‌କୁ କିଛି ଅନନ୍ୟ ଆଣୁଛି। ଯାକ୍‌ଶା ହ୍ୱିସ୍କିରେ ହାଇଲାଣ୍ଡ ସ୍କଟିଶ୍ ମଲ୍‌ଟଲୁ ଭାରତୀୟ ଫାଇନ୍ ଶସ୍ୟ ସ୍ପିରିଟ ସହିତ ସମ୍ମିଶ୍ରିତ କରାଯାଇଛି, ଯେଉଁଥିରେ ପୌରାଣିକ ପାନୀୟ ସୋମ ଦ୍ୱାରା ଅନୁପ୍ରେରିତ ଉଦ୍ଭିଦଗତ ସ୍ପର୍ଶ ରହିଛି। ସାବଲୀଳ, ସୁଗନ୍ଧଯୁକ୍ତ ହ୍ୱିସ୍କିରେ ରହିଛି ସାମାନ୍ୟ ଦୁଷ୍ଟାମି ଏବଂ ସ୍ମୋକି ଫିନିଶ୍‌ର ସ୍ପର୍ଶ।

## ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ସ୍ୱାଧୀନତା ଦିବସ

ଭୁବନେଶ୍ୱର, (ସବ୍ୟ) : ଆର୍ସେଲରମିଇର ନିପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଓଡ଼ିଶାରେ ଏହାର ବିଭିନ୍ନ କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ୭୯ତମ ସ୍ୱାଧୀନତା ଦିବସ ଗର୍ବ ଏବଂ ଇଗାଜର ସହିତ ପାଳିତ ହୋଇଯାଇଛି। ପାରାଦୀପ ପେଲେଟ୍ ପ୍ଲାଣ୍ଟରେ, ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ଆସେଟ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜୀ, କର୍ମଚାରୀ ଏବଂ ନିକଟବର୍ତ୍ତୀ ଗ୍ରାମରୁ ଆସିଥିବା ରୋଗୀ ସଦସ୍ୟଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଗୋଷ୍ଠୀ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ଥାନୀୟ ଗ୍ରାମର ବାଳିକା ଏବଂ ସୁରକ୍ଷା କର୍ମଚାରୀ ଆମ ଦେଶର ଏକତା ଏବଂ ଅଖଣ୍ଡତାର ପ୍ରତିଫଳନ ସ୍ୱରୂପ ଦେଶାତ୍ମବୋଧକ ଗୀତରେ ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ସେମାନଙ୍କର ପ୍ରତିଭାର ପ୍ରଦର୍ଶନ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ସୁରକ୍ଷା କର୍ମଚାରୀ ଏବଂ ଅନ୍ୟ ସହଯୋଗୀ କର୍ମଚାତାମାନଙ୍କୁ ସେମାନଙ୍କ ସମର୍ପଣ ଏବଂ ସେବା ମନୋଭାବ ପାଇଁ ସମ୍ମାନିତ କରାଯାଇଥିଲା । ସୁରେଶା ଜୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, "ସ୍ୱାଧୀନତା ଦିବସ ଆମର ଲାଗିହାସ ଏବଂ ଭବିଷ୍ୟତ ଗଠନରେ ଆମର ଦାୟିତ୍ୱ ଉପରେ ଚିନ୍ତନ କରିବାର ଏକ ପ୍ରକୃଷ୍ଟ ସମୟ । ପରବର୍ତ୍ତୀ ପିଢ଼ି ଏକ ଉତ୍କୃକ ଭବିଷ୍ୟତ ଗଠନ ଆଡକୁ



ଅଗ୍ରସର ହେଉଥିବାବେଳେ ଆମେ ତାଙ୍କ ସହ ଠିଆ ହୋଇ ଗର୍ବ ଅନୁଭବ କରୁଛୁ। ଶିକ୍ଷା ଏବଂ ଗ୍ରାଜ୍ୟସେବା କ୍ଷେତ୍ରରେ ଆମର ପଦକ୍ଷେପଗୁଡ଼ିକ ରାଷ୍ଟ୍ର ନିର୍ମାଣ ପ୍ରତି ଆମର ନିରକ୍ଷର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ଓପିଜିସିରେ ୭ ୯ ତମ ସ୍ୱାଧୀନତା ଦିବସ



ଭୁବନେଶ୍ୱର (ସବ୍ୟ): ୭୯ତମ ସ୍ୱାଧୀନତା ଦିବସ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନର ଫରଚ୍ୟୁନ୍ ଟାୱାର ଭୁବନେଶ୍ୱର ଠାରେ ଥିବା କର୍ପୋରେଟ ଅଫିସ ଠାରେ ପାଳନ କରାଯାଇଥିଲା । ଏହି ଅବସରରେ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ କେଦାର ଇଞ୍ଜନ ପାଣ୍ଡୁ, ନିର୍ଦ୍ଦେଶକ (ଅର୍ଥ) ଗଗନ ବିହାରୀ ସ୍ୱାଇଁ ଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶ୍ରୀ ପାଣ୍ଡୁ ଉଦବୋଧନରେ କର୍ମଚାରୀମାନଙ୍କୁ ଶକ୍ତି କ୍ଷେତ୍ର ରେ ବିକଶିତ ଭାରତ ଅଭିଯାନ ରେ କରୁଥିବା ନିରନ୍ତର ପ୍ରୟାସ, ଏବଂ ବହୁମୁଖୀ ବିକାଶ ଓ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। "ହର ଘର ତ୍ରିରଙ୍ଗା" ଅଭିଯାନ ରେ ବ୍ୟକ୍ତିଗତ ଓ ଗୋଷ୍ଠି ସହଭାଗିତା ଦିଗ ରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଶ୍ରୀ ପାଣ୍ଡୁ ନିଜର ଅଭିଭାଷଣର ଶେଷରେ କର୍ମଚାରୀ ମାନଙ୍କୁ ଭବିଷ୍ୟତର ବାଧା ବିଘ୍ନ କୁ ମୁକାବିଲା କରି ଓପିଜିସି କୁ ଶକ୍ତି ଉତ୍ପାଦନ କ୍ଷେତ୍ର ରେ ଶ୍ରେଷ୍ଠ କର୍ପୋରେସନ କରିବା ଦିଗ ରେ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଥିଲେ ।

### ପୁରାତନ ଛାତ୍ର ଅନୁଷ୍ଠାନ ପକ୍ଷରୁ

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟ): ଜାତୀୟ ଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ (ଏନସିଇଆରଟି) ସର୍ବ ଭାରତୀୟ ସ୍ତରରେ ପରିଚାଳିତ ୪ ଟି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରୁ ଅନ୍ୟତମ ଭୁନେଶ୍ୱରସ୍ଥିତ ଶିକ୍ଷା ପ୍ରତଷ୍ଠାନ ରେ ପ୍ରାକ୍ତନ ଅନୁଷ୍ଠାନ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବୃକ୍ଷରୋପଣ ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀଙ୍କ ଦ୍ୱାରା ଉଦଘାଟିତ ହୋଇ ଯାଇଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନ ପକ୍ଷରୁ ପ୍ରଦୀପ୍ତ କୁମାର ବେହେରା,ଅଶୋକ କୁମାର ବଳିଆର ସିଂହ ଓ ପ୍ରିୟ ସହାୟତା କରିଥିଲେ। ପୁରାତନ ଛାତ୍ର ଅନୁଷ୍ଠାନ ତରଫ ରୁ ଦୁର୍ଯ୍ୟୋଧନ ପରିଡ଼ା, ପୂର୍ବତନ ସଭପତି, ଚକ୍ରଧର ଦାଶ,ବିଭୂତି ଭୂଷଣ ମିଶ୍ର,ରାମ ଚନ୍ଦ୍ର ମିଶ୍ର, କାର୍ଯ୍ୟକାରୀ କମିଟିର ସଦସ୍ୟ ଓ ପ୍ରଶାନ୍ତ କୁମାର ଜେନା ସକ୍ରିୟ ଯୋଗଦାନ କରିଥିଲେ।




ଜ୍ୟୋତ୍ସ୍ନା ରାଣୀ ଦାଶ,ସହ ସଂପାଦିକା, ବିଜୟ କୁମାର ରାଉତ , କୋଷାଧକ୍ଷ ,ସହଦେବ ମଲ୍ଲିକ, ପୂର୍ବତନ ସମ୍ପାଦକ, ଡ଼.ହାଡ଼ି ବନ୍ଧୁ ପଟ୍ଟନାୟକ, ସଭାପତି ବୃକ୍ଷରୋପଣ ର ସମସ୍ତ ଆୟୋଜନ ରେ ସହାୟତା କରିଥିଲେ। ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଅନୁଷ୍ଠାନ ର ପ୍ରଯ୍ୟାବରନ୍ ସୁରକ୍ଷା ନିମନ୍ତେ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ପାଦକ, ରମେଶ ଚନ୍ଦ୍ର ପାତାଳ ସିଂହ ,ପ୍ରତିଷ୍ଠାନ ର ଶିକ୍ଷକ ଓ କର୍ମଚାରୀ ଓ ପୂରାତନ ଛାତ୍ର ଅନୁଷ୍ଠାନ ର ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବାରବାଟୀ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟରେ ଜନ୍ମାଷ୍ଟମୀ ପାଳନ

କଟକ,(ସବ୍ୟ):ବାରବାଟି ଷ୍ଟାଡିୟମ ସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ଆନୁକୁଲ୍ୟରେ ୭୯ତମ ସ୍ୱାଧୀନତା ଦିବସ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିର୍ଲା ଆଇନ ବିଦ୍ୟାଳୟ ର ଡିନ ପ୍ରଫେସର ସୁକାନ୍ତ ନନ୍ଦ ଯୋଗଦାନ କରିଥିଲେ । ସମ୍ମାନୀତ ଅତିଥି ଥିଲେ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ସମୂହର ପରିଚାଳନା ନିର୍ଦ୍ଦେଶକ ଡ଼କ୍ଟର ଜି, ଏସ୍. ପଟ୍ଟନାୟକ । ବିଦ୍ୟାଳୟର ଏନସିସି ଓ ସ୍କାଉଟ ଗାଇଡର ପିଲାମାନେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ।ପରେପରେ ଅତିଥି ଦ୍ୱୟ ଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଅତିଥି ମାନେ ସ୍ୱାଧୀନତା ସଂଗ୍ରାମୀ ଙ୍କ ଫୋଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।ଆୟୋଜକ ବିଦ୍ୟାଳୟ ର ଅଧ୍ୟକ୍ଷ ତାଙ୍କ ଅଭିଭାଷଣ ରେ ବିଦ୍ୟାଳୟ ର ବିଶେଷତା ସୂଚାଇ ଆଜିର ସ୍ୱାଧୀନତା ଦିବସରେ ଆମର କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ । ସ୍ୱାଗତ ସଙ୍ଗୀତ ପରେ ।ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଅଭିଭାଷଣ ପରେ ପରେ ଦିଦ୍ୟାଳୟ ପରିସରରେ ଜନ୍ମାଷ୍ଟମୀ ପୂଜା ଆୟୋଜିତ ହୋଇଥିଲା । ଚଳିତ ଅଗଷ୍ଟ ମାସ ୬, ୭, ୮ ତାରିଖରେ ସି ବି ଏସ ସି ଦିଲ୍ଲୀ ଦ୍ୱାରା ବିହାର ଓଡ଼ିଶା ଓ ଛତିଶ ଗଡର ସିବିଏସଇ ବିଦ୍ୟାଳୟ ଗୁଡ଼ିକୁ ନେଇ ଲଗାତାର ତୃତୀୟ ଥର ପାଇଁ ପାଇଁ ବାସ୍କେଟ ବଲ କ୍ଲଷ୍ଟର ଟୁର ଆୟୋଜନ କରା ଯାଇ ଥିଲା ।ଏଥିରେ ବିଦ୍ୟାଳୟ ର ଛାତ୍ର ମାନେ ୧୯ ବର୍ଷ ରୁ କମବର୍ଗ ରେ ରନର୍ସ ଅଫ ହୋଇଥିଲେ । ଏହି ଅବସରରେ ସେମାନଙ୍କୁ ସମ୍ମାନୀତ କରାଯାଇଥିଲା । ପରେ ପରେ ଛାତ୍ର ଛାତ୍ରୀ ଙ୍କ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବେଦାନ୍ତ ଝାରସୁଗୁଡାରେ ସ୍ୱାଧୀନତା ଦିବସ ପାଳନ

## ସ୍ୱାସ୍ଥ୍ୟ ସଚେତନତା, ଆତ୍ମରକ୍ଷା ଏବଂ ମାରାଥନ୍ ଉପରେ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ଝାରସୁଗୁଡା କାର୍ଯ୍ୟରେ ଦେଶର ୭୯ତମ ସ୍ୱାଧୀନତା ଦିବସକୁ ଗର୍ବର ସହିତ ପାଳନ କରିଥିଲା। ଏହି ଉତ୍ସବର ପୂର୍ବ ସପ୍ତାହରେ କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା ଗଠନ ଏବଂ ଏକତାର ଭାବନାକୁ ବୃଦ୍ଧି କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା।

ସ୍ୱାଧୀନତା ଦିବସର ଏକ ଅଂଶ ଭାବରେ, କମ୍ପାନୀ ସ୍ୱାଧୀନତା ଏବଂ ଜାତୀୟତା ଉପରେ ଆଧାରିତ ଅନେକ ବହୁଳ ଭାବରେ ଯୋଗଦାନ କରିଥିବା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏଥିରେ ମହିଳାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ପାଇଁ ଆତ୍ମରକ୍ଷା ତାଲିମ



ଅଧିବେଶନ, ଉନ୍ନତ ସ୍ୱାସ୍ଥ୍ୟ ଅଭ୍ୟାସ ଉପରେ ସଚେତନତା କର୍ମଶାଳା ଏବଂ ଏକ ସବୁଜ ଭବିଷ୍ୟତ ପାଇଁ ଯୋଗଦାନ ଦେବା ପାଇଁ ଏକ ଚାରା ରୋପଣ ଅଭିଯାନ ଅନ୍ତର୍ଭୁକ୍ତ ଥିଲା। ଜିଲ୍ଲା ପ୍ରଶାସନର ବରିଷ୍ଠ ସଦସ୍ୟ କୁନାଲ ମୋତିରାମ ଚଭନ, କଲେକ୍ଟର ତଥା ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ପରମାର ସ୍ମିତ୍ ପୁରୁଷୋତମଦାସଙ୍କ ଉପସ୍ଥିତିରେ ଝାରସୁଗୁଡା ସହର ମଧ୍ୟରେ ବେଦାନ୍ତ କର୍ମଚାରୀ ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କ ଦ୍ୱାରା ଏକ ପତାକା ତଥା ବାଇକ୍ ରାଲି ମଧ୍ୟ କରାଯାଇଥିଲା।

ବେଦାନ୍ତ ଝାରସୁଗୁଡାରେ ମଧ୍ୟ ପତାକା ଉତୋଳନ ସମାରୋହ, ପ୍ଲାଣ୍ଟ ସୁରକ୍ଷା ଦଳ ଦ୍ୱାରା ମାର୍ଚ୍ଚ ପାଷ୍ଟ ପରେଡ୍, ଦେଶାତ୍ମବୋଧକ ନୃତ୍ୟ ପ୍ରଦର୍ଶନ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସ୍ୱାଧୀନତା ଦିବସକୁ ଉଜ୍ଜ୍ୱଳ ଉତ୍ସବ ସହିତ ପାଳନ କରାଯାଇଥିଲା। ଏହି ଅବସରରେ, ପ୍ଲାଂଟ ସୁରକ୍ଷା ଏବଂ ସୁରକ୍ଷା ଦଳର ଅନେକ ସଦସ୍ୟଙ୍କୁ ଉତ୍କୃଷ୍ଟ ସେବା ଏବଂ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାରେ ଉତ୍କର୍ଷତା ପ୍ରଦର୍ଶନ ପାଇଁ ମଧ୍ୟ ସମ୍ମାନିତ କରାଯାଇଥିଲା।

ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା ତାଙ୍କ ମତାମତ ଦେଇ କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ ସ୍ୱାଧୀନତା ଦିବସ କେବଳ ଆମ ଦେଶର ସ୍ୱାଧୀନତାର ସ୍ମୃତି ନୁହେଁ - ଏହା ରାଷ୍ଟ୍ର ନିର୍ମାଣ ପ୍ରତି ଆମର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିବାର ଏକ ଅବସର ଅଟେ। ବେଦାନ୍ତ ଝାରସୁଗୁଡା ଦେଶର ଶିଳ୍ପ ଉତ୍କର୍ଷତାର ପ୍ରତୀକ ଭାବରେ ଠିଆ ହୋଇଛି। ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲ୍ଟରମାନଙ୍କ ମଧ୍ୟରୁ ଗୋଟିଏ ଭାବରେ, ଆମର କାର୍ଯ୍ୟ କେବଳ ମୁଖ୍ୟ କ୍ଷେତ୍ରକୁ ଇନ୍ଧନ ପ୍ରଦାନ କରେ ନାହିଁ ବରଂ ସ୍ଥାୟୀ ବିକାଶ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ମାଧ୍ୟମରେ ସମ୍ପ୍ରଦାୟ ଗୁଡ଼ିକୁ ସଶକ୍ତ କରେ, ଏକ ଆତ୍ମନିର୍ଭରଶୀଳ, ପ୍ରଗତିଶୀଳ ରାଷ୍ଟ୍ର ଗଠନ କରେ।"

### ଅପରେସନ ସିନ୍ଦୂର: ଯୁଦ୍ଧ ପୀଡ଼ିତ ଓ ପରିବାର କଲ୍ୟାଣ ପାଇଁ

## ଜିନ୍ଦଲ ଷ୍ଟିଲ୍ କର୍ମଚାରୀଙ୍କ ପକ୍ଷରୁ ୨କୋଟି ସହାୟତା

ଭୁବନେଶ୍ୱର (ସବ୍ୟ): ସ୍ୱାଧୀନତାର ୭୯ତମ ବର୍ଷ ପୂର୍ତ୍ତିର ପୂର୍ବ ସନ୍ଧ୍ୟାରେ ଜିନ୍ଦଲ ଷ୍ଟିଲ କର୍ମଚାରୀ ମାନେ ଦେଶଭକ୍ତିର ନିଦର୍ଶନ ସ୍ୱରୁପ ଅପରେସନ ସିନ୍ଦୁରର ସଫଳତା ଉପଲକ୍ଷେ ପ୍ରଭାବିତ ସୈନିକ ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ୨କୋଟି ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ପହଲଗାମରେ ନିରୀହ ପର୍ଯ୍ୟଟଙ୍କୁ ହତ୍ୟା ପରେ ଭାରତୀୟ ସେନାର ବୀର ସୈନିକମାନେ ମେ ମାସରେ ଅପରେସନ ସିନ୍ଦୁର ଆରମ୍ଭ କରିଥିଲେ। ପାକିସ୍ତାନ ସୀମାରେ ପଶି ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସ କରି ଦେଶର ସମ୍ମାନ ବଢ଼ାଇଥିଲେ। ଦେଶ ପ୍ରତି ଭାରତୀୟ ସେନାର ଏହି ସର୍ବୋଚ୍ଚ ଯୋଗଦାନ ପାଇଁ ଜିନ୍ଦଲ ଷ୍ଟିଲର କର୍ମଚାରୀମାନେ ସ୍ୱେଚ୍ଛାରେ ପ୍ରଭାବିତ ସୈନିକ ଓ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ଗୋଟିଏ ଦିନର ଦରମା ପାଖାପାଖି ୨କୋଟି ଟଙ୍କା ପ୍ରଦାନ କରିଛନ୍ତି। କୁରୁକ୍ଷେତ୍ରର ସାଂସଦ ଓ ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ ଆଜି ନୂଆଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଭେଟି କର୍ମଚାରୀଙ୍କ ଏହି ଅନୁଦାନ ରାଶି ୨କୋଟି ଟଙ୍କାର ଚେକ୍ ଆନୁଷ୍ଠାନିକ ଭାବେ ପ୍ରଦାନ କରିଛନ୍ତି। ଶ୍ରୀ ଜିନ୍ଦଲ କହିଛନ୍ତି, " ଆମ ସୈନିକ ଆମ ଦେଶର ପ୍ରକୃତ ରକ୍ଷକ। ସେମାନଙ୍କ ସାହସ, ତ୍ୟାଗ ଓ ଭାରତର ସୁରକ୍ଷା ପ୍ରତି ସେମାନଙ୍କ ଅତୁଟ ପ୍ରତିବଦ୍ଧତା ଆମ ସମସ୍ତଙ୍କୁ ପ୍ରେରଣା ଦେଉଛି। ଜିନ୍ଦଲ ଷ୍ଟିଲ ପରିବାରର ଏହି ଯୋଗଦାନ ସେମାନଙ୍କ ସେବା ମନୋଭାବକୁ ସମ୍ମାନ ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କ ସାଥୀରେ ଠିଆ ହେବାର ବିନମ୍ର ପ୍ରୟାସ।" ଅନେକ ରାଷ୍ଟ୍ରୀୟ ସଂକଟ ସମୟରେ ଜିନ୍ଦଲ ଷ୍ଟିଲ ସର୍ବଦା ଦେଶ ସହ ଠିଆ ହୋଇଛି ।



# ୨୦୪୭ ସୁଦ୍ଧା ପରମାଣୁ ଶକ୍ତି କ୍ଷମତା ବଢ଼ିବ ୧୦ ଗୁଣ : ମୋଦି



- ଜିଏସ୍‌ଟି ସଂସ୍କାର, ଦୀପାବଳି ଉପହାର
- ଭାରତ ପାଇଁ ସଂସ୍କାର ଟାସ୍କଫୋର୍ସ
- ବିକଶିତ ଭାରତ ରୋଜଗାର ଯୋଜନା ପାଇଁ ୧ଲକ୍ଷ କୋଟି
- ଶକ୍ତି ସ୍ୱାଧୀନତା ସମୁଦ୍ର ମନ୍ଥନ ଆରମ୍ଭ
- ଭାରତରେ ନିର୍ମିତ ଜେଟ୍ ଇଞ୍ଜିନ ଏକ ଜାତୀୟ ଆହ୍ୱାନ

ନୂଆଦିଲ୍ଲୀ : ସାରା ଦେଶ ଆଜି ପାଳନ କରିଛି ୭୯ତମ ସ୍ୱାଧୀନତା ଦିବସ । ଏହି ଅବସରରେ ଦିଲ୍ଲୀର ଲାଲକିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଜାତୀୟ ପତାକା ଉତ୍ତୋଳନ କରିବା ପରେ ପ୍ରଧାନମନ୍ତ୍ରୀ ୧୦୩ ମିନିଟ୍ ଧରି ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ, ଯାହା ଦେଶର ସ୍ୱାଧୀନତା ଦିବସ ଇତିହାସର ସବୁଠୁ ଲମ୍ବା ଅଭିଭାଷଣ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସକାଳ ୭ଟା ୩୩ ମିନିଟ୍ରେ ତାଙ୍କ ଅଭିଭାଷଣ ଆରମ୍ଭ କରିଥିଲେ । ୯ଟା ୧୬ ମିନିଟ୍‌ରେ ସେ ଅଭିଭାଷଣ ବନ୍ଦ କରିଥିଲେ । ଏହା ସହିତ ସେ ତାଙ୍କର ପୂର୍ବ ରେକର୍ଡକୁ ଭାଙ୍ଗି ଦେଇଛନ୍ତି । ୨୦୨୪ ସ୍ୱାଧୀନତା ଦିବସରେ ସେ ୯୮ ମିନିଟ୍ ଧରି ଭାଷଣ ଦେଇଥିଲେ ।

ପୂର୍ବର ପ୍ରଧାନମନ୍ତ୍ରୀମାନଙ୍କ ଅପେକ୍ଷା ମୋଦିଙ୍କର ସ୍ୱାଧୀନତା ଦିବସ ଅଭିଭାଷଣ ଅପେକ୍ଷାକୃତ ଲମ୍ବା ରହିଆସିଛି । ୨୦୨୩ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୯୦ ମିନିଟ୍ ଧରି ଦେଶକୁ ସମ୍ବୋଧିତ କରିଥିଲେ । ୨୦୧୬ ସ୍ୱାଧୀନତା ଦିବସରେ ତାଙ୍କ ଅଭିଭାଷଣର ଅବଧି ୯୬ ମିନିଟ୍ ରହିଥିବା ବେଳେ ୨୦୧୯ ସ୍ୱାଧୀନତା ଦିବସରେ ସେ ୯୨ ମିନିଟ୍ ଧରି ଭାଷଣ ଦେଇଥିଲେ ।

ସ୍ୱାଧୀନତା ଦିବସରେ ସବୁଠୁ ଲମ୍ବା ସମୟ ଧରି ଭାଷଣ ଦେବାର ରେକର୍ଡ ଥିଲା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ନାଁରେ । ୧୯୪୭ ମସିହାରେ ସେ ୭୨ ମିନିଟ୍ ଧରି ଭାଷଣ ଦେଇଥିଲେ । ତାଙ୍କ ପଛକୁ ରହିଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଆଇକେ ଗୁଜରାଲ । ୧୯୯୭ ମସିହା ସ୍ୱାଧୀନତା ଦିବସରେ ସେ ୭୧ ମିନିଟ୍ ଧରି ଦେଶକୁ ସମ୍ବୋଧିତ କରିଥିଲେ । ତେବେ ୨୦୧୫ ମସିହାରେ ଏହି ଦୁଇ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ରେକର୍ଡ ଭାଙ୍ଗିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେହି ବର୍ଷ ସ୍ୱାଧୀନତା ଦିବସରେ ସେ ୮୫ ମିନିଟ୍ ଧରି ଭାଷଣ ଦେଇଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ପ୍ରଥମ ସ୍ୱାଧୀନତା ଦିବସ ଅଭିଭାଷଣ ଦେଇଥିଲେ ୨୦୧୪ ମସିହାରେ । ସେଥର ସେ ୬୫ ମିନିଟ୍ ପାଇଁ ଭାଷଣ ଦେଇଥିଲେ । ୨୦୧୭ ସ୍ୱାଧୀନତା ଦିବସରେ ସେ ୫୬ ମିନିଟ୍ ଧରି ଦେଶକୁ ସମ୍ବୋଧିତ କରିଥିଲେ, ଯାହା ତାଙ୍କର ସବୁଠୁ ଛୋଟ ସ୍ୱାଧୀନତା ଦିବସ ଅଭିଭାଷଣ ।

ସ୍ୱାଧୀନତା ଦିବସରେ ସବୁଠୁ କମ୍ ସମୟ ପାଇଁ ଭାଷଣ ଦେବାର ରେକର୍ଡ ରହିଛି ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଓ ଇନ୍ଦିରା ଗାନ୍ଧୀଙ୍କ ନାଁରେ । ୧୯୫୪ ମସିହା ସ୍ୱାଧୀନତା ଦିବସରେ ଜବାହରଲାଲ ନେହରୁ ମାତ୍ର ୧୪ ମିନିଟ୍ ପାଇଁ ଭାଷଣ ଦେଇଥିଲେ । ସେହିପରି ୧୯୬୬ ମସିହା ସ୍ୱାଧୀନତା ଦିବସରେ ଇନ୍ଦିରା ଗାନ୍ଧୀ ମଧ୍ୟ ୧୪ ମିନିଟ୍ ପାଇଁ ଦେଶକୁ ସମ୍ବୋଧିତ କରିଥିଲେ । ୨୦୧୨ ଓ ୨୦୧୩ ମସିହା ସ୍ୱାଧୀନତା ଦିବସରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଯଥାକ୍ରମେ ୩୨ ଓ ୩୫ ମିନିଟ୍ ପାଇଁ ଭାଷଣ ଦେଇଥିଲେ । ୨୦୦୨ ଓ ୨୦୦୩ ସ୍ୱାଧୀନତା ଦିବସରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଯଥାକ୍ରମେ ୨୫ ଓ ୩୦ ମିନିଟ୍ ପାଇଁ ଦେଶକୁ ସମ୍ବୋଧିତ କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁରେ ଆଜି ଆଉ ଏକ ରେକର୍ଡ ମଧ୍ୟ ଯୋଡ଼ି ହୋଇଛି । ଲଗାତାର ୧୨ ଥର ସ୍ୱାଧୀନତା ଦିବସ ଅଭିଭାଷଣ ଦେବାରେ ସେ ବନିଯାଇଛନ୍ତି ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ । ତାଙ୍କ ଆଗରେ ଅଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ । ସେ ଲଗାତାର ୧୭ ଥର ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ କରିବା ସହିତ ଦେଶକୁ ସମ୍ବୋଧିତ କରିଥିଲେ ।

ଆଜିର ୧୦୩ ମିନିଟ୍ର ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅପରେସନ ସିନ୍ଦୂର, ସିନ୍ଧୁ ନଦୀ ଚୁକ୍ତି, ଆତ୍ମନିର୍ଭର ଭାରତ ଠାରୁ ଆରମ୍ଭ କରି ଦେଶର ପରମାଣୁ ଶକ୍ତି, ଜିଏସ୍‌ଟିରେ ସଂସ୍କାର, ଅନୁପ୍ରବେଶ ଏବଂ ଚାଷୀ ଓ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ଆଦି ବ୍ୟାପକ ବିଷୟରେ କହିଥିଲେ । ତା' ସହିତ ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ବିକଶିତ ଭାରତ ରୋଜଗାର ଯୋଜନା ଘୋଷଣା କରିଥିଲେ ।

## ଜ୍ୟୋତି ମାଲହୋତ୍ରାଙ୍କ ନାଁରେ ୨୫୦୦ ପୃଷ୍ଠାର ଚାର୍ଜସିଟ୍



ନୂଆଦିଲ୍ଲୀ: ଗୁପ୍ତଚର ଅଭିଯୋଗରେ ୟୁଟ୍ୟୁବର୍ ଜ୍ୟୋତି ମାଲହୋତ୍ରାଙ୍କୁ ଗିରଫ କରାଯାଇଥିଲା । ହରିୟାଣା ପୋଲିସ ମେ ୧୬ରେ ଜ୍ୟୋତିଙ୍କୁ ଗିରଫ କରିଥିଲା । ପ୍ରାୟ ୩ ମାସ ପରେ ଏବେ ଏହି ମାମଲାରେ ଏକ ଚାର୍ଜସିଟ୍ ଦାଖଲ କରିଛି ପୋଲିସ । ଜ୍ୟୋତି ଦୀର୍ଘ ସମୟ ଧରି ଗୁପ୍ତଚର କାର୍ଯ୍ୟ କରୁଥିବା ଚାର୍ଜସିଟରେ କହିଛି ପୋଲିସ । ପାକିସ୍ତାନୀ ଏଜେଣ୍ଟମାନଙ୍କୁ ଗୁପ୍ତ ସୂଚନା ଜ୍ୟୋତି ଲିକ୍ କରିଥିବା ଚାର୍ଜସିଟରେ ଉଲ୍ଲେଖ ରହିଛି ।

ହିସାର ପୋଲିସ ଦ୍ୱାରା ପ୍ରାୟ ୨୫୦୦ ପୃଷ୍ଠାର ଏକ ଚାର୍ଜସିଟ୍ ଦାଖଲ କରାଯାଇଛିଛ ହରିୟାଣା ପୋଲିସ ସୂତ୍ର ଅନୁଯାୟୀ, ଚାର୍ଜସିଟ୍ ଦାଖଲ କରିଛି । ଚାର୍ଜସିଟରେ ପୋଲିସ ଦାବି କରିଛି ଯେ ଜ୍ୟୋତିଙ୍କୁ ପାକିସ୍ତାନ ପାଇଁ ଏକ ଟୁଲ୍ କିଟ୍ ଭାବରେ ବ୍ୟବହାର କରାଯାଉଥିଲା । ଏହା ସହିତ, ସେ ପାକିସ୍ତାନୀ ଏଜେଣ୍ଟମାନଙ୍କ ସହିତ ନିରନ୍ତର ଯୋଗାଯୋଗରେ ଥିଲେ ।

କେସ୍ ଡାଏରୀରେ ଜ୍ୟୋତିଙ୍କ ସମସ୍ତ ବିଦେଶ ଯାତ୍ରା ମଧ୍ୟ ଉଲ୍ଲେଖ କରାଯାଇଛି । ତଦନ୍ତ ସମୟରେ ଏହା ମଧ୍ୟ ଜଣାପଡ଼ିଥିଲା ଯେ ଏହି ସୂଚନା ବଦଳରେ ଜ୍ୟୋତିଙ୍କୁ ଆର୍ଥିକ ଲାଭ ଦିଆଯାଇଥିଲା । ଗୁପ୍ତଚର ସନ୍ଦେହରେ ପଞ୍ଜାବ, ହରିୟାଣା ଏବଂ ଉତ୍ତର ପ୍ରଦେଶରୁ ଗିରଫ ହୋଇଥିବା ୧୨ ଜଣଙ୍କ ମଧ୍ୟରେ ସେ ଥିଲେ ।

ପୋଲିସ କହିଛି ଯେ ଜ୍ୟୋତି ତାଙ୍କ ପାକିସ୍ତାନ ଗସ୍ତ ସମୟରେ ସେଠାକାର ଏଜେଣ୍ଟଙ୍କ ସହ ଯୋଗାଯୋଗ କରିଥିଲେ । ପୋଲିସ ଜ୍ୟୋତିଙ୍କ ମୋବାଇଲ୍ ଫୋନରୁ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇଛି । ଜ୍ୟୋତି ପାକ୍ ହାଇକମିଶନରେ ନିଯୁକ୍ତ ଦାନିଶ୍ ଅଲିଙ୍କ ସହ ନିରନ୍ତର ଯୋଗାଯୋଗରେ ଥିଲେ । ପୋଲିସ ଜ୍ୟୋତି ଏବଂ ଦାନିଶ୍ ମଧ୍ୟରେ ଚାଟ୍ ମଧ୍ୟ ପାଇଛି ।

ଜ୍ୟୋତି ଏଜେଣ୍ଟ ଶାକିର, ହାସନ ଅଲି ଏବଂ ନାସିର ଡିଲୋନଙ୍କ ସହ କଥା ହେଉଥିଲେ । ପହଲଗାମ୍ ଆକ୍ରମଣ ସମୟରେ ଜ୍ୟୋତି ମାଲହୋତ୍ରାଙ୍କ ଭୂମିକାର ତଦନ୍ତ ଚାଲିଛି । ଜ୍ୟୋତି ଏବଂ ହାସନ ନାମକ ଜଣେ ଏଜେଣ୍ଟଙ୍କ ମଧ୍ୟରେ ଚାଟ୍ ମଧ୍ୟ ପୋଲିସ ପାଇଛି । ହିସାରର ବାସିନ୍ଦା ୩୩ ବର୍ଷୀୟ ଜ୍ୟୋତି ମାଲହୋତ୍ରା 'ଟ୍ରାଭେଲ୍ ୱିଥ୍ ଜୋ' ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଚଳାଉଥିଲେ । ତାଙ୍କୁ ମେ ୧୬ ୨୦୨୫ରେ ଗିରଫ କରାଯାଇଥିଲା । ତାଙ୍କ ଉପରେ ପାକିସ୍ତାନ ସହିତ ଏପରି ଅନେକ ସୂଚନା ବାଣ୍ଟିବାର ଅଭିଯୋଗ ଥିଲା ଯାହା ଦେଶ ପାଇଁ ବିପଦ ସୃଷ୍ଟି କରିପାରେ । ଏନେଇ ତାଙ୍କୁ ଗିରଫ କରାଯାଇଥିଲା । ଅନେକ ଥର ପାକିସ୍ତାନ ଗସ୍ତ କରିଥିବା ତଦନ୍ତ ସମୟରେ ଜଣାପଡିଥିଲା । ଏହା ସହିତ, ସେଠାକାର ଅନେକ ନେତା ଏବଂ ଅଧିକାରୀଙ୍କ ସହ ତାଙ୍କର ଭଲ ସମ୍ପର୍କ ଅଛି । ଗୁପ୍ତଚର କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗରେ ଭାରତ ୧୩ ମଇରେ ପାକିସ୍ତାନ ହାଇକମିଶନରେ ନିଯୁକ୍ତ ଏହସାନ-ଉର-ରହିମ ଓରଫ ଦାନିଶଙ୍କୁ ବହିଷ୍କାର କରିଥିଲା ।

## ସଠିକ ସମୟରେ ଅଭିଯୋଗ ହୋଇ ନଥିଲା




ନୂଆଦିଲ୍ଲୀ : ଭୋଟର ତାଲିକାରେ ତ୍ରୁଟିକୁ ନେଇ କଂଗ୍ରେସ ସମେତ ସମଗ୍ର ବିରୋଧୀ ଦଳ ନିର୍ବାଚନ କମିସନଙ୍କ ଉପରେ ଭୋଟ ଚୋରି ଅଭିଯୋଗ କରୁଛନ୍ତି । ଏହାକୁ ନେଇ ସଂସଦରୁ ଆରମ୍ଭ କରି ସଡ଼କ ପର୍ଯ୍ୟନ୍ତ ବିକ୍ଷୋଭ କରୁଛନ୍ତି । ବିରୋଧୀ ଦଳମନଙ୍କ ଏହି ଆରୋପକୁ ନେଇ ନିର୍ବାଚନ କମିସନ ଶନିବାର ସ୍ପଷ୍ଟ କରିଛନ୍ତି ଯେ ଭୋଟର ତାଲିକା ପ୍ରସ୍ତୁତିର ସମସ୍ତ ପର୍ଯ୍ୟାୟରେ ରାଜନୈତିକ ଦଳଗୁଡ଼ିକ ସାମିଲ ରହିଥାନ୍ତି ।

କମିସନ କହିଛନ୍ତି ଯେ ଡ୍ରାଫ୍ଟ ଭୋଟର ତାଲିକାର ହାର୍ଡ କପି ଏବଂ ଡିଜିଟାଲ୍ କପି ସମସ୍ତ ରାଜନୈତିକ ଦଳ ମାନଙ୍କୁ ପ୍ରଦାନ କରାଯାଇଥାଏ । ଆହୁରି ମଧ୍ୟ ଏଗୁଡ଼ିକୁ ନିର୍ବାଚନ କମିସନଙ୍କ ୱେବସାଇଟରେ ସମସ୍ତଙ୍କ ପାଇଁ ଉପଲବ୍ଧ କରାଯାଇଥାଏ । ତାହାପରେ ଆପତ୍ତି ଅଭିଯୋଗ ଜଣାଇବାକୁ ଗୋଟିଏ ମାସ ସମୟ ଦିଆଯାଇଥାଏ । ଏହା ପରେ ଚୂଡ଼ାନ୍ତ ଭୋଟର ତାଲିକାକୁ ବି ରାଜନୈତିକ ଦଳମାନଙ୍କ ସହ ସେୟାର କରାଯାଇଥାଏ ଓ ଦ୍ୱିସ୍ତରୀୟ ଅପିଲ ବ୍ୟବସ୍ଥା ଉପଲବ୍ଧ କରାଯାଇଥାଏ । ଏହା ସତ୍ତ୍ୱେ ଲାଗୁଛି ଯେ କେତେକ ରାଜ୍ୟନୈତିକ ଦଳର ବୁଥସ୍ତରୀୟ ଏଜେଣ୍ଟମାନେ ସମୟ ଥାଉ ଥାଉ ତ୍ରୁଟିଗୁଡ଼ିକ ସମ୍ପର୍କରେ ଅପିଲ କରିନଥିଲେ । ଯଦି କୌଣସି ବୁଥ ଏଜେଣ୍ଟଙ୍କର ଭୋଟର ତାଲିକାକୁ ନେଇ କୌଣସି ପ୍ରକାରର ଆପତ୍ତି ଥିଲା, ସେ ଠିକ ସମୟରେ ଏହାକୁ ନେଇ ଅପିଲ କରିନଥିଲେ । ସେ ଯଦି ଅପିଲ କରିଥାନ୍ତା ତାହାର ସମାଧାନ ହୋଇପାରିଥାନ୍ତା ।

## କିଏ ହେବେ ଦେଶର ପରବର୍ତ୍ତୀ ଉପରାଷ୍ଟ୍ରପତି?




ନୂଆଦିଲ୍ଲୀ: ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ଗୋଟିଏ ମାସରୁ କମ ସମୟ ବାକି ରହିଛି । ନିର୍ବାଚନର ତାରିଖ ପାଖେଇ ଆସୁଥିବା ବେଳେ ବିଜେପି ବେଶ ସକ୍ରିୟ ଭାବେ ନିଜ ପ୍ରାର୍ଥୀଙ୍କୁ ଚୟନ କରିବାରେ ଲାଗି ପଡ଼ିଛି । ଏନେଇ ଦଳର ନେତୃବୃନ୍ଦ ଘନଘନ ବୈଠକ ମଧ୍ୟ ଆରମ୍ଭ କରି ଦେଇଛନ୍ତି । ଆଲୋଚନା ଚାଲିଥିବା ବେଳେ ଉପ ରାଷ୍ଟ୍ରପତି ଦୌଡ଼ରେ ଅନେକ ନେତାଙ୍କ ନାଁ ରହିଛି । ସେମାନଙ୍କ ମଧ୍ୟରେ ଦିଲ୍ଲୀର ଉପ ରାଜ୍ୟପାଳ ଭିବେ ସକ୍ସେନା ଓ ବିହାର ରାଜ୍ୟପାଳ ଆର୍ଫି ମହମ୍ମଦ ଖାନ ସବୁଠାରୁ ଆଗରେ ରହିଛନ୍ତି ।

ଏହି ଦୁଇ ଜଣଙ୍କ ବ୍ୟତୀତ ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବରାତ, କର୍ଣ୍ଣାଟକା ରାଜ୍ୟପାଳ ଥୱରଚାନ୍ଦ ଗେହଲଟ, ସିକ୍କିମ ରାଜ୍ୟପାଳ ଓମ ମାଥୁର ଓ ଜମ୍ମୁ-କଶ୍ମୀର ଉପ ରାଜ୍ୟପାଳ ମନୋଜ ସିହ୍ନାଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ରହିଛି ।

ଆରଏସଏସ ପ୍ରାର୍ଥୀ ଶେଷାଦ୍ରୀ ଛରିଙ୍କ ନାଁ ମଧ୍ୟ ବିଜେପି ନେତୃବୃନ୍ଦ ବିଚାର କରୁଛନ୍ତି । ଆଗକୁ ବିହାର ନିର୍ବାଚନ ଥିବା ବର୍ତ୍ତମାନ ରାଜ୍ୟସଭାର ଉପାଧ୍ୟକ୍ଷ ହରବଂଶଙ୍କୁ ମଧ୍ୟ ଉପ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇ ପାରେ । କିନ୍ତୁ ସେ ଜେଡିୟୁର ବିଜେପି ନିଜ ଦଳରୁ ଉପ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଚୟନ କରିବ ବୋଲି କହିଥିବାରୁ ହରିବଂଶଙ୍କୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି ।

ସେପ୍ଟେମ୍ବର ୯ରେ ଉପ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ହେବ । ଏହାର ଯଥେଷ୍ଟ ପୂର୍ବରୁ ଅର୍ଥାତ ଆସନ୍ତା କିଛି ଦିନ ମଧ୍ୟରେ ବିଜେପି ଉପ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ । ନାଁ ଘୋଷଣା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏକାଧିକ ରାଜ୍ୟପାଳ ଓ ଉପ ରାଜ୍ୟପାଳଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

ବିଜେପି ନେତୃତ୍ୱାଧୀନ ଏନଡିଏ ଉପ ରାଷ୍ଟ୍ରପତି ପ୍ରାର୍ଥୀ ବାଛିବାର ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ମୋଦି ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଉପରେ ଛାଡ଼ିଛି । କିନ୍ତୁ ସେମାନେ ନିଷ୍ପତ୍ତି ନେବା ପୂର୍ବରୁ ଆସନ୍ତା ସପ୍ତାହରେ ବିଜେପି ଓ ସହଯୋଗୀ ଦଳର ବରିଷ୍ଠ ନେତାମାନଙ୍କୁ ନେଇ ବୈଠକ ପରିବେ । ମଙ୍ଗଳବାର ଏନଡିଏ ସାଂସଦଙ୍କ ବୈଠକ ବସିବ । ସମ୍ଭବତଃ ଏହି ସମୟରେ କୌଣସି ନିଷ୍ପତ୍ତି ହେବାର ସମ୍ଭାବନା ରହିଛି ।

ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ଉପ ରାଷ୍ଟ୍ରପତି ନିର୍ବାଚନ ହେବ । ଏନେଇ ଆସନ୍ତା ଅଗଷ୍ଟ ୭ ତାରିଖରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ନାମାଙ୍କନ ଦାଖଲର ଶେଷ ତାରିଖ ଅଗଷ୍ଟ ୨୧ ରହିଥିବା ବେଳେ ୨୨ ତାରିଖରେ ଏହାକୁ ଯାଞ୍ଚ କରାଯିବ । ଅଗଷ୍ଟ ୨୫ ହେଉଛି ନାମାଙ୍କନ ପ୍ରତ୍ୟାହାର କରିବା ଶେଷ ତାରିଖ । ଶେଷରେ ସେପ୍ଟେମ୍ବର ୯ରେ ଉପ ରାଷ୍ଟ୍ରପତି ପଦ ପାଇଁ ଭୋଟିଂ ହେବ ।

ମତଦାନର ସମୟ ସକାଳ ୧୦ରୁ ଅପରାହ୍ନ ୫ଟା ଯାଏ ନିର୍ବାଚନ କମିଶନ ଧାର୍ଯ୍ୟ କରିଛନ୍ତି । ଭୋଟିଂ ଶେଷ ହେବା ପରେ ସେହିଦିନ ଗଣତି ସହ ଫଳାଫଳ ପ୍ରକାଶ ପାଇବ । ଅର୍ଥାତ ସେପ୍ଟେମ୍ବର ୯ ତାରିଖରେ ଦେଶକୁ ନୂଆ ଉପ ରାଷ୍ଟ୍ରପତି ମିଳିବେ । ଜୁଲାଇ ୨୧ରେ ରାତିରେ ଭାରତର ଉପ ରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ଼ ଅପ୍ରତ୍ୟାଶିତ ଢଙ୍ଗରେ ଇସ୍ତଫା ଦେଇଥିଲେ । ଏଥିଯୋଗୁ ଉପ ରାଷ୍ଟ୍ରପତି ପଦ ଖାଲି ପଡ଼ିଛି । ତେଣୁ ଭାରତୀୟ ନିର୍ବାଚନ କମିଶନ ଏହି ପଦ ପୂରଣ ପାଇଁ ସେପ୍ଟେମ୍ବର ୯ରେ ଭୋଟିଂ ହେବ ବୋଲି ଘୋଷଣା କରିଛନ୍ତି ।

## ଭାରତର ଭୂ-ଗର୍ଭରେ ବଡ଼ ହଲଚଲ

ନୂଆଦିଲ୍ଲୀ: ଭାରତର ଭୂ-ଗର୍ଭରେ ଟେକ୍ଟୋନିକ ପ୍ଲେଟ୍ ଦୁଇ ଭାଗ ହୋଇ ଭାଙ୍ଗୁଛି । ଏହି ଶୁଣିବାକୁ ଡର ଲାଗୁଛି, ହେଲେ ଏହାର ଅର୍ଥ ହେଉଛି ଭାରତର ମାଟି ଧିରେ ଧିରେ ବଦଳୁଛି ଓ ଏହା ଯୋଗୁ ଭବିଷ୍ୟତରେ ଭୂମିକମ୍ପ ଭଳି ବିପଦର ଆଶଙ୍କା କରାଯାଉଛି । ଏକ ନୂଆ ଗବେଷଣାରୁ ଏହା ଏବେ ଜଣାପଡିଛି । ଏଥିରେ ଲୋକେ ଭାବୁଥିବେ ଟେକ୍ଟୋନିକ୍ ପ୍ଲେଟ୍ କ'ଣ? ତେବେ ଆସନ୍ତୁ ଜାଣିବା ।




### ଟେକ୍ଟୋନିକ୍ ପ୍ଲେଟ କ'ଣ?


ଆମ ପୃଥିବୀ ମୋଟ ୭ଟି ବଡ଼ ପ୍ଲେଟ୍ ଉପରେ ରହିଛି । ଏହି ପ୍ଲେଟଗୁଡିକ ଭୂ-ଗର୍ଭରେ ଚଳନ୍ତ ଅବସ୍ଥାରେ ଅଛନ୍ତି । ଯେତେବେଳେ ଏହି ପ୍ଲେଟ୍ ପରସ୍ପର ସହ ଧକ୍କା ଲାଗେ ସେତେବେଳେ ଭୂମିକମ୍ପ ଆସିଥାଏ । ଭାରତର ପ୍ଲେଟ୍ ଗତ ୬ କୋଟି ବର୍ଷ ହେଲା ୟୁରୋପ ଓ ଏସିଆ ପ୍ଲେଟ୍ ସହ ଧକ୍କା ହେଉଛି । ଏବେ ନୂଆ ଗବେଷଣାରୁ ଜଣାପଡିଛି ଯେ ଏହି ପ୍ଲେଟ୍ ଧିରେ ଧିରେ ଦୁଇ ଖଣ୍ଡରେ ଭାଙ୍ଗୁଥିବା ବେଳେ ଗୋଟିଏ ଭାଗ ମାଟି ଭିତରକୁ ଧସୁଛି ।

### ଭୂ-ଗର୍ଭରେ କ'ଣ ହେଉଛି?

ଯେତେବେଳେ ଟେକ୍ଟୋନିକ୍ ପ୍ଲେଟ୍ ଅଧିକ ଭାରି ହୁଏ ସେତେବେଳେ ଏହା ଧିରେ ଧିରେ ପୃଥିବୀ ଭିତରକୁ ଧସିବା ଆରମ୍ଭ କରେ । ଏହାକୁ ବୈଜ୍ଞାନିକ ଡିଲାମିନେସନ କହନ୍ତି । ଏବେ ଭାରତୀୟ ପ୍ଲେଟରେ ଏମିତି କିଛି ହେଉଛି । ଏହାର ତଳ ମୁହଁ ଭିତର ଆଡ କୁ ଧସୁଛି । ଏହି କାରଣରୁ ଏଥିରେ ଫାଟ ସୃଷ୍ଟି ହେଉଛି । ଏହାର ପ୍ରଭାବ ଅତ୍ୟନ୍ତ ଜଟିଳ ହୋଇପାରେ । ଏହା ଯୋଗୁ ଭୂମିକମ୍ପ ବିପଦ ବଢିପାରେ, ଖାସ କରି ହିମାଳୟ ଅଞ୍ଚଳରେ । ଯଦି ପ୍ଲେଟ୍ ଏପରି ଖସିବା ଆରମ୍ଭ କରେ ଆଗାମୀ ସମୟରେ ଭାରତ ସମେତ ପୁରା ଏସିଆର ନକ୍ସାରେ ପରିବର୍ତ୍ତନ ଆସିପାରେ । ତେବେ ବୈଜ୍ଞାନିକମାନେ କହିଛନ୍ତି ଯେ ଏହି ପ୍ରକ୍ରିୟା ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି, ହେଲେ ଏହାକୁ ଅଣଦେଖା କରାଯାଇ ନପାରେ ।

ବୈଜ୍ଞାନିକଙ୍କ କହିବା କଥା ହେଉଛି ଏଥି ପାଇଁ ଲୋକଙ୍କୁ ଆତଙ୍କିତ ହେବାର କୌଣସି କାରଣ ନାହିଁ । ବୈଜ୍ଞାନିକ ଏହା ଉପରେ ଲଗାତାର ଗବେଷଣା କରୁଛନ୍ତି ଓ ଏବେ ଏହି ପରିବର୍ତ୍ତନ ଅତ୍ୟନ୍ତ ଧିମା ଗତିରେ ହେଉଛି । ହେଲେ ବେଳ ଥାଉ ଏହା ଉପରେ ନଜର ରଖିବାକୁ ପଡିବ । ଯାହା ଦ୍ୱାରା ଭବିଷ୍ୟତରେ କୌଣସି ପ୍ରକାରର ବଡ଼ ବିପର୍ଯ୍ୟରୁ ରକ୍ଷା ମିଳିପାରିବ ।

## ୧୯୬୧ରେ ଆମେରିକାକୁ ଦୟାର ଭିକ ମାଗିଥିଲା ପାକିସ୍ତାନ



ନୂଆଦିଲ୍ଲୀ: ୧୯୬୦ରେ ସିନ୍ଧୁ ଜଳ ସନ୍ଧି ପରେ ପାକିସ୍ତାନର ତତ୍କାଳୀନ ରାଷ୍ଟ୍ରପତି ଆୟୁବ ଖାନ୍ କାଶ୍ମୀରକୁ ଭାରତରୁ ଅଲଗା କରିବା ପାଇଁ ଆମେରିକା ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କୁ ସାହାଯ୍ୟର ଭିକ ମାଗିଥିଲେ । ଏକ ନୂଆ ପୁସ୍ତକରେ ଏହି କଥା ସାମନାକୁ ଆସିଛି । ଏହି ପୁସ୍ତକର ନାଁର 'ଟ୍ରାୟଲ୍ ବାଏ ୱାଟର: ଇଣ୍ଡସ୍ ବେସିନ୍ ଆଣ୍ଡ ଇଣ୍ଡିଆ-ପାକିସ୍ତାନ ରିଲେସନ୍ସ' । ଏହି ପୁସ୍ତକକୁ ଉତ୍ତମ କୁମାର ସିହ୍ନା ଲେଖିଛନ୍ତି । ସେ ଅନ୍ତର୍ଜାତୀୟ ଜଳ ପ୍ରସଙ୍ଗର ବିଶେଷଜ୍ଞ ଓ ଆଇଡିଏସଏରେ ବରିଷ୍ଠ ଫେଲୋ ଅଛନ୍ତି । ସେ ନିଜ ପୁସ୍ତକରେ, ଆୟୁବ ଖାନ ଆମେରିକାକୁ ସାହାଯ୍ୟ କାହିଁକି ମାଗିଲେ, କିପରି ମାଗିଲେ ଓ କେନେଡି ଏହା ଉପରେ କଣ ପ୍ରତିକ୍ରିୟା ଦେଇଥିଲେ ତାହା ଲେଖିଛନ୍ତି । ପୁସ୍ତକରେ ଜଳ ସନ୍ଧି ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ଖୁଲାସା ବି ସେ କରିଛନ୍ତି ।

**ଟ୍ରାୟଲ୍ ବାଏ ୱାଟର:** ଇଣ୍ଡସ୍ ବେସିନ୍ ଆଣ୍ଡ ଇଣ୍ଡିଆ-ପାକିସ୍ତାନ ରିଲେସନ୍ସ' ପୁସ୍ତକରେ ସେ ଲେଖିଛନ୍ତି, ୧୯୬୦ରେ ସିନ୍ଧୁ ଜଳ ସନ୍ଧି ପରେ, ୧୯୬୧ରେ ଆୟୁବ ଖାନ ୱାଶିଂଟନ ଯାଇଥିଲେ । ଆମେରିକା ଦ୍ୱାରା ଭାରତକୁ କରାଯାଉଥିବା ସାହାଯ୍ୟକୁ ନେଇ ସେ ପୂର୍ବରୁ ଅସନ୍ତୋଷ ଥିଲେ । ଫାର୍ଷ୍ଟ ଲେଡି ଜ୍ୟାକଲିନ୍ କେନେଡି ମାଉଣ୍ଟ ବର୍ନୋନରେ ଆୟୁବ ଖାନଙ୍କ ପାଇଁ ଏକ ଭୋଜିର ଆୟୋଜନ କରିଥିଲେ । ଆୟୁବ ଖାନଙ୍କ ଅସନ୍ତୋଷ ସେଠାରେ ବି ବାରି ହେଉଥିଲା । ସେ ସିଆଇଏରେ ଗୁପ୍ତ ଉଡ଼ାଣଗୁଡ଼ିକ ଉପରେ ମଧ୍ୟ ରୋକ ଲଗାଇଥିଲେ, ଯାହା ପୂର୍ବ ପାକିସ୍ତାନର ଏୟାରବେସରୁ ତିବ୍ବତ ବିଦ୍ରୋହୀଙ୍କୁ ସାହାଯ୍ୟ କରୁଥିଲା । ଏହା ସହ ପଶ୍ଚିମ ପାକିସ୍ତାନରୁ ଚୀନ ଉପରେ ୟୁ-୨ ଫ୍ଲାଇଟ୍ସର ଉଡାଣ ଉପରେ ବି ରୋକ୍ ଲଗାଇଥିଲେ ।

ତେବେ କେନେଡିଙ୍କ ସହ ବ୍ୟକ୍ତିଗତ ଆଲୋଚନା ପରେ ସ୍ଥିତିରେ ସୁଧାର ଆସିଥିଲା । ଆୟୁବ ଖାନ ଏୟାରବେସ୍ ପୁଣି ଥରେ ଖୋଲିବା ପାଇଁ ରାଜି ହୋଇଥିଲେ । ଏହା ବଦଳରେ ଭାରତକୁ ଆମେରିକା କୌଣସି ପ୍ରକାର ସୈନ୍ୟ ଉପକରଣ ଦେବ ନାହିଁ ବୋଲି କେନେଡି ପ୍ରତିଶ୍ରୁତି ଦେଇଥିଲେ । ଏହାର କିଛି ଦିନ ପରେ ଓଭାଲ ଅଫିସରେ ଆୟୁବ ଖାନ ପାକିସ୍ତାନର ସୁରକ୍ଷା ଚିନ୍ତାକୁ ନେଇ କିଛି ନକ୍ସା ଦେଖାଇଥିଲେ । ଉତ୍ତମ ସିହ୍ନା ନିଜ ପୁସ୍ତକରେ ଲେଖିଛନ୍ତି ଯେ ଆୟୁବ ଖାନ ନକ୍ସ ଦେଖାଇ କହିଥିଲେ, ଭାରତ ନିଜର ୧୫ ଲକ୍ଷ ସୈନିକଙ୍କ ମଧ୍ୟରୁ କେବଳ ୧୫ ପ୍ରତିଶତ ହିଁ ଚୀନ ସୀମାରେ ମୁତୟନ କରିଛି । ଅନ୍ୟପଟେ ୮୫ ପ୍ରତିଶତ ଯବାନଙ୍କୁ ପାକିସ୍ତାନ ସୀମାରେ ମୁତୟନ କରିଥିଲା । ସେ ଏହା ବି ଲେଖିଛନ୍ତି ଯେ ଆଫଗାନିସ୍ତାନର ପଶ୍ଚିମ ସୀମାରେ ୮୦୦୦୦-୯୦୦୦୦ ସୈନିକ ଅଛନ୍ତି, ଯାହାଙ୍କ ପାଖରେ ସୋଭିଏ୍ ସଂଘରୁ ମିଳିଥିବା ହତିଆର ରହିଛି । ତୃତୀୟ ନକ୍ସାରେ ଦୁଇ ପଡ଼ୋଶୀଙ୍କ ବିରୋଧରେ ପାକିସ୍ତାନର ପତଳା ପ୍ରତିରକ୍ଷା ରେଖା ଦେଖାଇଥିଲେ । ଆୟୁବ ଖାନ ଲଗାତାର ଜୋର ଦେଇଥିଲେ ଯେ କାଶ୍ମୀର ବିନା, ଭାରତ ଓ ଆଫଗାନିସ୍ତାନରୁ ଆକ୍ରମଣ ସମୟରେ ପାକିସ୍ତାନର ସ୍ଥିତି ଖରାପ ହୋଇଯିବ । ଉତ୍ତମ କୁମାର ସିହ୍ନା ନିଜ ପୁସ୍ତକରେ ଦାବି କରିଛନ୍ତି ଯେ ଆୟୁବ ଖାନ ଲଗାତାର ଦାବି କରିଥିଲେ ଯେ କାଶ୍ମୀର ବିନା ପାକିସ୍ତାନର କୌଣସି ଭବିଷ୍ୟତ ନାହିଁ । କେନେଡି ଓ ତାଙ୍କ ପରାମର୍ଶଦାତାଙ୍କୁ ଆୟୁବ ଖାନଙ୍କ କଥା ଉପରେ ବିଶ୍ୱାସ ନଥିଲା, କିନ୍ତୁ ସେମାନେ ଜାଣିଥିଲେ ଯେ ଭାରତ-ପାକିସ୍ତାନ ମଧ୍ୟରେ ଶାନ୍ତି ପାଇଁ କାଶ୍ମୀର ପ୍ରସଙ୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । କେନେଡି ଏକ ବୁଝାମଣା କରିବା ପାଇଁ ପ୍ରସ୍ତାବ ଦେଇଥିଲେ, ଯାହାକୁ ତତ୍କାଳୀନ ଭାରତୀୟ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହରୁ ସ୍ୱୀକାର କରି ପାରିଥାନ୍ତେ । ଆୟୁବ ଖାନ୍ ଜବାବ ଦେଇଥିଲେ ଯେ ଭାରତ ଜମ୍ମୁ ରଖିପାରିବ, କିନ୍ତୁ ପାକିସ୍ତାନକୁ ନିଜ ପାଣି ସୁରକ୍ଷା ପାଇଁ ଚେନାବ ନଦୀ ଆରପଟେ କିଛି ମାଇଲ୍ ଯାଏ ଭୂମି ଦରକାର ।

ଆୟୁବ ଖାନ ଯୁକ୍ତି ରଖିଥିଲେ ଯେ ଯଦି ସିନ୍ଧୁ ଜଳ ସନ୍ଧି ପାକିସ୍ତାନକୁ ପଶ୍ଚିମ ନଦୀର ଅଧିକାର ଦେଉଛି ଏବଂ ତାହା କାଶ୍ମୀରରେ ପ୍ରବାହିତ ହେଉଛି, ତେବେ ସେହି ନଜି ଆଖପାଖ ଅଞ୍ଚଳ ବି ପାକିସ୍ତାନର ହେବା ଦରକାର । କେନେଡିଙ୍କୁ ଆୟୁବ ଖାନ କହିଥିଲେ ଯେ ନେହରୁ ଏବେ କାଶ୍ମୀରବାସୀଙ୍କ ଠାରୁ ଦୂରେଇ ଯାଇଛନ୍ତି ଓ ଏହି ବୁଝାମଣା ପାଇଁ ରାଜି ହୋଇପାରନ୍ତି । ସେ ଚେତାବନୀ ଦେଇଥିଲେ ଯେ କାଶ୍ମୀର ପ୍ରସଙ୍ଗର ସମାଧାନ ବିନା, ଭାରତକୁ ଆମେରିକାର ସାହାଯ୍ୟ ବେକାର ଯିବ । ଏହାର ଜବାବରେ କେନେଡି କହିଥିଲେ ଯେ ଆମେରିକାର ସାହାଯ୍ୟ ପଛର କାରଣ ହେଉଛି ଭାରତକୁ କମ୍ୟୁନିଷ୍ଟ ପ୍ରଭାବରୁ ବଞ୍ଚାଇବା । ଉତ୍ତମ ସିହ୍ନା ନିଜ ପୁସ୍ତକରେ ଏକଥା ଖୁଲାସା କରିଥିବା ନବ ଭାରତ ଟାଇମ୍ସ ନିଜ ରିପୋର୍ଟରେ ଉଲ୍ଲେଖ କରିଛି ।

ପୁସ୍ତକରେ ଏହା ବି ଉଲ୍ଲେଖ କରାଯାଇଛି ଯେ ନେହରୁଙ୍କୁ ସିନ୍ଧୁ ଜଳ ସନ୍ଧି ପାଇଁ ଦେଶ ଭିତରେ ସମାଲୋଚନା ସହିବାକୁ ପଡ଼ିଥିଲା । ୧୯୬୦ ନଭେମ୍ବର ଓ ଡିସେମ୍ବରରେ ଏହା ଉପରେ ଲୋକସଭାରେ ବିତର୍କ ବେଳେ ଜଣେ ସାଂସଦ ନେହରୁଙ୍କ କ୍ରିକେଟ୍ ମ୍ୟାଚର ଅମ୍ପାୟର ଆଖ୍ୟା ଦେଇଥିଲେ । ପୁସ୍ତକରେ ଲେଖାଯାଇଛି ଯେ ସାଂସଦ ଅନୁଭବ କରୁଥିଲେ ଯେ ଭାରତ ଅତି ସହଜରେ ଅନେକ କିଛି ଦେଇ ଦେଉଛୁ । ୧୯୬୦ ସେପ୍ଟେମ୍ବର ୧୯ରେ ସନ୍ଧି ଉପରେ ହାସ୍ତକ୍ଷର ହୋଇଥିଲା । ନଭେମ୍ବର ୩୦ରେ ସଂସଦରେ ଏହା ଉପରେ ବିତର୍କ ହୋଇଥିଲା । ସେହି ସମୟରେ ମାହୋଲ ଆଦୌ ଭଲ ନଥିଲା । କଂଗ୍ରେସ ସଦସ୍ୟଙ୍କ ସହ ସବୁ ଦଳର ନେତା ଏହାକୁ ସମାଲୋଚନା କରିଥିଲେ । ପ୍ରଜା ସୋଶଲିଷ୍ଟ ପାର୍ଟିର ଅଶୋକ ମେହେଟା ଏହାକୁ ଦ୍ୱିତୀୟ ବିଭାଜନ ରୂପେ ଅବିହତ କରିଥିଲେ ।

# ମୋତେ ଦଳରୁ ବାହାର କରିଥିଲେ ଧୋନୀ : ବୀରୁ




ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଭାରତୀୟ କ୍ରିକେଟର ଜଣାଶୁଣା ବିସ୍ଫୋରକ ବ୍ୟାଟର ବୀରେନ୍ଦ୍ର ସେହ୍ୱାଗଙ୍କ କ୍ରିକେଟ କ୍ୟାରିୟରର ଶେଷ ପର୍ଯ୍ୟାୟ ଯନ୍ତ୍ରଣାଦାୟକ ଥିଲା । ଭାରତ-ପାକିସ୍ତାନ ଶୃଙ୍ଖଳା ସମୟରେ କିଭଳି ଭାବେ ଧୋନୀ ତାଙ୍କ ପିଠି ଥାପୁଡ଼ାଇ ଦଳରୁ ବାହାର କରିଥିଲେ, ସେ ସମୟର କଷ୍ଟକୁ ବଖାଣିଛନ୍ତି ବୀରେନ୍ଦ୍ର ସେହ୍ୱାଗ । ଆକ୍ରମଣାତ୍ମକ ଢଙ୍ଗରେ ବ୍ୟାଟିଂ କରି ସମସ୍ତଙ୍କୁ ଆକର୍ଷିତ କରିଥିଲେ ବୀରୁ । ଟେଷ୍ଟରେ ସେହ୍ୱାଗଙ୍କ ଷ୍ଟ୍ରାଇକ୍ ରେଟ୍ ୮୨.୨୩ ଥିଲା । ଦିନିକିଆରେ ୧୦୪.୩୩ ଷ୍ଟ୍ରାଇକ୍ ରେଟ୍‌ରେ ରନ କରିଥିଲେ । ୨୦୧୧ ଦିନିକିଆ ବିଶ୍ୱକପରେ ଭାରତୀୟ ଦଳର ଟାଇଟଲ ବିଜୟରେ ସେହ୍ୱାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତେବେ ଦୀର୍ଘଦିନ ପରେ ନିଜର କ୍ରିକେଟ୍ କ୍ୟାରିୟରକୁ ନେଇ ବୀରୁ ବଡ଼ ଖୁଲାସା କରିଛନ୍ତି । ସେ କହିଛନ୍ତି, ୨୦୦୮ରେ ଅଷ୍ଟ୍ରେଲିଆ ବିପକ୍ଷ ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାରେ ମହେନ୍ଦ୍ର ସିଂ ଧୋନୀ ତାଙ୍କୁ ଦଳରୁ ବାହାର କରିଦେଇଥିଲେ । ଯାହାପରେ ସେ ଅବସର ନେବାକୁ ମନସ୍ଥ କରିଥିଲେ । ହେଲେ ସଚିନ ତେନ୍ଦୁଲକରଙ୍କ ପରାମର୍ଶ ଯୋଗୁ ୨୦୧୧ ଦିନିକିଆ ବିଶ୍ୱକପ ଖେଳିପାରିଥିଲେ ।

ଭାଷ୍ୟକାର ପଦ୍ମଜିତ୍ ସେରାୱତଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସେହ୍ୱାଗ କହିଛନ୍ତି, ମୁଁ ୨୦୦୭-୦୮ ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳାରେ ପ୍ରଥମ ୩ଟି ମ୍ୟାଚ୍ ଖେଳିଥିଲି ଏବଂ ତା'ପରେ ଧୋନୀ ମୋତେ ଦଳରୁ ବାହାର କରିଦେଇଥିଲେ । ଏହାପରେ ମୋତେ କିଛି ସମୟ ପାଇଁ ଦଳରେ ଚୟନ କରାଯାଇ ନଥିଲା । ମୁଁ ଅନୁଭବ କଲି ଯେ ଆଉ ଦଳକୁ ଫେରିବା ସମ୍ଭବ ହେବ ନାହିଁ । ତା'ପରେ ସଚିନ ତେନ୍ଦୁଲକରଙ୍କ ସହ କଥା ହୋଇ ଦିନିକିଆରୁ ଅବସର ନେବାକୁ ଚାହୁଁଥିବା କହିଥିଲି । ସଚିନ କହିଥିଲେ ଯେ ସେ ମଧ୍ୟ ୧୯୯୯-୨୦୦୦ରେ ସମାନ ସ୍ଥିତି ଦେଖିଥିଲେ । ସେ ମଧ୍ୟ ଅବସର ନେବାକୁ ଚିନ୍ତା କରୁଥିଲେ । କିନ୍ତୁ ସେ ସମୟ ଚାଲିଗଲାଣି । ଭାବପ୍ରବଣ ହୋଇ କୌଣସି ବଡ଼ ନିଷ୍ପତ୍ତି ନନେବାକୁ ସଚିନ ପରାମର୍ଶ ଦେଇଥିଲେ । ସମୟ ନିଅ, ତା'ପରେ ଚିନ୍ତା କର ବୋଲି ସଚିନ କହିଥିଲେ । ୨୦୦୮ ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାରେ ସେହ୍ୱାଗଙ୍କ ପ୍ରଦର୍ଶନ ଭଲ ନଥିଲା । ସେ ୫ଟି ମ୍ୟାଚ୍‌ରେ ମାତ୍ର ୮୧ ରନ କରିଥିଲେ । ଗୌତମ ଗମ୍ଭୀର ୫୫ ହାରରେ ୪୪୦ ରନ କରିଥିଲେ । ଏହି ଶୃଙ୍ଖଳାରେ ସେ ସର୍ବାଧିକ ରନ ସ୍କୋରର୍ ଥିଲେ । ତେନ୍ଦୁଲକର ୧୦ଟି ଇନିଂସ୍‌ରେ ୩୯୯ ରନ କରିଥିଲେ । ସର୍ବାଧିକ ରନ କରିବାରେ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଭାରତ ସେହି ଶୃଙ୍ଖଳା ଜିତିଥିଲା ।

ସଚିନଙ୍କ ପରାମର୍ଶ ସେହ୍ୱାଗଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥିଲା । ସେହ୍ୱାଗ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ । ସେ ପୁଣି ଥରେ ଦଳର ଉପଅଧିନାୟକ ମଧ୍ୟ ହୋଇଥିଲେ । ସେହ୍ୱାଗ ୨୦୧୨ ପର୍ଯ୍ୟନ୍ତ ଧୋନୀଙ୍କ ନେତୃତ୍ୱରେ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ । ସେହ୍ୱାଗ ଭାରତ ପାଇଁ ୨୦୧୩ ମାର୍ଚ୍ଚରେ ହାଇଦ୍ରାବାଦରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ । ୨୦୧୫ ଅକ୍ଟୋବର ୨୦ରେ ସେହ୍ୱାଗ ନିଜର ଜନ୍ମଦିନରେ କ୍ରିକେଟରୁ ଅବସର ଘୋଷଣା କରିଥିଲେ ।

## ଯନ୍ତ୍ରଣା ବଖାଣିଲେ ଇର୍ଫାନ



ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ସେହ୍ୱାଗଙ୍କ ପରେ ଇର୍ଫାନ ପଠାନ ନିଜର ଦୁଃଖ ବଖାଣିଛନ୍ତି । ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ଧୋନୀଙ୍କ ବିଷୟରେ ଖୁଲାସା କରିଛନ୍ତି ଅଲ୍‌ରାଉଣ୍ଡର ପଠାନ । କ୍ରିକେଟ କ୍ୟାରିୟରକୁ ନେଇ ଆଶ୍ଚର୍ଯ୍ୟଜନକ ଖୁଲାସା କରିଛନ୍ତି । ପଠାନ କହିଛନ୍ତି, ୨୦୦୯ରେ ତାଙ୍କୁ ଦଳରୁ ବାହାର କରିବାରେ ମହେନ୍ଦ୍ର ସିଂ ଧୋନୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଶ୍ରୀଲଙ୍କା ଶୃଙ୍ଖଳାରେ ଦମଦାର ପ୍ରଦର୍ଶନ ସତ୍ତ୍ୱେ ୨୦୦୯ ନ୍ୟୁଜିଲାଣ୍ଡ ଗସ୍ତ ସମୟରେ ତାଙ୍କୁ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ଦିଆଯାଇ ନଥିଲା । ତତ୍କାଳୀନ ପ୍ରଶିକ୍ଷକ ଗ୍ୟାରି କ୍ରିଷ୍ଟେନ୍‌ଙ୍କୁ ଇର୍ଫାନ ପଚାରିଥିଲେ ଯେ ତାଙ୍କୁ କାହିଁକି ଦଳ ବାହାରେ ରଖାଯାଇଛି ? ଏହାପରେ କ୍ରିଷ୍ଟେନ୍ ୨ଟି କାରଣ କହିଥିଲେ । ପଠାନ୍‌ଙ୍କ କହିବା କଥା କ୍ରିଷ୍ଟେନ୍ କହିଥିଲେ, ନିଷ୍ପତ୍ତି ତାଙ୍କ ହାତରେ ନାହିଁ । ଦ୍ୱିତୀୟ କାରଣ ହେଉଛି ଦଳ ଜଣେ ବ୍ୟାଟିଂ ଅଲରାଉଣ୍ଡରଙ୍କ ସହ ଯିବାକୁ ଚାହୁଁଥିଲା । ଏହି ଭୂମିକା ତାଙ୍କ ଭାଇ ୟୁସୁଫଙ୍କୁ ଦିଆଯାଇଥିଲା । କାରଣ ଇର୍ଫାନ୍ ଥିଲେ ଜଣେ ବୋଲିଂ ଅଲରାଉଣ୍ଡର । ସେ ପଚାରିଥିଲେ ଏଭଳି ନିଷ୍ପତ୍ତି କାହା ହାତରେ ଅଛି ? କିନ୍ତୁ କୋଚ୍ କିଛି କହି ନଥିଲେ । ମୁଁ ପୂର୍ବରୁ ଜାଣିଥିଲି ପ୍ଲେଇଂ ଇଲେଭେନ୍ ଅଧିନାୟକଙ୍କ ପସନ୍ଦର ଚୟନ କରାଯାଏ । ଏହି ନିଷ୍ପତ୍ତି ଅଧିନାୟକ, ପ୍ରଶିକ୍ଷକ ଏବଂ ମ୍ୟାନେଜ୍‌ମେଣ୍ଟ ନେଇଥାନ୍ତି । ସେତେବେଳେ ଧୋନୀ ଅଧିନାୟକ ଥିଲେ । ସେତେବେଳେ ନିଷ୍ପତ୍ତି ଠିକ୍ କି ଭୁଲ ଥିଲା, ତାହା ମୁଁ କହିବାକୁ ଚାହୁଁନାହିଁ । କାରଣ ପ୍ରତ୍ୟେକ ଅଧିନାୟକଙ୍କୁ ନିଜସ୍ୱ ଢଙ୍ଗରେ ଦଳ ଚଳାଇବାର ଅଧିକାର ଅଛି । ଯଦି ମୋ ସ୍ଥାନରେ ଅନ୍ୟ କୌଣସି ଖେଳାଳି ଥାନ୍ତେ,ତେବେ ତାଙ୍କୁ କେବେ ବି ଗୋଟିଏ ବର୍ଷ ପାଇଁ ଦଳ ବାହାରେ ରଖାଯାଇ ନଥାନ୍ତା । ଆମେ ଦୁଇଭାଇ ଶ୍ରୀଲଙ୍କାରେ ମ୍ୟାଚ୍ ଜିତାଇଥିଲୁ । କିନ୍ତୁ ମୋତେ ନ୍ୟୁଜିଲାଣ୍ଡରେ ଗୋଟିଏ ବି ମ୍ୟାଚ୍ ଖେଳିବାକୁ ଦିଆଗଲା ନାହିଁ । ଶ୍ରୀଲଙ୍କା ବିପକ୍ଷରେ ୨୭ ବଲରୁ ୬୦ ରନର ଆବଶ୍ୟକତା ଥିଲା । ଆମ ଦୁଇଭାଇଙ୍କ ପ୍ରଦର୍ଶନ ଭାରତକୁ ବିଜୟୀ କରିଥିଲା । ନ୍ୟୁଜିଲାଣ୍ଡ ଗସ୍ତରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍‌ରେ ଖେଳାଯାଇ ନଥିଲା । ଚତୁର୍ଥ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା । ଶେଷ ମ୍ୟାଚ୍‌ରେ ମଧ୍ୟ ସୁଯୋଗ ମିଳି ନଥିଲା । ତା'ପରେ ମୁଁ ଗ୍ୟାରୀ ସାର୍‌ଙ୍କୁ ପଚାରିଥିଲି, ମୋତେ କାହିଁକି ବାଦ୍ ଦିଆଯାଇଥିଲା ।

ଯଦି କୌଣସି ଦିଗରେ ଉନ୍ନତି ଆଣିବାର ଆବଶ୍ୟକତା ଥିଲା, ତେବେ ମୋତେ କହିପାରିଥାନ୍ତେ । ଇର୍ଫାନ୍ ପଠାନ ୨୦୧୧ରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ୨୦୧୨ରେ ପଠାନ୍ ମୋଟ ୨୦ଟି ଟି-୨୦ ମ୍ୟାଚ୍ ଖେଳିଥିଲେ । ସେ ୨୧୧ ରନ କରିବା ସହ ୩୧ ୱିକେଟ ନେଇଥିଲେ । ୨୦୨୦ରେ ସେ ସମସ୍ତ ଫର୍ମାଟ୍‌ରୁ ଅବସର ନେଇଥିଲେ । ଇର୍ଫାନ୍ ୨୯ ଟେଷ୍ଟ, ୧୨୪ଟି ଦିନିକିଆ ଏବଂ ୨୪ଟି ଟି-୨୦ ମ୍ୟାଚ୍ ଖେଳିଥିଲେ । ଟେଷ୍ଟରେ ୧୦୦ ୱିକେଟ ସହ ଦିନିକିଆରେ ୧୭୩ ୱିକେଟ ନେଇଥିଲେ ।

## ଜାତୀୟ କରାଟେ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୮ (ସବ୍ୟୁ): କରାଟେ ଇଣ୍ଡିଆ ଅର୍ଗାନାଇଜେସନ ଆନୁକୂଲ୍ୟରେ ଆଗାମୀ ସମସ୍ତ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା ନିମନ୍ତେ ପ୍ରଶିକ୍ଷଣ ଶିବିର ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଉଦ୍‌ଘାଟିତ ହୋଇଯାଇଛି । ଭାରତର ଗତ ଜାତୀୟ ପ୍ରତିଯୋଗିତାରେ ବିଜେତାମାନଙ୍କୁ ଏହି ପ୍ରଶିକ୍ଷଣ ଶିବିରରେ ଅନ୍ତର୍ଜାତୀୟ କୋଚ୍ ଅମୀର ମେହେଦୀ ଯାଦେ ପ୍ରଶିକ୍ଷଣ ଦେଉଛନ୍ତି । ଦେଶର କରାଟେ କ୍ରୀଡ଼ାବିତ୍‌ମାନଙ୍କୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରତିପାଦନ କରିବା ନିମନ୍ତେ ବିଦେଶୀ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ଶିବିର ଆୟୋଜନ କରିବା ଉପରେ କରାଟେ ଇଣ୍ଡିଆ ଅର୍ଗାନାଇଜେସ୍‌ନର ସଭାପତି ଭରତ ଶର୍ମା ଗୁରୁତ୍ୱ ପ୍ରଦାନ କରିଛନ୍ତି । ଉତ୍କଳ କରାଟେ ସ୍କୁଲଠାରେ ପ୍ରଶିକ୍ଷଣ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଅନ୍ତର୍ଜାତୀୟ ସ୍ତରର ଥିବାରୁ ଏହି ଜାତୀୟ ପ୍ରଶିକ୍ଷଣ ଶିବିରକୁ ହାନ୍ସି ଭରତ ଶର୍ମା ଓଡ଼ିଶାରେ କରିବାକୁ ସ୍ଥିର କରିଛନ୍ତି ।

ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆଗାମୀ ୨୮ ତାରିଖରେ ଶେଷ ହେବ । ସକାଳେ ଓ ସଂନ୍ଧ୍ୟାରେ ଦୁଇବେଳା ପ୍ରଶିକ୍ଷଣ ଚାଲୁଥିବା ବେଳେ ପ୍ରଶିକ୍ଷକଙ୍କ ରହିବା ଓ ଖାଇବା ଆଦିର ବ୍ୟବସ୍ଥା କରାଯାଇଥିବା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି କହିଛନ୍ତି । ଅମୀର ମେହେଦୀ ଯାଦେଙ୍କ ସହ ଶବନ କୁମାର ଓ ହରିପ୍ରସାଦ ପଟ୍ଟନାୟକଙ୍କ ଉପସ୍ଥିତିରେ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଗତ ଏସୀୟ କରାଟେ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ଶିବିରରେ ଯୋଗ ଦେଇଥିଲେ ।

## ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୧୬।୮ (ସବ୍ୟୁ): ମଞ୍ଚେଶ୍ୱରସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ୧୨ତମ ପ୍ରତିଷ୍ଠା ଦିବସ ତଥା ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ଚକେଇସିଆଣି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା ଯୋଗ ଦେଇଥିଲେ । ପିଲାମାନେ ପତାକା ଉତ୍ତୋଳନ ସହିତ ଜାତୀୟ ସଂଗୀତ ଗାନ କରିଥିଲେ ।

ମୁଖ୍ୟଅତିଥି ଭାବେ ସ୍କୁଲ ସମ୍ପାଦକ ମହେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ ଶ୍ରଦ୍ଧାଞ୍ଜଳି ଶତପଥୀ, ସଭାପତି ମୁରଲୀଧର ଦଳବେହେରା ଯୋଗ ଦେଇଥିଲେ । ଏକାଡେମୀର ଅଧକ୍ଷା ମୀରାରାଣୀ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେ ପିଲାମାନଙ୍କୁ ସ୍ୱାଧୀନତା ଦିବସର ଅର୍ଥ, ତ୍ୟାଗ, ବଳିଦାନ ଓ ଦେଶଭକ୍ତିର ତାତ୍ପର୍ଯ୍ୟ ବୁଝାଇଥିଲେ ।

ଅନୁଷ୍ଠାନର ସମ୍ପାଦକ ଯଶୋବନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ରଙ୍କ ସହିତ ପ୍ରଶାନ୍ତ ମହାନ୍ତି, ରବିନାରାୟଣ, ଅମରେଶ୍ୱର ପରମାଣିକ ଆଦି ସହଯୋଗ କରିଥିଲେ । 'ସଭିଏଁ ମିଶାଇ ହାତରେ ହାତ, ଆମ ଦେଶ ରକ୍ଷା ପାଇଁ ନେବା ଶପଥ' ସ୍ଲୋଗାନ ସହ ଦେଶଭକ୍ତିର ବାର୍ତ୍ତା ଦେଇଛି ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ।

## ରିପ୍ଲେସ୍‌ମେଣ୍ଟ ନୂଆ ନିୟମ ଆଣିଲା ବିସିସିଆଇ

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲବୋର୍ଡ଼ (ବିସିସିଆଇ) ଆଗାମୀ ଘରୋଇ ସିଜନ ପୂର୍ବରୁ ନୂଆ ନିୟମ ଘୋଷଣା କରିଛି । ବିଶେଷକରି ଖେଳାଳି ରିପ୍ଲେସ୍‌ମେଣ୍ଟକୁ ନେଇ ବଡ଼ ଅପ୍‌ଡେଟ୍ ଆସିଛି । ଲମ୍ବା ଫର୍ମାଟ୍‌ରେ ଖେଳାଳି ରିପ୍ଲେସ୍‌ମେଣ୍ଟ ନିୟମ ଲାଗୁ କରାଯିବା । ଭାରତୀୟ ୱିକେଟ କିପର ବ୍ୟାଟର ରିଷଭ ପନ୍ତ ଇଂଲଣ୍ଡ ଗସ୍ତ ବେଳେ ଆହତ ହୋଇଥିଲେ । ଲର୍ଡସ୍‌ଟେଷ୍ଟ ବେଳେ ୱିକେଟ୍‌କିପିଂ ବେଳେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା । ପୁଣି ମାଞ୍ଚେଷ୍ଟର ଟେଷ୍ଟରେ ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ଯେଉଁଥିପାଇଁ ତାଙ୍କୁ ଅଧାଖେଳରୁ ମଇଦାନ ଛାଡ଼ିବାକୁ ପଡ଼ିଥିଲା । ପନ୍ତଙ୍କ ଆହତ ହେବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିରେ ଟିମ୍ ଇଣ୍ଡିଆ ପାଇଁ ଚିନ୍ତା ବଢ଼ାଇଥିଲା ।

ତେଣୁ ବିସିସିଆଇ ଆଗାମୀ ଘରୋଇ ସିଜନ ପୂର୍ବରୁ ନୂଆ ନିୟମ ଘୋଷଣାକରିଛି । ଘରୋଇ କ୍ରିକେଟ୍‌ରେ ମଲ୍ଟି ଡେ' ମ୍ୟାଚ୍ ପାଇଁ ଗୁରୁତର ଆହତ ପରିବର୍ତ୍ତନ ନିୟମ ଲାଗୁ କରିବାକୁ ଯାଉଛି । ଏହି ନିୟମ ୨୦୨୫-୨୬ ସିଜନ୍‌ରୁ ଲାଗୁ ହେବ । ରିଷଭ ପନ୍ତଙ୍କ ଆହତ ସମସ୍ୟା ବିସିସିଆଇକୁ ଏହି ପଦକ୍ଷେପ ନେବାକୁ ବାଧ କରିଛି । ନୂଆ ନିୟମ ଅନୁସାରେ ଯଦି କୌଣସି ମ୍ୟାଚ୍‌ରେ ଗୁରୁତର ଆହତ କାରଣରୁ ଖେଳାଳିଙ୍କୁ ବାହାରିବାକୁ ପଡ଼େ, ତେବେ ଟିମ୍ ମ୍ୟାନେଜମେଣ୍ଟକୁ ସମାନ ଯୋଗ୍ୟତା ଥିବା ଖେଳାଳି ରିପ୍ଲେସ୍ କରିବାକୁ ଅନୁମତି ମିଳିବ । ଏଥିପାଇଁ ଚୟନ କମିଟି ଓ ମ୍ୟାଚ୍ ରେଫରୀଙ୍କ ମଞ୍ଜୁରୀ ନେବାକୁ ପଡ଼ିବ । ଏଭଳି ନିୟମ ଲାଗୁ ହେଲେ ଦଳର ରଣନୀତି ଉପରେ ପ୍ରଭାବ ପଡ଼ିବ ନାହିଁ ବରଂ ଖେଳର ସ୍ତର ବଜାୟ ରହିବ । ବିସିସିଆଇ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଧଳା ବଲ୍ ଟୁର୍ଣ୍ଣାମେଣ୍ଟ ଯଥା ସୟଦ ମୁସ୍ତାକ ଅଲ୍ଲୀ କିମ୍ବା ବିଜୟ ହଜାରେ ଟୁର୍ଣ୍ଣାମେଣ୍ଟରେ ଖେଳାଳି ରିପ୍ଲେସ୍‌ମେଣ୍ଟକୁ ଅନୁମତି ଦିଆଯିବ ନାହିଁ । କିନ୍ତୁ ଏହି ନିୟମ ସିକେ ନାଇଡୁ ଟ୍ରଫି ପାଇଁ ମଲ୍ଟି ଡେ ୧୯ ବର୍ଷରୁ କମ୍ ଟୁର୍ଣ୍ଣାମେଣ୍ଟରେ ଲାଗୁ ହେବ । ଆଇସିସି ନିୟମ ଅନୁସାରେ ଜଣେ ଖେଳାଳିଙ୍କ ମୁଣ୍ଡରେ ଆଘାତ ଲାଗିବା ପରେ ହିଁ ରିପ୍ଲେସ୍‌ମେଣ୍ଟ କରାଯାଇଥାଏ । ଯଦି କୌଣସି ଖେଳାଳି ଆହତ ହୋଇ ଦଳରୁ ବାହାରନ୍ତି, ତେବେ ସେ ୭ ଦିନ ପର୍ଯ୍ୟନ୍ତ କୌଣସି ମ୍ୟାଚ୍ ଖେଳିପାରିବେ ନାହିଁ ।

## ମେସୀଙ୍କ ଭାରତ ଗସ୍ତ ଚୂଡ଼ାନ୍ତ



ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଆର୍ଜେଣ୍ଟିନାର କିମ୍ବଦନ୍ତୀ ଫୁଟବଲ ଖେଳାଳି ଲିଓନେଲ୍ ମେସୀ ଭାରତ ଗସ୍ତରେ ଆସିବେ । ଭାରତର ଫୁଟବଲପ୍ରେମୀ ମେସୀଙ୍କୁ ଦେଖିବା ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ମେସୀ ତାଙ୍କର ୩ଦିନିଆ ଗସ୍ତ ଡିସେମ୍ବର ୧୨ରେ କୋଲାକାତାରୁ ଆରମ୍ଭ କରିବେ । ଜିଓ ଏଟି ଟୁର୍ ଅଫ୍ ଇଣ୍ଡିଆର ପ୍ରମୋଟର ଶତାଦ୍ରୁ ଦତ୍ତ କହିଛନ୍ତି । ୨୦୧୧ରେ ମେସୀ ଭାରତ ଗସ୍ତରେ ଆସିଥିଲେ । ଏଥର ସେ କୋଲକାତା, ଅହମ୍ମଦାବାଦ, ମୁମ୍ବାଇ ଓ ଦିଲ୍ଲୀ ଯିବେ । ମେସୀ ଏହି ୪ ସହରରେ ମାଷ୍ଟର କ୍ଲାସ୍‌ରେ ଭାଗ ନେବେ । କୋଲାକାତାରେ ପହଞ୍ଚିବା ପରେ ଅହମ୍ମଦାବାଦରେ ଡିସେମ୍ବର ୧୩ରେ ମିଟ୍ ଆଣ୍ଡ ଗ୍ରୀଟ୍ କାର୍ଯ୍ୟକ୍ରମରେ ଭାଗ ନେବେ ।

ଇଡେନ୍ ଗାର୍ଡେନ୍ କିମ୍ବା ସଲ୍ଟ ଲେକ୍ ଷ୍ଟାଡିୟମରେ ଜିଓ ଏଟି କନ୍‌ସର୍ଟ୍ ଓ ଜିଓଏଟି କପ ଆୟୋଜିତ ହେବ । ପ୍ରତି ଦଳରେ ୭ ଜଣ ଲେଖାଏଁ ଖେଳାଳି ରହିବେ । ସଫ୍ଟ ଟଚ୍ ଓ ସଫ୍ଟ ବଲ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିବେ । ଏଥିପାଇଁ ସର୍ବନିମ୍ନ ଟିକେଟର ମୂଲ୍ୟ ୩୫୦୦ ଟଙ୍କା ରଖାଯାଇଛି । ୧୪ରେ ମୁମ୍ବାଇରେ ସିସିଓଇ ବ୍ରାବୋନ୍‌ରେ ମୁମ୍ବାଇ ଜିଓ ଏଟି କପ୍ ଆୟୋଜିତ ହେବ । ମେସୀଙ୍କ ସହ ତେନ୍ଦୁଲକର, ଧୋନୀ, ରୋହିତ ଶର୍ମା କ୍ୟାପ୍‌ଟେନ୍ସ ମୁମେଣ୍ଟ ଆୟୋଜିତ ହେବ । ଏହାପରେ ଡିସେମ୍ବର ୧୫ରେ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ ମେସୀ । ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ମଧ୍ୟ ଏଟି କପ୍ ଆୟୋଜିତ ହେବ । ଏଥିରେ ବିରାଟ କୋହଲି, ଶୁଭମନ ଗିଲ୍ ସାମିଲ ହେବେ ।

## ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ : ନାଗପୁର ଚାମ୍ପିଅନ




କୋଣାର୍କ, ୧୬।୮ (ସବ୍ୟୁ) : ସାମାଜିକ ସଂଗଠନ ଜନମଙ୍ଗଳ ଯୁବ ସଂଗଠନ ଓ କୋଣାର୍କ ସ୍ପୋର୍ଟି ଏକାଡେମୀର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ରାଜ୍ୟର ୪ ଗୋଟି ବଛା ବଛା ଦଳକୁ ନେଇ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା ।

ଉଦଘାଟନୀ ସମାରୋହରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ଯୁବ ସମାଜସେବୀ ବିଶ୍ୱଭୂଷଣ ଦାସ, ଯୁବ କାଉନସିଲର ସୌମ୍ୟ ରଞ୍ଜନ ସାହୁ, ନିହାର ରଞ୍ଜନ ବେଉରା, ଜଗତସିଂହପୁର ସାଂସଦଙ୍କ କୋଣାର୍କ ଏନଏସି ପ୍ରତିନିଧି ମଙ୍ଗରାଜ ମୁଦୁଲି, ପୂର୍ବତନ କାଉନସିଲର ପ୍ରତାପ ଗୋଛାୟତ, ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷ ବିଶ୍ୱନାଥ ଖିଲାର, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ବିଚିତ୍ର କୁମାର ଚୌଧୁରୀ, ରାମଚଣ୍ଡୀ ଅଗ୍ନିଶମ ତାଲିମ କେନ୍ଦ୍ରର ଅଧକ୍ଷ ରଙ୍ଗାଧର ଆଚାର୍ଯ୍ୟ ଓ ଯୁବ ସମାଜସେବୀ ଶତ୍ରୁଜିତ ନାୟକ ପ୍ରମୁଖ ଯୋଗଦାନ କରିଥିଲେ ।

ଉଦଯାପନୀ ଉତ୍ସବରେ ବିଜୟୀ ଚନ୍ଦ୍ରଭାଗା ଦଳକୁ ୫୦୦୦/- ପୁରସ୍କାର ରାଶି ସହ ଚମ୍ପିୟାନ ଟ୍ରଫି ଓ ଉପବିଜେତା ନାଗପୁର ଦଳକୁ ୩୦୦୦/- ସହ ରନର୍ସପ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ରାଜ୍ୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ରେଫରୀ ଟୁନା ମିଶ୍ର ଓ ପ୍ରିୟରଞ୍ଜନ ସାହୁ ଖେଳ ପରିଚାଳନା କରୁଥିଲେ । ଏହି କାର୍ଯ୍ୟକ୍ରମକୁ ପୂର୍ବତନ କାଉନସିଲର ରଂଜିତ ରାଉତରାୟ, ପଦ୍ମଚରଣ ବେଉରା, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ସଂଗ୍ରାମ କେଶରୀ ସାହୁ, ଶିଶିର କୁମାର ସେଠ, ପ୍ରଶନ ମହାନ୍ତି, ସୁଜିତ ରାଉତରାୟ, ସ୍ୱାଧୀନ ନାୟକ, ବିପିନ ପରିଡା, ବିଶ୍ୱଜିତ ରାଉତରାୟ, ରମେଶ ସ୍ୱାଇଁ, ଗିରିଜା ବେଉରା, ଜିତେନ୍ଦ୍ର ଗୋଛାୟତ, ପିଙ୍କନ ପ୍ରସାଦ ଜେନା, ସୁଶାନ୍ତ ଶେଖର ପାଢ଼ୀ, ନୀଳମଣି ମହାନ୍ତି, ରଶ୍ମିରଂଜନ ବିଶ୍ୱାଳ, ସମ୍ପାଦକ ରମାକାନ୍ତ ଖଟୋଇ ଓ ସଭାପତି ଚନ୍ଦ୍ରଶେଖର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ସଫଳତା ସହ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

## ବ୍ରେଭିସଙ୍କୁ କିଣିବା ପାଇଁ ସିଏସ୍‌କେ କରିଥିଲା ଆର୍ଥିକ ହେରଫେର୍!

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଦ.ଆଫ୍ରିକାର ଷ୍ଟାର ବ୍ୟାଟର ଡେୱାଲ୍ଡ ବ୍ରେଭିସ୍ ଓ ଚେନ୍ନାଇ ସୁପର କିଙ୍ଗ୍ସକୁ ନେଇ ଅଶ୍ୱିନ ନିଜ ୟୁଟ୍ୟୁବ୍ ଚ୍ୟାନେଲକେର ବଡ଼ ଦାବି କରିଥିଲେ । ସେ କହିଥିଲେ ଯେ ବ୍ରେଭିସଙ୍କୁ ଟିମରେ ସାମିଲ କରିବା ପାଇଁ ସିଏସ୍‌କେ ଅଧିକ ଟଙ୍କା ଦେଇଥିଲା । ଅଶ୍ୱିନଙ୍କ ଏହି ବୟାନ ପରେ ଆଇପିଏଲ୍‌ର ରିପ୍ଲେସମେଣ୍ଟ ନିୟମରେ ଗଳାବାଟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ପୂର୍ବତନ କ୍ରିକେଟର ଆକାଶ ଚୋପ୍ରା ମଧ୍ୟ ଏପରି ହେବା ନେଇ ଆଶଂକା ପ୍ରକାଶ କରିଥିଲେ । ତେବେ ଚେନ୍ନାଇ ସୁପର କିଙ୍ଗ୍ସ ଶନିବାର ଦକ୍ଷିଣ ଆଫ୍ରିକୀୟ ବ୍ୟାଟର ବ୍ରେଭିସଙ୍କ ସହ ତାର ଚୁକ୍ତିକୁ ନେଇ ସ୍ପଷ୍ଟୀକରଣ ଦେଇଛି । ଉଲ୍ଲେଖଯୋଗ୍ୟ ଯେ ପୂର୍ବତନ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଏବେ ବି ସିଏସ୍‌କେ ଟିମ୍‌ରେ ଅଛନ୍ତି ।

ଚେନ୍ନାଇ ସୁପର କିଙ୍ଗ୍ସ ଆଇପିଏଲ୍ ୨୦୨୫ରେ ଫାଷ୍ଟ ବୋଲରଙ୍କ ବଦଳରେ ବ୍ରେଭିସଙ୍କୁ ଟିମରେ ସାମିଲ କରିଥିଲା । ଅଶ୍ୱିନ ଦାବି କରିଥିଲେ ଯେ ଚେନ୍ନାଇ ବ୍ରେଭିସଙ୍କୁ କିଣିବା ପାଇଁ ଅଧିକ ଟଙ୍କା ଦେଇଥିଲା । ବ୍ରେଭିସଙ୍କୁ ଚେନ୍ନାଇ ୨.୨ କୋଟି ଟଙ୍କାରେ କିଣିଥିଲା । ଅଶ୍ୱିନ କହିଥିଲେ ବ୍ରେଭିସ୍ ଏଜେଣ୍ଟ ଜରିଆରେ ଅଧିକ ଡିମାଣ୍ଡ କରିଥିଲେ, ଯାହାକୁ ଚେନ୍ନାଇ ପୂରଣ କରିଥିଲା । ଏବେ ସିଏସକେ ଏହି ଦାବିକୁ ଖଣ୍ଡନ କରି ରିପ୍ଲେସମେଣ୍ଟ ଆଇପିଏଲ୍ ନିୟମ ଅନୁସାରେ ହୋଇଛି ବୋଲି କହିଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି